ନିର୍ଭୀକ ଆମ

# ସମବାୟ ସମ୍ବାଦ

NIRBHIKA AMA SAMABAYA SAMBAD

R.N.I. REGD. NO: ORORI/25/A2124

● Vol -1 ● Issue - 2 ● January 01 - 15, 2026 ● Bhubaneswar ● Rs. 5 ● Pages - 08 ● Fortnightly ● ଭାଗ-୧ ● ସଂଖ୍ୟା-୨ ● ଜାନୁୟାରୀ ୦୧ - ୧୫, ୨୦୨୬ ● ଭୁବନେଶ୍ୱର ● ମୂଲ୍ୟ ୫.୦୦ ଟଙ୍କା ● ପୃଷ୍ଠା ସଂଖ୍ୟା -୦୮ ● ପାକ୍ଷିକ

# ଧାନ ସଂଗ୍ରହ ସ୍ଥିତି ସୁଧୁରିବ କେମିତି ?




ସମ୍ବଲପୁର: ଏତେ ଶୀଘ୍ର ସୁଧୁରିବ ନାହିଁ ରାଜ୍ୟର ଧାନ ସଂଗ୍ରହ ସ୍ଥିତି। ଚଳିତ ବର୍ଷ ଖରିଫ ଧାନ ସଂଗ୍ରହ ଗୋଟିଏ ମାସ ଅତିକ୍ରାନ୍ତ ହୋଇସାରିଛି। କିନ୍ତୁ ଗତବର୍ଷର ୧୭% କଷ୍ଟମ୍ ମିଲିଂ ଚାଉଳ ମିଲ୍‌ମାନଙ୍କଠାରୁ ଫେରିବା ବାକି ରହିଛି। କଟକ, ଜଗତସିଂହପୁର, ସୁନ୍ଦରଗଡ଼ ବ୍ୟତୀତ ଅନ୍ୟ କୌଣସି ଜିଲ୍ଲା ବର୍ତ୍ତମାନ ପର୍ଯ୍ୟନ୍ତ ଶତପ୍ରତିଶତ ଚାଉଳ ଜମା କରିନାହାନ୍ତି। ମନ୍ଥର ଗତିରେ ଚାଲିଛି କଷ୍ଟମ୍ ମିଲିଂ ଚାଉଳ ଜମା। ବର୍ଷେରୁ ଅଧିକ ସମୟ ହେଲା ଏଭଳି ସ୍ଥିତି ଜାରି ରହିଛି। ଏଥିଯୋଗୁଁ ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ପ୍ରଭାବିତ ହେବା ନେଇ ପୂର୍ବରୁ ଯେଉଁ ଅନୁମାନ କରାଯାଉଥିଲା, ବର୍ତ୍ତମାନ ଏହା ସତ ପ୍ରମାଣିତ ହୋଇଛି। ଅଧିକାଂଶ ସ୍ଥାନରେ ମିଲ୍‌ମାନେ ଚୁକ୍ତିନାମା ସ୍ୱାକ୍ଷର କଲେ ନାହିଁ। ଫଳରେ ମଣ୍ଡିରେ ଧାନ ପଡ଼ିରହିଲା।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତକ୍ଷେପ ପରେ ଏହି ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। କିନ୍ତୁ ସମସ୍ୟାର ସମ୍ପୂର୍ଣ୍ଣ ସମାଧାନ ହୋଇ ପାରିନାହିଁ। କଷ୍ଟମ୍ ମିଲିଂ ଚାଉଳ ଜମାର ମନ୍ଥର ଗତିର ସର୍ବାଧିକ ଉଦ୍‌ବେଗଜନକ ଚିତ୍ର ବରଗଡ଼, ସମ୍ବଲପୁର, ପୁରୀ, କନ୍ଧମାଳ, ସୁବର୍ଣ୍ଣପୁର ଜିଲ୍ଲାରେ ରହିଛି। ବରଗଡ଼ରେ ବର୍ତ୍ତମାନ ବି ଆହୁରି ୩୫%, ପୁରୀ ୨୪%, ସମ୍ବଲପୁର ୨୩%, କନ୍ଧମାଳ ୨୩%, ସୁବର୍ଣ୍ଣପୁରରେ ୨୩% ଚାଉଳ ଜମା ହୋଇ ପାରିନାହିଁ। ଖରିଫ-୨୪ କଷ୍ଟମ୍ ମିଲିଂ ଚାଉଳ ଜମାର ବିଭିନ୍ନ ଜିଲ୍ଲାର ସ୍ଥିତି ହେଲା, କଳାହାଣ୍ଡିରେ ୭୯%, ବାଲେଶ୍ୱର ୮୭%, ବଲାଙ୍ଗୀର ୮୩%, ଗଞ୍ଜାମ ୮୮%, କୋରାପୁଟ ୭୯%, ମାଲକାନଗିରି ୮୬%, ନବରଙ୍ଗପୁର ୮୨%, ନୟାଗଡ଼ ୮୬%, ଢେଙ୍କାନାଳ ୮୦%, ଖୋର୍ଦ୍ଧା ୭୯%, ମାଲକାନଗିରି ୮୬% ରହିଛି। କେବଳ ୧୧ ଜିଲ୍ଲାରେ କଷ୍ଟମ୍ ମିଲିଂ ଚାଉଳ ୯୦ ପ୍ରତିଶତରୁ ଅଧିକ ଜମା ହୋଇସାରିଛି।

ଖାଦ୍ୟ ନୀତି ଅନୁଯାୟୀ କେନ୍ଦ୍ର ସରକାରଙ୍କ ଏଜେଣ୍ଟ ଭାବରେ ରାଜ୍ୟ ସରକାର ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥାନ୍ତି। ଟ୍ୟାଗ୍ ହୋଇଥିବା ମିଲରମାନେ ଏହି ଧାନ ନେଇ ୩ ମାସ ମଧ୍ୟରେ ଚାଉଳ ଏଫ୍‌ସିଆଇ ଓ ଯୋଗାଣ ନିଗମକୁ ଫେରାଇଥାନ୍ତି। ମିଲ୍ ଶତପ୍ରତିଶତ ଚାଉଳ ଦେବା ପରେ ହିଁ ପରବର୍ତ୍ତୀ ଖରିଫ କିମ୍ବା ରବିର ଧାନ ନେଇଥାଏ। ମାତ୍ର ଗତ କିଛିବର୍ଷ ହେଲା ମିଲରମାନଙ୍କ ପକ୍ଷରୁ କଷ୍ଟମ୍ ମିଲିଂ ଚାଉଳ ପ୍ରଦାନ ଅତି ମନ୍ଥର ଗତିରେ ଚାଲୁଛି। ଏଥିପାଇଁ ସେମାନେ ଏଫ୍‌ସିଆଇକୁ ଦାୟୀ କରୁଛନ୍ତି। ଧାନ ସଂଗ୍ରହରେ ସମସ୍ୟା ସୃଷ୍ଟି କରୁଛନ୍ତି। ଯୋଗାଣ ନିଗମର ସୂଚନା ଅନୁସାରେ, କଷ୍ଟମ୍ ମିଲିଂରେ ୬୨ ଲକ୍ଷ ୮୨ ହଜାର ୦୩୬ ମେଟ୍ରିକ ଟନ୍ ଚାଉଳ ଜମା ହେବା କଥା। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ୫୨.୭୫ ଲକ୍ଷ ମେଟ୍ରିକ ଟନ୍ ଜମା ହୋଇଛି। ବାକି ୧୦.୫୪ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଜମା ହେବାକୁ ବାକି ରହିଛି। ବର୍ତ୍ତମାନ ସ୍ଥିତି ଏଭଳି ହୋଇଥିବାରୁ ଆଗାମୀ ଦିନରେ ଅବସ୍ଥା ଆହୁରି ଖରାପ ହେବାର ଆଶଙ୍କା ରହିଛି।

## କଟନି ଛଟନି ବିବାଦକୁ ନେଇ ମଣ୍ଡିରୁ ୨ରୁ ୩ଦିନ ପରେ ଉଠୁଛି ଧାନ



ନବରଙ୍ଗପୁର: ସ୍ୱଚ୍ଛତା ରକ୍ଷା କରି ଏଫଏକ୍ୟୁର ଧାନ କିଣ ବୋଲି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାରେ କଟନିଛଟନି ବିବାଦ ପାଇଁ ଜିଲ୍ଲାର ୫୮ଟି ମଣ୍ଡିରେ ଧାନ କିଣିବାର ଦିନକ ପରେ ଉଠୁନି। ଚାଷୀଙ୍କ ସହ କୌଣସି ସିଧାସଳଖ ସମ୍ପର୍କ ନଥିବା ମିଲର୍ସମାନେ ମଧ୍ୟସ୍ଥି ଓ ଦଲାଲଙ୍କ ଜରିଆରେ କଟନିଛଟନି ବିବାଦ କରି ଧାନ ଉଠାଇବାରେ ବିଳମ୍ବ କରୁଛନ୍ତି। ଧାନ କିଣାରେ ମିଲର୍ସଙ୍କ ଭୂମିକା ନଥିବା ବେଳେ କଟନିଛଟନି ସେମାନେ କାହିଁକି କରୁଛନ୍ତି ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଧାନ କ୍ରୟକାରୀ ସଂସ୍ଥା ଲ୍ୟାମ୍ପସ, ଏସଏଚଜି ଓ ପାଣିପଂଚାୟତ ନିଜ ଭୂମିକା ନିଭାଉ ନଥିବା ଅଭିଯୋଗ ଚାଷୀ କରିଛନ୍ତି।

ଗତ ୧୭ ତାରିଖରୁ ନବରଂଗପୁର ଜିଲ୍ଲାରେ ମଣ୍ଡି ଆରମ୍ଭ ହୋଇଥିବା ବେଳେ ଆଜି ସଂଧ୍ୟା ଯାଏଁ ୧୪୧୦ ଚାଷୀଙ୍କ ଠାରୁ ୬୦୧୬୭ କୁଇଣ୍ଟାଲ ଧାନ କିଣା ସରିଥିବା କହିଛନ୍ତି ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି। ଜିଲ୍ଲାରେ ୯୫ହଜାର ହେକ୍ଟର ଜମିରେ ଖରିଫ ଧାନ ଚାଷ ହୋଇଛି। ୫୮ଟି ମଣ୍ଡିରେ ଧାନ ବିକ୍ରି କରିବାକୁ ଜିଲ୍ଲାର ୧୩ଟି କ୍ରୟକାରୀ ସଂସ୍ଥା ଲ୍ୟାମ୍ପରେ ୨୨ହଜାର ୨୨୧ଜଣ, ୪୪ଟି ଏସ୍ଏଚ୍‌ଜିରେ ୨୬ହଜାର ୫୧୬ଜଣ ଓ ୨ଟି ପାଣି ପଂଚାୟତ ଜରିଆରେ ୨୧୮୨ଜଣ ଏଭଳି ୫୦ହଜାର ୯୧୯ଜଣ ଚାଷୀ ପଂଜୀକରଣ କରିଥିଲେ ବୋଲି କହିଛନ୍ତି ସିଏସଓ।

ଧାନ ବିକ୍ରି କରିବାକୁ ୪୧୫୫୬ ଚାଷୀ ଯୋଗ୍ୟ ତେବେ ଧାନ ଜମିର ପ୍ଲଟ ଯାଂଚ ଚାଲିଥିବାରୁ ଏଯାଏଁ ଧାନ ବିକ୍ରି କରିବାକୁ ୪୧୫୫୬ ଚାଷୀ ଯୋଗ୍ୟ। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାରେ ୧୪ଲକ୍ଷ ୮୮ହଜାର କୁଇଣ୍ଟାଲ ଧାନ କିଣାଯିବ। ଧାନ ନେଇ ଚାଉଳ ଦେବାକୁ ଥିବା ଜିଲ୍ଲାର ୮୨ଟି ମିଲର୍ସଙ୍କ ମଧ୍ୟରୁ ୭୭ଟି ମିଲର୍ସଙ୍କ ସହ ଜିଲ୍ଲା ଯୋଗାଣ ବିଭାଗର ଚୁକ୍ତିନାମା ହୋଇଛି। ଦୀର୍ଘ ଦିନ ହେବ ଧାନ କାଟି ବହୁ ଚାଷୀ ଧାନ ମଳି ଘରେ ଜମା କରି ରଖିଥିଲେ। ମଣ୍ଡି ହେଉନଥିବା ଦେଖି ମିଲର୍ସ, ମଧ୍ୟସ୍ଥ ଓ ଦଲାଲଙ୍କ ଜରିଆରେ ଛତିଶଗଡ଼ ଓ ଆନ୍ଧ୍ର ପଠାଉଥିଲେ। ଛତିଶଗଡ଼ରେ ବାହାର ରାଜ୍ୟର ଧାନ ଆସିଲେ ତୁରନ୍ତ ଜବତ କରୁଥିବାରୁ ସେଠାକୁ ଆଉ ଯିବା ବନ୍ଦ ହୋଇଛି।

ଅପରପକ୍ଷରେ ଏବେ ଆରମ୍ଭ ହୋଇଥିବା କଟନିଛଟନି ବିବାଦ ପରେ ଜିଲ୍ଲାର ୩ଜଣ ବଡ଼ ଧାନ ବ୍ୟବସାୟୀ ଏଠାରୁ ଧାନ କିଣି ଆନ୍ଧ୍ର ପଠାଇବାକୁ ଯୋଜନା କରିଥିବା ସୂଚନା ମିଳିଛି। ଜିଲ୍ଲାରେ ଏବେ ମିଲର୍ସ ମାନେ ୫କିଲୋ କଟନିଛଟନି ପାଇଁ ଦାବି କରୁଛନ୍ତି। ଏସବୁ ବିବାଦ ମଧ୍ୟରେ ବଡ଼ବଡ଼ ଚାଷୀ ନେତା ଓ ବଡ଼ ଚାଷୀଙ୍କ ଧାନ ମିଲର୍ସଙ୍କ ନିକଟରେ ବିନା କାଗଜପତ୍ର ଓବିବାଦରେ ପହଚିଂସାରିଛି। ଏସବୁ ବିବାଦ ଶୁଣିବା ପରେ ଆଜି ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ନିଜେ ସାନମସିଗାଁ ଓ ବଡମସିଗାଁ ମଣ୍ଡିକୁ ଯାଇ ନିଜେ ତଦାରଖ କରିଥିଲେ। ମଣ୍ଡିରେ ଦୁଇରୁ ତିନି ଦିନ ଧରି ଧାନ ଜମା ହୋଇଥିବା ଚାଷୀମାନେ କହିବା ଏବଂ ପ୍ରବଳ ଥଣ୍ଡାରେ ସେମାନେ ରହୁଥିବା ଜାଣି ତୁରନ୍ତ କ୍ରୟକାରୀ ସଂସ୍ଥାମାନେ ମିଲର୍ସଙ୍କୁ ଉଠାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ଯୋଗାଣ କାର୍ଯ୍ୟାଳୟରେ ଥିବା କଣ୍ଟ୍ରୋଲ ରୁମକୁ ଯାଇ ତଦାରଖ କରିଥିଲେ। ଚାଷୀମାନେ ହଇରାଣ ହେବା ଅଭିଯୋଗ ଆସିଲେ ସେ ପଦକ୍ଷେପ ନେବାକୁ ବାଧ ହେବେ ବୋଲି ଚେତାବନୀ ଦେଇଥିଲେ।

## ଚାଷକୁ ମୁହାଁଇଲେଣି ଯୁବପିଢ଼ି

ରାଉରକେଲା: 'ଚାଷ କାମ ଯାହାର କେତେ ସୁଖ ତାହାର' ଏହି ଉକ୍ତି କିଛି ବର୍ଷ ପୂର୍ବେ ଫିକା ପଡ଼ିଯାଇଥିଲା। ଚାଷକୁ ବୃତ୍ତି କରିବା କଥା କହିଲେ ପାଠୁଆ ଯୁବପିଢ଼ି ମୁହଁ ମୋଡୁଥିଲେ। କହୁଥିଲେ, ପାଠ ପଢ଼ି ବିଲରେ ହଳ ବୁଲେଇବୁ ? ପାଣିକାଦୁଅରେ ପଶି ଝାଳ ବୁହାଇବୁ ? କେତେ ବା ରୋଜଗାର ହେବ ? ଏବେ କିନ୍ତୁ ଆଧୁନିକ ପ୍ରଣାଳୀର ଚାଷ ସାଙ୍ଗକୁ ଉନ୍ନତ ବୈଷୟିକ କୌଶଳ ଚାଷକୁ ଅନେକାଂଶରେ ଏକ ଲାଭଦାୟକ ପେସାରେ ପରିଣତ କରିଛି। ଇତିମଧ୍ୟରେ ବହୁ ଉଚ୍ଚଶିକ୍ଷିତ ଏବେ ଚାଷକୁ ବୃତ୍ତି ଭାବେ ଆପଣାଇ ଭଲ ରୋଜଗାର କରି ପାରୁଛନ୍ତି। ସରକାର ବି ଏବେ ଲାଭଦାୟକ ଚାଷଙ୍କୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ପୂର୍ବରୁ ଜମି କର ଦେଇ ଦେଉଥିବା ବେଳେ ଏବେ ଉକ୍ତ ଜମିକୁ ନିଜେ ଚାଷ କରିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ପ୍ରକାଶ ପାଉଛି। ଘରକୁ ଲାଗିଥିବା ଛୋଟିଆ ବାଗିଚା ଖଣ୍ଡକରେ ବି ଲୋକେ ବିଭିନ୍ନ ପ୍ରକାର ଫସଲ କରି ସାରବିହୀନ ପନିପରିବା ପାଇ ପାରୁଛନ୍ତି। ଚାଷୀଘର ଛୁଆ ମୁଁ। ମୋର ହେତୁ ପାଇଲା ଦିନ ଠାରୁ, ଧାନ, ଗହମ ଓ ପରିବା ଚାଷ କରୁଛି। ବର୍ଷକୁ ୧୦୦କୁଇଣ୍ଟାଲ ପାଖାପାଖି ଧାନ ବିକ୍ରି କରି ଭଲ ଆୟ କରି ପାରୁଛି। ଲ୍ୟାମ୍ପରେ ମୁଁ କ୍ରମାଗତ ଭାବେ ୧୫/୨୦ବର୍ଷ ହେବ ନିର୍ଦ୍ଦେଶକ ଅଛି। ମୁଁ ପ୍ରତ୍ୟେକ ଚାଷୀଙ୍କ ସୁବିଧା ଅସୁବିଧା ବୁଝିଥାଏ।

## ଯୋଗାଣ ମନ୍ତ୍ରୀଙ୍କ ବଡ଼ ଘୋଷଣା: ମାର୍ଚ୍ଚ ପର୍ଯ୍ୟନ୍ତ ଚାଲିବ ଧାନକିଣା

ଭୁବନେଶ୍ୱର: ଚଳିତ ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ମଣ୍ଡିରେ ଧାନକିଣା ଚାଲିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଘୋଷଣା କରିଛନ୍ତି। ସେ ପ୍ରତିକ୍ରିୟା ଦେଇ କହିଛନ୍ତି, ଏପର୍ଯ୍ୟନ୍ତ ୧୦ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ ଧାନ କିଣା ଯାଇଛି। ସେଥିମଧ୍ୟରୁ ୨ ଲକ୍ଷ ୩୦ ହଜାର ଚାଷୀ ଧାନ ବିକିଥିବାବେଳେ ୧୮ଟି ଜିଲାରେ ଏବେ ବି ଧାନକିଣା ଜାରି ରହିଛି। ୧୧ ଲକ୍ଷ ଚାଷୀଙ୍କୁ ଟୋକନ ଦିଆଯିବା ସହ ଚାଷୀଙ୍କ ଆକାଉଣ୍ଟକୁ ୨୩୫୦ କୋଟି ଟଙ୍କା ଯାଇଥିବା ମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, ଚଳିତବର୍ଷ ସବୁ ଚାଷୀଙ୍କ ଧାନ କିଣାଯିବ।



## ଖୋଲିନି ମଣ୍ଡି: ଗାଁରେ ବୁଲୁଛନ୍ତି ପଶ୍ଚିମବଙ୍ଗର ବ୍ୟବସାୟୀ



ଭଦ୍ରକ:ଭଦ୍ରକଜିଲ୍ଲା ଏକ କୃଷି ପ୍ରଧାନ ଜିଲ୍ଲା। ଏହି ଜିଲ୍ଲାରେ ୮୫ ପ୍ରତିଶତ ଚାଷୀ ଧାନ ଚାଷ କରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ଏହା ଭିତରେ ଜିଲ୍ଲାରେ ଧାନ କଟା ଶେଷ ହୋଇଯାଇଥିବା ବେଳେ ଚାଷୀ ତାର ଧାନ ବିକ୍ରି କରିବା ପାଇଁ ସରକାରୀ ମଣ୍ଡି ଖୋଲି ନାହିଁ। ଆସନ୍ତା ୫ ତାରିଖରେ ସରକାରୀ ଧାନ ମଣ୍ଡି ଖୋଲିବ ବୋଲି ପ୍ରଶାସନ ପକ୍ଷରୁ ନିଷ୍ପତ୍ତି କରାଯାଇଥିବା ବେଳେ ଧାନ ଅମଳ ଅତିଥିବା ଚାଷୀଙ୍କ ଧାନ ବୋହି ନେଇ ଗଲେଣି ବଙ୍ଗ ବେପାରୀ।

ଅନଲାଇନ୍ ପଞ୍ଜୀକରଣ କରି ଚାଷୀ ଧାନ ବିକ୍ରି କରିବାକୁ ଚାହୁଁ ଥିବା ବେଳେ ମଣ୍ଡି ଖୋଲି ନଥିବା ଓ ଅନେକ ଚାଷୀଙ୍କୁ ଧାନ ବିକ୍ରି କରିବା ପାଇଁ ଟୋକନ ନମିଳିବା ଦୁଃଖର କଥା ହୋଇଛି। ବାହାର ବେପାରୀ ଏହାର ସୁଯୋଗ ନେଇ ଚାଷୀଙ୍କ ଠାରୁ କୁଇଣ୍ଟାଲ ପ୍ରତି ୧୫୦୦ରୁ ୧୯୦୦ ଟଙ୍କାରେ ଧାନ ଉଠାଇ ନେଉଛନ୍ତି। ଚାଷୀ ଅଭାବୀ ଧାନ ବିକ୍ରିର ଶୀକାର ହେଉଛନ୍ତି। ଅନେକ ଗରିବ ଚାଷୀ ସେମାନଙ୍କର ଘରୋଇ ଖର୍ଚ୍ଚ ପାଇଁ ସରକାରୀ ମଣ୍ଡି ଖୋଲିବା ପର୍ଯ୍ୟନ୍ତ ଅପେଖା ନକରି ଏହି ବାହାର ବେପାରୀଙ୍କୁ ସେମାନଙ୍କର ଧାନ ଟେକି ଦେବାକୁ ବାଧ ହୋଇଛନ୍ତି।

ପ୍ରକାଶ ଥାଉକି ଜିଲ୍ଲାରେ ୧୦୫ଟି ସମବାୟ ସଂସ୍ଥା ଓ ୫୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ମାଧ୍ୟମରେ ଏଥର ଧାନ କିଣା ଯିବା ପାଇଁ ଯୋଜନା କରାଯାଇଛି। ଏହି ମଣ୍ଡିରେ ଚାଷୀ ସରକାରଙ୍କ ଧାର୍ଯ୍ୟ ମୂଲ୍ୟରେ କୁଇଁଣ୍ଟାଲ ପ୍ରତି ୩୧ ଶହ ୮୦ ଟଙ୍କାରେ ଧାନ ବିକ୍ରି କରିବା ପାଇଁ ଘୋଷଣା ହୋଇଛି। ସରକାରୀ ମଣ୍ଡିରେ ଏହି ମୂଲ୍ୟରେ ଚାଷୀ ଧାନ ବିକ୍ରି କରିବା ପୂର୍ବରୁ ଚାଷୀ ଆନ୍ଧ୍ର ଓ ବଙ୍ଗ ବେପାରୀଙ୍କୁ ଧାନ ଟେକି ଦେଲେନି। ଯେଉଁ ଚାଷୀ ଆଗୁଆ ବାହାର ଦଲାଲଙ୍କ ଜରିଆରେ ଧାନ ବିକ୍ରି କରୁଛନ୍ତି। ସେମାନେ ଅଭାବୀ ବିକ୍ରିର ଶୀକାର ହେଲେଣି। ସରକାରୀ ଭାବରେ ଧାନ କିଣା ତାରିଖ ଆଗୁଆ କରୁଥିଲେ ଚାଷୀଙ୍କୁ ଅଭାବୀ ଧାନ ବିକ୍ରିର ଶିକାର ହେବାକୁ ପଡ଼ିନଥାନ୍ତା। ଭଦ୍ରକ ଜିଲ୍ଲାରେ ଡିସେମ୍ବର ପ୍ରଥମ ସପ୍ତାହରୁ ଚାଷୀ ଧାନ କାଟିବା ଆରମ୍ଭ କରିଥିଲେ। ଧାନ କଟା ଶେଷ ହୋଇଥିବା ବେଳେ ଧାନ ବିକ୍ରି ଆରମ୍ଭ ନହେବା ପରିତାପର ବିଷୟ ହୋଇଛି।

ଆଜି ପର୍ଯ୍ୟନ୍ତ ମଣ୍ଡି ଖୋଲା ନଯିବା କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଜିଲ୍ଲାରେ ଆହୁରି ଅନେକ ଚାଷୀ ଧାନ ଅମଳ କରି ଖଳାରେ ରଖିଛନ୍ତି। ଚାଷୀମାନେ ତୁରନ୍ତ ଧାନ ମୁଣ୍ଡି ଖୋଲିବାକୁ ଦାବି କରି ଥିବା ବେଳେ ଚାଷୀଙ୍କର ଏଭଳି ଅବସ୍ଥା ପାଇଁ ତୁରନ୍ତ ବ୍ୟବସ୍ଥା କରନ୍ତୁ ବୋଲି ଜିଲ୍ଲା ନବନିର୍ମାଣ କୃଷକ ସଂଗଠନର ସଂଯୋଜକ ତ୍ରିଲୋଚନ ପଣ୍ଡା, କୃଷକ ନେତା ଚନ୍ଦ୍ର ଶେଖର ନାୟକ ପ୍ରମୁଖ ଦାବି କରିଛନ୍ତି।

## ଉଦ୍‌ଘାଟନରେ ସୀମିତ ମଣ୍ଡି, ଉଠୁନାହିଁ ମୁଠାଏ ଧାନ !

ଝରିଗାଁ:ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକର ଧାନ ଚାଷୀଙ୍କ ଧାନ କିଣିବା ପାଇଁ ପ୍ରଶାସନ ପକ୍ଷରୁ ବ୍ଲକରେ ମଣ୍ଡି ଖଲାଯାଉଛି। ଗତ ବୁଧବାର ଦିନ ପ୍ରଥମେ ଚଚା ଗ୍ରାମରେ ମଣ୍ଡି ଉଦ୍‌ଘାଟନ ହୋଇଥିବା ବେଳେ ଶୁକ୍ରବାର ଦିନ ଚାଟିଗୁଡ଼ା, ଶନିବାର ଦିନ ବେଲଗାଁ, ରବିବାର ଦିନ ଧେଡ଼ା, ଆଜି ଝରିଗାଁ ଠାରେ ଏବଂ ମଙ୍ଗଳବାର ଦିନ ଏକାମ୍ବା ଠାରେ ଉଦ୍‌ଘାଟନ ହେବ ବୋଲି ସୂଚନା ମିଳିଛି। ତେବେ ନଡ଼ିଆ ଭାଙ୍ଗି ଉଦ୍‌ଘାଟନରେ ସୀମିତ ରହିଯାଇଛି ଝରିଗାଁ ଧାନ ମଣ୍ଡି। ଆଜି ପର୍ଯ୍ୟନ୍ତ କୌଣସି ଧାନ ମଣ୍ଡିରେ ଚାଷୀଙ୍କ ଠାରୁ ମୁଠାଏ ଧାନ ପ୍ରଶାସନ ପକ୍ଷରୁ କିଣା ଯାଇନାହିଁ। ଯଦି ମଣ୍ଡିରେ ଚାଷୀଙ୍କ ଧାନ କିଣା ଯାଉନାହିଁ ତେବେ ପ୍ରଶାସନ ପକ୍ଷରୁ ନଡ଼ିଆ ଭାଙ୍ଗି ଉଦଘାଟନ କରିବାର ଆବଶ୍ୟକ ମଧ୍ୟ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନ ମଣ୍ଡି ଖଲିବା ବିଳମ୍ବ ସହ ମଣ୍ଡିରେ ଧାନ କିଣିବା ବିଳମ୍ବ ଯୋଗୁଁ କ୍ଷୁଦ୍ର ଚାଷୀ ମାନେ ଖଲା ବଜାରରେ କମ୍ ଦରରେ ଧାନ ବିକ୍ରି କରିଦେଉଛନ୍ତି। ବେପାରୀ ମାନେ କମ୍ ଦରରେ ଚାଷୀଙ୍କ ଠାରୁ ଧାନ କିଣି ଛତିଶଗଡ଼ରେ ବିକ୍ରି କରୁଥିବା ଅଭିଯୋଗ ହୋଇଛି।



ପ୍ରକାଶ ଯେ ଚଳିତ ବର୍ଷ ଝରିଗାଁ ଲେମ୍ପସ ସହ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ମଣ୍ଡିରୁ ଧାନ କ୍ରୟ କରିବା ପାଇଁ ଅନୁମତି ମିଳିଛି। ଝରିଗାଁ ବ୍ଲକର ଲେମ୍ପସ ଓ ଦୁଇଟି ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ପ୍ରାୟ ୩ ହଜାର ଚାଷୀ ପଞ୍ଜୀକରଣ କରିଥିବା ଜଣାପଡିଛି। ସେହିପରି ଆରଏମସି ପକ୍ଷରୁ ଧାନ ମଣ୍ଡି ଗୁଡିକରେ ଆନୁଷଙ୍ଗିକ ବ୍ୟବସ୍ଥା ହୋଇନଥିବା ଅଭଯୋଗ ହୋଇଛି।

ଆଜି ଝରିଗାଁ ଧାନ ମଣ୍ଡି ଉଦଘାଟନ ସମୟରେ ଝରିଗାଁ ଯୋଗାଣ ନିରୀକ୍ଷକ ସଚିନ ମୟୀ ରଥ, ଲେମ୍ପସ ପରିଚାଳନା ନିର୍ଦ୍ଦେଶକ ନରସିଂହ ଗୌଡ଼, ଲେମ୍ପସ ସଭାପତି ଲଛମା ଗଣ୍ଡ,ଉପ ସଭାପତି ଭକଚନ୍ଦ ନାୟକ, ଚାଷୀ ନରସିଂହ ଦଳେଇ, ସମ୍ବାରୁ ପ୍ରଧାନୀ, ମାଧବ କଳାର, ରବି ନାୟକ, ପରମ ଗୌଡ଼ ପ୍ରମୁଖ ସହ ବହୁ ଚାଷୀ ଉପସ୍ଥିତ ଥିଲେ।

## ଉଚିତ୍ ମୂଲ୍ୟରେ ମକା ଓ ମଣ୍ଡିରେ ଧାନ ବିକ୍ରି ନେଇ ଆନ୍ଦୋଳନ

ଝରିଗାଁ: ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକରେ ୯୦ ପ୍ରତିଶତ ଲୋକ ଚାଷ କରୁଥିବା ବେଳେ ପ୍ରାୟ ଚାଷୀ ମକା ଚାଷ କରି ଭଲ ରୋଜଗାର କରୁଥିଲେ। ଗତବର୍ଷ ତୁଳନାରେ ଚଳିତ ବର୍ଷ ମକା ଦର ଢେର କମି ଯାଇଛି। ଗତବର୍ଷ ଚାଷୀମାନେ ମକା କ୍ୟୁଣ୍ଟାଲ ପିଛା ୨୩ଶହ ଟଙ୍କାରେ ବିକ୍ରି କରିଥିବା ବେଳେ ଚଳିତ ବର୍ଷ ମକା ମାତ୍ର ୧୭ ଶହ ଟଙ୍କା ରହିଥିବା ଜଣାପଡ଼ିଛି। କ୍ୟୁଣ୍ଟାଲ ପିଛା ପ୍ରାୟ ୬ଶହ ଟଙ୍କା ମକା ଚାଷୀଙ୍କୁ କ୍ଷତି ସହିବା ପାଇଁ ପଡୁଛି। ସେହିପରି ମଣ୍ଡିରେ ଚାଷୀଙ୍କ ଠାରୁ ଧାନ କ୍ରୟ ହେଉନାହିଁ। କ୍ୟୁଣ୍ଟାଲ ପିଛା ୬ଶହ ଟଙ୍କା କ୍ଷତି ସହୁଛନ୍ତି ମକା ଚାଷୀ ପ୍ରଶାସନ ପକ୍ଷରୁ ଚାଷୀଙ୍କ ମକାକୁ ଉଚିତ ମୂଲ୍ୟରେ ବିକ୍ରି ପାଇଁ କୌଣସି ବ୍ୟବସ୍ଥା ହୋଇ ନଥିବା ଯୋଗୁଁ ଉଚିତ ମୂଲ୍ୟରେ ମକା ବିକ୍ରି ପାଇଁ ବ୍ୟବସ୍ଥା କରିବା ସହ ଧାନ ମଣ୍ଡିରେ ଧାନ କ୍ରୟ ପାଇଁ ପ୍ରଶାସନକୁ ସମୟ ମଧ୍ୟ ଦିଆଯାଇଥିଲା। ତେବେ ସମୟ ସୀମା ମଧ୍ୟରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାନଯିବା ଯୋଗୁଁ ସୋମବାର ଝରିଗାଁ ବ୍ଲକ କୃଷକ ମହାସଂଘ ପକ୍ଷରୁ ଆନ୍ଦୋଳନ ଜରଦାର କରାଯାଇଛି। ଯେଉଁ ଦିନ ପର୍ଯ୍ୟନ୍ତ ଚାଷୀଙ୍କ ମକା ଉଚିତ ମୂଲ୍ୟରେ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା ହୋଇ ନାହିଁ ଏବଂ ଧାନ ମଣ୍ଡିରେ ସମସ୍ତ ଚାଷୀଙ୍କ ଧାନ କ୍ରୟ ହୋଇ ନାହିଁ ସେହି ଦିନ ପର୍ଯ୍ୟନ୍ତ ଅଖ ଚକ ବନ୍ଦ ରହିବ ବୋଲି ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଚେତାବନୀ ଦେଇଛନ୍ତି।

## ମକା ମଣ୍ଡି ଖୋଲିବାକୁ ଚାଷୀ, ଜନ ପ୍ରତିନିଧିଙ୍କ ଦାବି



ନବରଙ୍ଗପୁର: ଜିଲ୍ଲାର ୧୦ଟି ବ୍ଲକରେ ମକା ୩୦ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଦ୍ୱାରା ଜଙ୍ଗଲ ଜମି ଓ ଅନ୍ୟ ରାଜସ୍ୱ ସରକାରୀ ଜବରଦଖଲ ଜମି ଆଦିରେ ପ୍ରାୟ ଦେଢ଼ ଲକ୍ଷ ହେକ୍ଟରରେ ଚାଷ ହେଉଛି। ଚାଷ କରାଯାଉଛି । ତେବେ ଏତେ ପରିମାଣର ମକାଚାଷକୁ ସରକାର କିମ୍ବା ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇନି। ୬୧ ହଜାର ୪୨୧ ହେକ୍ଟର ଜମିରେ ଚାଷ ହେଉଥିବା ସରକାରୀ ଭାବେ ଦର୍ଶାଯାଉଛି। ଏହି ବର୍ଷ ଓରମାସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମକା ମିଶନରେ ୯ଟି କୃଷି ଉତ୍ପାଦକ ଅନୁଷ୍ଠାନ ପକ୍ଷରୁ ୨୦ହଜାର ମେଟ୍ରିକ ଟନ ମକା ମଞ୍ଜୀ କିଣିବ। ତେବେ ସରକାର ଓ ପ୍ରଶାସନ ଧାନ ପରି ମକା ମଣ୍ଡି କରୁ ନଥିବାରୁ ଅଭାବୀ ବିକ୍ରୀର ଶୀକାର ହେଉଛନ୍ତି। ରାଜ୍ୟ ସରକାର ମକାମଣ୍ଡି ଆରମ୍ଭ କରିବାକୁ ଦାବି କରିଛନ୍ତି ଚାଷୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ସଭ୍ୟା ଲିପିକା ମାଝୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ, ଓ ପୂର୍ବତନ ବିଧାୟକ ଭୁଜବଳ ମାଝୀ।

ଜିଲ୍ଲାରେ ୧ ଲକ୍ଷ ମେଟ୍ରିକ ଟନ ମକା ମଂଜି ଉତ୍ପାଦନ ହେଉଛି। ସେଥିରୁ ଗତ ବର୍ଷ ୧୭,୩୭୨ମେଟ୍ରିକ ଟନ ଓରମାସ ପକ୍ଷରୁ କିଣାଯାଇଛି ଏବଂ ଏବର୍ଷ ୨୦ହଜାର ମେଟ୍ରିକ ଟନ୍ କିଣିବାକୁ ନିଷ୍ପତ୍ତି ହୋଇଛି। ନବରଙ୍ଗପୁର ଜିଲ୍ଲାରେ ଉତ୍ପାଦିତ ମକା ଉପରେ ଆନ୍ଧ୍ର, ଛତିଶଗଡ, ପଶ୍ଚିମବଙ୍ଗ ସହ ଓଡିଶାର ୨ଟି ବଡ ଇଥାନେଲ୍ ପ୍ରକଳ୍ପ ଜୁନାଗଡ ଓ ତରଭା ସହ କଟକ,ଭୁବନେଶ୍ୱରରେ ଥିବା ବିଭିନ୍ନ ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ବି ନିର୍ଭର। ଜିଲ୍ଲାରେ ଉତ୍ପାଦିତ ମକାରୁ ୩୦ ପ୍ରତିଶତ ଆନ୍ଧ୍ର ଯାଉଛି। ବିଜୟନଗରମ ବାଇଓଟେକ୍ କଂପାନୀ ୨୦ ପ୍ରତିଶତ ମକା ମଂଜି କିଣି ନେଉଛି। ଆନ୍ଧ୍ରର ଅନ୍ୟ କିଛି ଖାଦ୍ୟ ପ୍ରକ୍ରିୟାକରଣ କଳ ସହ ଗୋଖାଦ୍ୟ, କୁକୁଡା ଦାନା ପ୍ରସ୍ତୁତ କରୁଥିବା କିଛି କମ୍ପାନୀ ବି ୧୦ ପ୍ରତିଶତ ମଂଜି କିଣୁଛନ୍ତି।

ଏହା ବାଦେ ପଶ୍ଚିମବଙ୍ଗ, ଛତିଶଗଡ, କଟକ ଓ ଭୁବନେଶ୍ୱରରେ ଥିବା ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ଗୁଡିକ ୧୫ ପ୍ରତିଶତ ଲେଖାଏଁ ମଂଜି କିଣୁଛନ୍ତି। ଇଥାନେଲ୍ ଉତ୍ପାଦନ କରୁଥିବା ଜୁନାଗଡ ଓ ତରଭାକୁ ୧୦ ପ୍ରତିଶତ ମକାମଂଜି ଯାଉଛି ବୋଲି ହୋଲସେଲ୍ ବ୍ୟବସାୟୀ କହିଛନ୍ତି। ଦେଢ଼ ଲକ୍ଷ ହେକ୍ଟର ଜମିରେ ଉତ୍ପାଦିତ ୧ ଲକ୍ଷ ମେଟ୍ରିକଟନ୍ ମଂଜି ସୁଖାଇ ଆଦ୍ରତା ଦୁରେଇବା ସହ ଗୁଣାତ୍ମକ ମାନ ବୃଦ୍ଧି କରିବା ପାଇଁ ଜିଲ୍ଲାରେ ଆବଶ୍ୟକ ସଂଖ୍ୟକ ପିଣ୍ଡି ,ଖଳା ପରି ଭିତ୍ତିଭୂମି ନାହିଁ। ତେଣୁ ଚାଷୀ ମାନେ ରାସ୍ତା ଉପରେ ହିଁ ମକା ମଂଜି ସୁଖାଉଛନ୍ତି। ଯଦିଓ କିଛିକାଂଶରେ ଓରମାସ ପକ୍ଷରୁ ମକା ମଂଜି କିଣୁଥିଲେ ହେଁ ସବୁ ଚାଷୀଙ୍କ ନିକଟରେ ସାଇତି ରଖିବାକୁ ଗୋଦାମ ଓ ପିଣ୍ଡି ନଥିବାରୁ ସରକାରୀ ଧାର୍ଯ୍ୟ ଦର ଠାରୁ ବହୁ କମ୍ ଶାଗ ମାଛ ଦରରେ ଦଲାଲ, ବ୍ୟବସାୟୀ, ସାର ଦୋକନୀଙ୍କ ନିକଟରେ ବିକ୍ରୀ କରୁଛନ୍ତି। ସରକାରୀ ଧାର୍ଯ୍ୟ ଦରରେ ବ୍ୟବସାୟୀ ମାନେ ନେବା ଏବଂ ଚାଷୀ ଯେଭଳି ଅଭାବି ବିକ୍ରୀର ଶୀକାର ହେବ ନାହିଁ ସେ ଦିଗରେ ଦୃଷ୍ଟି ଦେବାକୁ ଜିଲ୍ଲାପାଳ ଡ.ମହେଶ୍ୱର ସ୍ୱାଇଁ ଜିଲ୍ଲାମୁଖ୍ୟ କୃଷି ଅଧିକାରୀଙ୍କୁ ତଦାରଖ କରିବାକୁ ବି ଦାୟିତ୍ୱ ଦେଇଛନ୍ତି।







## ଫର୍ମ ପୂରଣ କରି ଆର୍ଡମିଟକାର୍ଡ ନପାଇ ନବୋଦୟ ପରୀକ୍ଷାରୁ ବଞ୍ଚିତ ଛାତ୍ରୀ

## ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ଅବହେଳା

ଢ଼େଙ୍କାନାଳ: ନବୋଦୟ ପରୀକ୍ଷା ଦେବା ପାଇଁ ୩ମାସ ପୂର୍ବେ ଫର୍ମ ପୂରଣ କରି ଶ୍ରେଣୀ ଶିକ୍ଷୟତ୍ରୀଙ୍କୁ ହସ୍ତାନ୍ତର କରିବା ପରେ ଜଣେ ୫ମ ଶ୍ରେଣୀ ଛାତ୍ରୀ ଶେଷ ମୁହୂର୍ତ୍ତରେ ଆର୍ଡମିଟ କାର୍ଡ ନପାଇ ନବୋଦୟ ପରୀକ୍ଷାରୁ ବଞ୍ଚିତ ହୋଇଥିବାରୁ ଅସନ୍ତୋଷ ବ୍ୟକ୍ତ କରି ଏହାର ତଦନ୍ତ ପାଇଁ ହିନ୍ଦୋଳ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ନେଇ ଜଣାଇଛନ୍ତି। ଘଟଣାରୁ ପ୍ରକାଶ ଯେ ହିନ୍ଦୋଳ ଏନ୍ ଏସି ୮ନଂ ୱାର୍ଡ ଗୁଣ୍ଡିଚା ମଣ୍ଡପ ସାହିର ଚଗଲା ବେହେରା ଓ କଳ୍ପନା ବେହେରାଙ୍କ ଝିଅ ଆରତୀ ବେହେରା ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଅଟେ। ଅନୁଷ୍ଠିତ ହୋଇ ଯାଇଥିବା ନବୋଦୟ ପରୀକ୍ଷା ପାଇଁ ସେ ୩ମାସ ପୂର୍ବେ ଆବଶ୍ୟକ ଫର୍ମ ପୂରଣ କରି ଶ୍ରେଣୀ ଶିକ୍ଷୟତ୍ରୀ ଉପମା ଦିଦିଙ୍କୁ ହସ୍ତାନ୍ତର କରିଥିଲେ। ଏହି କିଛି ଦିନ ପୂର୍ବେ ଶ୍ରେଣୀର ଅନ୍ୟ କିଛି ଛାତ୍ରଛାତ୍ରୀ ଆର୍ଡମିଟ କାର୍ଡ ପାଇବାରୁ ଆରତୀ ଶ୍ରେଣୀ ଶିକ୍ଷୟତ୍ରୀଙ୍କୁ ନିଜ କାର୍ଡ ସମ୍ପର୍କରେ ପଚାରି ଥିଲେ। ତେବେ ଶିକ୍ଷୟତ୍ରୀ ଜଣଙ୍କ ତାଙ୍କୁ ଅନ୍ୟ ମାନେ ଅନ ଲାଇନ୍ ଯୋଗେ ଆର୍ଡମିଟ କାର୍ଡ ପାଇଥିବାର କହିଥିଲେ ଏବଂ ତାଙ୍କୁ ପ୍ରକୃତ ଆର୍ଡମିଟ କାର୍ଡ ଦେବା ପାଇଁ ଆଶ୍ୱାସନା ମଧ୍ୟ ଦେଇଥିଲେ। ହେଲେ ଆରତୀଙ୍କୁ ଆର୍ଡମିଟ କାର୍ଡ ନମିଳିବାରୁ ସେ ମା କଳ୍ପନା ବେହେରାଙ୍କୁ ସଙ୍ଗରେ ଆଣି ଏନେଇ ତନାଘନା କରିଥିଲେ। ଶ୍ରେଣୀ ଶିକ୍ଷୟତ୍ରୀଙ୍କୁ ପଚାରିବାରେ ସେ ବିଦ୍ୟାଳୟର ପରୀକ୍ଷା ଦାୟିତ୍ୱରେ ଥିବା ସୌଭାଗ୍ୟ ସାରଙ୍କୁ କୁଆଡେ ସମସ୍ତ କାଗଜ ପତ୍ର ପ୍ରଦାନ କରିଥିବାର ସଫେଇ ଦେଇ ତାଙ୍କୁ ପଚାର ବୋଲି କହିଥିଲେ। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ମଧ୍ୟ ସେ ଆଡୁ ଯେଉଁ ସବୁ କାର୍ଡ ଆସିଚି ସମସ୍ତ ପରୀକ୍ଷାର୍ଥୀଙ୍କୁ ଦିଆଯାଇଛି




ବୋଲି କହିବା ସହ ଦାୟିତ୍ୱରେ ଥିବା ସୌଭାଗ୍ୟ ସାରଙ୍କୁ ପଚାରିବାକୁ କହିଥିଲେ। ଦାୟିତ୍ୱରେ ଥିବା ଶିକ୍ଷକ ଜଣଙ୍କ ଅଭିଯୋଗ କାରିଣୀ କଳ୍ପନାଙ୍କୁ ସେ ହସ୍ତଗତ ହୋଇଥିବା ୪୦ଟି ଫର୍ମରୁ ୪ଟି ବାହାର କରି ଦେଇଥିବା କହି ମୁଁ ଆଉ କିଛି କରିପାରିବି ନାହିଁ କହି ନିଜର ଅକ୍ଷମତା ପ୍ରକାଶ କରିଥିଲେ। ଏଥିରୁ କାହାର ଭୁଲ ପ୍ରଶ୍ନ ସାପେକ୍ଷ ଯେଉଁଥି ପାଇଁ ୫ମ ଶ୍ରେଣୀର ଛାତ୍ରୀ ଆରତୀ ନବୋଦୟ ପରୀକ୍ଷାରୁ ବଞ୍ଚିତ ରହିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ବିଭିନ୍ନ ବିଦ୍ୟାଳୟର ଆସିଥିବା ପରୀକ୍ଷାର୍ଥୀ ମାନେ ଖୁସି ମନରେ ପରୀକ୍ଷା କେନ୍ଦ୍ରକୁ ପ୍ରବେଶ କରୁଥିବା ବେଳେ ବିଦ୍ୟାଳୟର ଏଥିରୁ ବଞ୍ଚିତ ଛାତ୍ରୀ ଆରତୀ ନିଜ ମା ସହିତ ବିଦ୍ୟାଳୟ ଫାଟକ ସମ୍ମୁଖରେ କାନ୍ଦୁ ଥିବାରୁ ଦେଖିବାକୁ ମିଳିଥିଲା। ଏହି ଘଟଣା ଏକ ଭାବା ବେଗ ପରିବେଶ ସୃଷ୍ଟି କରିଥିଲା। ଘଟଣାର ତଦନ୍ତ ସହିତ ଏହାର ସତ୍ୟାସତ୍ୟ ଜାଣିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନ୍ ଯୋଗେ ଯୋଗାଯୋଗ ପରେ ଏନେଇ ପଚରା ଉଚରା କରିବା ପରେ ପଦକ୍ଷେପ ନେବେ ବୋଲି କହିଥିଲେ।

# ପଲ୍ୟୁସନ ସାର୍ଟିଫିକେଟ ଯନ୍ତ୍ରଣା ବନ୍ଦ ପାଇଁ ପରିବହନ ସଚିବଙ୍କୁ ଭେଟିଲେ ଆମ ଜନତା ଅଧିକାର

### ନିଷ୍ପତି ପ୍ରତ୍ୟାହାର ନହେଲେ ରାଜ ରାସ୍ତାରେ ହଜାର ହଜାର ଗାଡ଼ି ଥୋଇ ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର : ଓଡ଼ିଶାରେ ସବୁଜ ଷ୍ଟିକର ଏବଂ ପଲ୍ୟୁସନ ପ୍ରମାଣପତ୍ର ଯନ୍ତ୍ରଣାକୁ ଦୃଢ଼ ବିରୋଧ କରି ତୁରନ୍ତ ଏସବୁ ବନ୍ଦ କରିବାକୁ ପରିବହନ ସଚିବ ଉଷା ପାଢୀଙ୍କୁ ଖାରବେଳ ଭବନରେ ଭେଟି ଦାବୀ ଜଣାଇଚନ୍ତି ଆମ ଜନତା ଅଧିକାର କ୍ଷ ସଂଗଠନର ଆବାହକ ମନୋଜ ଜେନା ସହ ଆବାହକ ବାସୁଦେବ ଭଟ୍ଟ, ସଂଯୋଜକ ପ୍ରସନ୍ନ ବିଷୋୟୀ, ଅଶୋକ ପାଇକରାୟ, ବିକ୍ରମ ଜେନା, ସୂର୍ଯ୍ୟ ନାରାୟଣ ଜେନା ଭେଟି ଆଲୋଚନା କରିଥିଲେ କ୍ଷ ବିଶେଷକରି ନିମ୍ନ ଏବଂ ମଧ୍ୟବିତ୍ତ ପରିବାର ମାନେ ଦୈନନ୍ଦିନ ଯାତାୟାତ ଏବଂ ଜୀବିକା ପାଇଁ ବ୍ୟକ୍ତିଗତ ଯାନବାହନ ଉପରେ ନିର୍ଭର କରିଥାନ୍ତି କ୍ଷ ଫେବୃଆରୀ ରୁ ସମସ୍ତ ଯାନବାହନ ପାଇଁ ସବୁଜ ଷ୍ଟିକର ବାଧ୍ୟତାମୂଳକ ଓ ସାର୍ଟିଫିକେଟ ବିନା ପେଟ୍ରୋଲ ବନ୍ଦ ନିୟମ ଲାଗୁ କରିବା ଘୋଷଣା ପାଇଁ ବର୍ତ୍ତମାନ ସାରା ରାଜ୍ୟରେ ହାହା କାର ସ୍ଥିତି ଉପୁଜିଛି କ୍ଷ ଯାନବାହନ ପ୍ରଦୂଷଣ ରୋକିବା ଏବଂ ମୋଟର ଯାନ ଆଇନର ପାଳନ




ଆଳରେ ଓଡ଼ିଶାର ସାଧାରଣ ଜନତା ବିଶେଶତଃ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ବର୍ଗର ଲୋକଙ୍କ ଉପରେ ଅଯଥା କଷ୍ଟ ଏବଂ ହଇରାଣ ଲଦି ଦେବା ଅନୁଚିତ। ମୋଟର ଯାନ ନିର୍ଗତ ଧୂଆଁ ଯୋଗୁଁ ଓଡ଼ିଶାରେ ବାୟୁ ପ୍ରଦୂଷଣ କ୍ଷେତ୍ରରେ ସାମାନ୍ୟ କ୍ଷ ଭାରି ନିର୍ମାଣ କାର୍ଯ୍ୟକଳାପରୁ ଧୂଳି, ଖୋଲା ଖଣି ଖନନ, ଅନିୟନ୍ତ୍ରିତ ବାଲି ପରିବହନ, ପାୱାର ପ୍ଲାଣ୍ଟ ବା ବୃହତ ଶିଳ୍ପର ଧୂଆଁ, ପାଉଁଶ ପୋଖରୀ ଏବଂ ବର୍ଜ୍ୟବସ୍ତୁ ପୋଡ଼ିବାକୁ ସରକାର ପ୍ରାଧାନ୍ୟ ନଦେଇ ସାଧାରଣ ଗରିବ ଲୋକଙ୍କ ବ୍ୟକ୍ତିଗତ ଯାନବାହନ ମାଲିକ ମାନଙ୍କୁ ୧୩୦୦ କୋଟିର ରାଜସ୍ୱ ଆଦାୟ ପାଇଁ ଟାର୍ଗେଟ କରିବା ନିନ୍ଦନୀୟ। ଯଦି ଫିଟନେସ ସରକାର ଦେଉଛନ୍ତି ପେଟ୍ରୋଲ ସରକାରୀ ଟାଙ୍କିରୁ ଆସୁଛି ତେବେ ଲୋକଙ୍କ ପଲ୍ୟୁସନ ଯନ୍ତ୍ରଣା ଦେଇ ହଇରାଣ କରିବାକୁ ସଂଗଠନ ନାପସନ୍ଦ କରିଛି କ୍ଷ ସେପଟେ ସରକାର ନିଜେ ପ୍ରସ୍ତୁତ ନାହାନ୍ତି ଏପର୍ଯ୍ୟନ୍ତ ଗ୍ରୀନ ଷ୍ଟିକର ଆଣି ନାହାନ୍ତି କ୍ଷ ଯିଏ ବର୍ତ୍ତମାନ ପଲ୍ୟୁସନ ସାର୍ଟିଫିକେଟ କରି ସାରିଛି ସିଏ କଣ ଆଉଥରେ ଗ୍ରୀନ ଷ୍ଟିକର ପାଇଁ ଲାଇନରେ ଆସି ଛିଡା ହେବ କଣ ତେଣୁ ପୁନର୍ବିଚାର କରି ତୁରନ୍ତ ନିଷ୍ପତି ପ୍ରତ୍ୟାହାର କରିବାକୁ ଆମ ଜନତା ଅଧିକାର ଉଷା ପାଢ଼ୀଙ୍କୁ ଦାବୀ କରିଛି କ୍ଷ କେନ୍ଦ୍ର ସରକାରଙ୍କ ମୋଟର ଯାନ ନିୟମ ଅନୁଯାଇ ଏହା ଲାଗୁ ହୋଇଛି କ୍ଷ ଏହା ସାଧାରଣ ଲୋକଙ୍କ ଧନ ଜୀବନ ସୁରକ୍ଷା ପାଇଁ ଲାଗୁ ହୋଇଛି କ୍ଷ ଯେହେତୁ ଲୋକମାନେ ଟିକେ ଢିଲା ହୋଇଥିଲେ ତେଣୁ ଅସୁବିଧା ହେଉଛି କ୍ଷ ଧରାପଗଡ଼ ନହେଲେ ଲୋକେ ହେୟଜ୍ଞାନ କରୁଛନ୍ତି କ୍ଷ ତଥାପି ବି ଏହି ସଂକ୍ରାନ୍ତରେ ସରକାର ସାଧାରଣ ଲୋକଙ୍କ ହିତ ପାଇଁ ଯାହା ଆବଶ୍ୟକ ତାର ପର୍ଯ୍ୟାଲୋଚନା କରି ପଦକ୍ଷେପ ନେବାକୁ ସଚିବ କହିଛନ୍ତି କ୍ଷ ଯଦି ନିଷ୍ପତି ପ୍ରତ୍ୟାହାର ନହୁଏ ତେବେ ହଜାର ହଜାର ସାଧାରଣ ଲୋକ ଗାଡ଼ି ଆଣି ରାଜ ରାସ୍ତାରେ ଥୋଇ ଜୋରଦାର ଆନ୍ଦୋଳନ କରିବ ବୋଲି ଆମ ଜନତା ଅଧିକାର କହିଛି।

## ପୂର୍ତ୍ତବିଭାଗ ବଙ୍ଗଳାରେ ଅଧିକ କକ୍ଷ ନିର୍ମାଣ ଦାବି



ଖଣ୍ଡପଡ଼ା (ନି.ପ୍ର) ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରରେ ନିର୍ମାଣ କରାଯାଇଥିଲା ପୂର୍ତ୍ତବିଭାଗ ପରିଦର୍ଶନ ବଙ୍ଗଳା । ବଙ୍ଗଳା ପରିସରରେ ପ୍ରାରମ୍ଭରୁ ୨ଟି କକ୍ଷ ରହିଛି। ବଙ୍ଗଳାର ପ୍ରଥମ କକ୍ଷଟି ସଦାସର୍ବଦା ରାଜନୈତିକ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ବେଳେ ୨ୟ କକ୍ଷଟିକୁ ପୂର୍ତ୍ତବିଭାଗ କର୍ତ୍ତୃପକ୍ଷ ସର୍ବସାଧାରଣଙ୍କ ସଂରକ୍ଷିତ ନିମନ୍ତେ ଉଦ୍ଦିଷ୍ଟ ରଖିଥିବା ଜଣାପଡିଛି।ଫଳରେ କେବେ କେହି ବ୍ୟକ୍ତି ବିଶେଷ ଜରୁରୀକାଳୀନ ପରିସ୍ଥିତିରେ ବଙ୍ଗଳାରେ ରହିବାକୁ ଚାହିଁଲେ ବି କକ୍ଷର ଅଭାବ ପରିଲକ୍ଷିତ ହୋଇଥାଏ। ତେଣୁ ଖଣ୍ଡପଡ଼ା,କଣ୍ଟିଲୋ ଓ ଫତେଗଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରକୁ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ମାନଙ୍କ ମଧ୍ୟରୁ କେବେ କେହି ବଙ୍ଗଳାରେ ରାତ୍ର ଯାପନ କରିବାକୁ ଚାହିଁଲେ ବି ବଙ୍ଗଳା ପରିସରରେ ଆବଶ୍ୟକ କକ୍ଷର ଅଭାବ ପରିଲକ୍ଷିତ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଖଣ୍ଡପଡ଼ା ସହରରେ ରେଷ୍ଟୁରାଣ୍ଟ, ଲଜ୍, ଯାତ୍ରୀନିବାସ କି ଧର୍ମଶାଳା ସେପରି କିଛି ନଥିବା ବେଳେ ସମସ୍ତଙ୍କ ରହିବା ନିମନ୍ତେ ବଙ୍ଗଳା ହିଁ ଏକମାତ୍ର ଭରଷା ଅଟେ।ଏ ପରିପ୍ରେକ୍ଷୀରେ ଖଣ୍ଡପଡ଼ା ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଆଉ ୨କିମ୍ବା ୩ଟି ବିଳାସପୂର୍ଣ୍ଣ କକ୍ଷ ନିର୍ମାଣର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏଥିପ୍ରତି ନୟାଗଡ ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ,ମୁଖ୍ୟ ଯନ୍ତ୍ରୀ ଓ ବିଧାୟକ ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି ।

## ମନରେଗା ଯୋଜନା ନାମ ପରିବର୍ତ୍ତନକୁ କଂଗ୍ରେସର ବିରୋଧ



ଗଂଜାମ : (ନିପ୍ର) କେନ୍ଦ୍ର ବିଜେପି ସରକାରଙ୍କ ମନୋମୁଖୀ ଆଇନ ପରିବର୍ତ୍ତନ,ରଙ୍ଗ ପରିବର୍ତ୍ତନ ବିରୋଧରେ ସମଗ୍ର ଭାରତରେ ଅଶାନ୍ତିର ନିଆଁ ଜଳୁଥିବା ବେଳେ ଜାତୀୟ କଂଗ୍ରେସ ତରଫରୁ ସମଗ୍ର ଭାରତରେ ବିରୋଧ କରାଯାଉଛି ।କେନ୍ଦ୍ର ସରକାର ମନରେଗା ଯୋଜନାର ନାମ ପରିବର୍ତ୍ତନ କରି ଗ୍ରାମୀଣ ନିଯୁକ୍ତି ଆଇନ ପ୍ରଣୟନ କରିବା ଏବଂ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମକୁ ହଟାଇବାକୁ ବିରୋଧ କରି ଭଞ୍ଜନଗର ଠାରେ କଂଗ୍ରେସ ଦଳ ତରଫରୁ ବିରୋଧ ସଭା କରିବା ସହ ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ। ଗଂଜାମ ଟାଇଗର ବୋଲାଉଥିବା ସାନ ଖେମୁଣ୍ଡି କଂଗ୍ରେସ ବିଧାୟକ ଶତାଧିକ କଂଗ୍ରେସ କର୍ମୀଙ୍କ ସହ ଭଞ୍ଜନଗର ବ୍ଲକ ଛକ ଠାରେ ଧାରଣାରେ ବସିଥିଲେ। ଭଞ୍ଜନଗରର ଯୁବ କଂଗ୍ରେସ ନେତା କୁଲୁ ଭୂୟାଁଙ୍କ ନେତୃତ୍ୱରେ ଭଞ୍ଜନଗର ବ୍ଲକର ହଜାର ହଜାର ଯୁବ କଂଗ୍ରେସ କର୍ମୀ ପଦଯାତ୍ରାରେ ବାହାରି ଭଞ୍ଜନଗର ସହର ପରିକ୍ରମା କରିଥିଲେ ଓ ପରେ ବ୍ଲକ ଛକରେ ଥିବା ମାହାତ୍ମ୍ୟ ଗାନ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରିଥିଲେ । ଶ୍ରୀଯୁକ୍ତ ରମେଶ ଜେନା ଭଞ୍ଜନଗର ଠାରେ ପହଂଚିବା ପରେ ଭଞ୍ଜନଗର କଂଗ୍ରେସ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । କୁଲୁ ଭୂୟାଁଙ୍କ ନେତୃତ୍ୱରେ ଭଞ୍ଜନଗର କଂଗ୍ରେସର ସଙ୍ଗଠନ ଦିନକୁ ଦିନ ସୁଦୃଢ଼ ହେବାକୁ ଲାଗିଥିବା ବେଳେ କଂଗ୍ରେସରେ ଯୁବ ଗୋଷ୍ଠିମାନେ ଯୋଗଦାନ କରୁଛନ୍ତି ।

## ଚିନ୍ତାରେ ଚାଷୀ: ବାରହା ଓ ଷଣ୍ଢଙ୍କ ଯୋଗୁଁ ପନିପରିବା ଓ ଧାନ ଫସଲ ନଷ୍ଟ

ଖଣ୍ଡପଡ଼ା : (ନି.ପ୍ର) ଖଣ୍ଡପଡ଼ା ଅଞ୍ଚଳରେ ପଲ ପଲ ବାରହା ଓ ମାଳମାଳ ଷଣ୍ଢଙ୍କ ଯୋଗୁଁ ଧାନ ଓ ପନିପରିବା ଫସଲ ନଷ୍ଟ ହେବାରେ ଲାଗିଛି। ଦିନ ଓ ରାତିରେ ଫସଲ ଜମି ଚାରି ପାଖରେ ଷଣ୍ଢ ବୁଲୁଥିବା ବେଳେ ସଞ୍ଜ ନଁଇଲେ ସଂରକ୍ଷିତ ଜଙ୍ଗଲରୁ ଶହଶହ ସଂଖ୍ୟାରେ ବାରହା ପଲ ଆଖପାଖ ଅଞ୍ଚଳର ଚାଷ ଜମିକୁ ଆସି ଧାନ ଓ ପନିପରିବା ଫସଲ ନଷ୍ଟ କରୁଥିବାରୁ ଚାଷୀମାନଙ୍କ ମେରୁଦଣ୍ଡ ଦୋହଲି ଯାଇଛି। ଏ ଅଞ୍ଚଳର ଚାଷୀମାନେ ପନିପରିବା, ଧାନ,ଆଖୁ ଓ ରବି ଫସଲ ଚାଷ କରି ଜୀବିକା ନିର୍ବାହ କରି ଆସୁଥିଲେ। ଏବେ କିନ୍ତୁ ସମୟ ବଦଳି ଯାଇଛି। ଜଙ୍ଗଲରେ ବାରହା ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବା ଫସଲ ହାନିର ମୁଖ୍ୟ କାରଣ ପାଲଟିଥିବା ବେଳେ ଏଥିପ୍ରତି ବନବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ କ୍ଷତିଗ୍ରସ୍ତ ଚାଷୀ ପରିବାର ଗୁଡ଼ିକୁ ଆନୁସଙ୍ଗିକ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।



## ପଠାଣି ସାମନ୍ତ ସଂଗ୍ରହାଳୟର ରକ୍ଷଣାବେକ୍ଷଣ ଭୁଲି ଗଲେକି ସରକାର

ଖଣ୍ଡପଡା : (ନି.ପ୍ର) ଖଣ୍ଡପଡା ସହରର ୧୩ନଂ ୱାର୍ଡସ୍ଥିତ ପଠାଣି ସାମନ୍ତ ସଂଗ୍ରହାଳୟରେ ଏବେ ପର୍ଯ୍ୟଟକ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କ ଭିଡ ଦେଖିବାକୁ ମିଳୁଛି। ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ଜୀବନ ବୃତ୍ତାନ୍ତ ସଂପର୍କରେ ଜ୍ଞାନ ଆହରଣ ନିମନ୍ତେ ବର୍ଷତମାମ ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ,ଶିକ୍ଷକ,ଶିକ୍ଷୟିତ୍ରୀ, ଅଧ୍ୟାପକ ଓ ଗବେଷକ ମାନେ ପଠାଣି ସାମନ୍ତ ସଂଗ୍ରହାଳୟକୁ ପରିଦର୍ଶନରେ ଆସୁଛନ୍ତି। ମାତ୍ର ବିଭିନ୍ନ ସମସ୍ୟା ମଧ୍ୟ ଦେଇ ଗତି କରୁଥିବା ସଂଗ୍ରହାଳୟର ଉନ୍ନତିକରଣ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଜିଲା ପ୍ରଶାସନ ସ୍ଥାନୀୟ ବିଧାୟକ କେହି ହେଲେ ଦୃଷ୍ଟି ଦେଉନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାପଡିଛି ।ଫଳରେ ଦୈନିକ ଏଠାକୁ ପରିଦର୍ଶନରେ ଆସୁଥିବା ଜନସାଧାରଣ, ଛାତ୍ରଛାତ୍ରୀ, ପର୍ଯ୍ୟଟକ ଓ ଗବେଷକମାନେ ସଂଗ୍ରହାଳୟର ଏଭଳି ଦୟନୀୟ ସ୍ଥିତିକୁ ଦେଖି ଦୁଃଖ ପ୍ରକାଶ କରୁଛନ୍ତି। ସଂଗ୍ରହାଳୟର କର୍ମଚାରୀମାନେ ଏ ସମ୍ପର୍କରେ ବାରମ୍ବାର ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହୋଇଥିବା ଜଣାପଡିଛି। ସଂଗ୍ରହାଳୟ କୋଠାର କାନ୍ଥରେ ଦିର୍ଘ ମାସ ହେଲା ବଡବଡ ଫାଟ ସୃଷ୍ଟି ହୋଇଥିବାରୁ କେଉଁ ମୁହୂର୍ତ୍ତରେ କୋଠାଟି ଭୁଶୁଡି ପଡିବାର ଆଶଙ୍କା ପ୍ରକାଶ ପାଉଛି ।ସେହିପରି କୋଠା ଛାତରୁ ବର୍ଷା ଦିନେ ପାଣି ଗଳୁଥିବା ବେଳେ କୋଠାର ବିଭିନ୍ନ ସ୍ଥାନରୁ ରଙ୍ଗ ଛାଡି ଯିବା ସହ କାନ୍ଥରେ ଲଗାଯାଇଥିବା ଟାଇଲ ଗୁଡିକ ତଳେ ଖସି ପଡିଥିବା ପ୍ରତୀୟମାନ ହେଉଛି। ଗୃହ ଗୁଡିକରେ ଲାଗିଥିବା କବାଟ, ଝରକା ସବୁ କିଛି ଉଈ ଖାଇ ନଷ୍ଟ ହେବାକୁ ବସିଲାଣି । ସେହିପରି ସମ୍ମିଳନୀ କକ୍ଷ ଭିତର ଅଂଶ ସିଲିଙ୍ଗ ଭାଙ୍ଗି ତଳକୁ ଓହଳି ରହିଛି। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପ୍ରଶାସନ ସଂଗ୍ରହାଳୟର ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି। ପ୍ରକାଶଥାଉକି ସଂଗ୍ରହାଳୟଟି କାର୍ଯ୍ୟକ୍ଷମ ହେବାର ୧୦ ବର୍ଷ ପରେ ମଧ୍ୟ ଏହାର ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ନଦେବା ପରିତାପର ବିଷୟ ଅଟେ। ଏଥିପ୍ରତି ଖଣ୍ଡପଡ଼ା ବିଧାୟକ ଓ ସାଂସଦ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଗହଣା ବ୍ୟବସାୟୀଙ୍କ ଠାରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ

ମୋରଡା: (ନିପ୍ର) ମୋରଡା ଥାନା ଅଧୀନ ନୁଆଗାଁ କେନାଲ ରାସ୍ତାରେ ଜନୈକ ଗହଣା ବ୍ୟବସାୟୀଙ୍କ ଠାରୁ ଦିନ ଦ୍ୱିପହରରେ ଲକ୍ଷାଧିକ ଟଙ୍କାର ଗହଣା ଲୁଟ ହୋଇଥିବା ନେଇ ଅଭିଯୋଗ ମିଳିବା ପରେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ମିଳିଥିବା ସୂଚନା ଅନୁଯାୟୀ ମୋରଡା ଥାନା ଅଧୀନ ଟୁକପଳାସିଆ ଗ୍ରାମର ମନୋରଞ୍ଜନ କାମିଳା(୬୫) ଧାନଶୋଳା ସାପ୍ତାହିକ ହାଟରୁ ବୁଧବାର ଅପରାହ୍ନରେ ଗହଣା ବ୍ୟବସାୟ କରି ଫେରୁଥିବା ବାଟରେ ନୁଆଗାଁ ନିକଟସ୍ଥ ନିଛାଟିଆ କେନାଲ ରାସ୍ତାରେ ତିନୋଟି ବାଇକରେ ୬ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରି ଅଟକାଇଥିଲେ। ସେମାନେ ତାଙ୍କୁ ମାଡ଼ ମାରି ଛୁରୀ ଦେଖାଇ ଭୟଭୀତ କରାଇ ତାଙ୍କ ନିକଟରେ ଥିବା ସୁନା ଓ ରୁପାର ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଗହଣା ସମେତ ମୋବାଇଲ ଫୋନକୁ ଲୁଟକରି ନେଇ ସେଠାରୁ ଚମ୍ପଟ ମାରିଥିଲେ ।ତେବେ ଏ ସମ୍ପର୍କରେ ଖବର ପାଇ ମୋରଡା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଛାନଭିନ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ ପ୍ରକ୍ରିୟା ଜାରି ରଖିଥିବା ଥାନା ସବଇନସ୍ପେକ୍ଟର ନିବେଦିତା ନାୟକ ପ୍ରକାଶ କରିଛନ୍ତି ।




## ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ



ଯାଜପୁର : ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅଧିନସ୍ଥ ଶୁଶୁଆ ପଞ୍ଚାୟତ ଈଶ୍ୱରପୁର ଗ୍ରାମରେ ଅବସ୍ଥିତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟର ୫୦ତମ ପୂର୍ତ୍ତି ଓ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଛାତ୍ର ସଂସଦ ସଭାପତି ଇଂ. ଯଶୋବନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ଯୋଗଦେଇ ଶିକ୍ଷକମାନେ ଛାତ୍ରୀ ଛାତ୍ର ମାନଙ୍କୁ ନିଜ ସନ୍ତାନ ଭଳି ଦେଖିବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ସମ୍ମାନୀତ ଅତିଥିଭାବେ ଓଡିଶା ସରକାରଙ୍କ ଶିଳ୍ପ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ସମ୍ପଦ ସ୍ୱାଇଁ, ପ୍ରାକ୍ତନ ଯାଜପୁର ଜିଲ୍ଲା ପରିଷଦ ସଭାପତି ଗୌତମ ରାୟ ପ୍ରମୁଖ ଯୋଗଦେଇଥିଲେ । ପୁରାତନ ଛାତ୍ର ରଂଜନ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଲକ୍ଷ୍ମଣ ବାଇ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସୁବର୍ଣ୍ଣଜୟନ୍ତୀର ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା ଓ ଶେଷରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଥାନା ଭିତରେ ଛାତ୍ରଙ୍କୁ ମାଡ଼ ମରିବା ଘଟଣାରେ ଜନ ଅସନ୍ତୋଷ

ମୟୂରଭଞ୍ଜ:(ନିପ୍ର) ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ପୋଲିସ ଥାନା ଭିତରେ ଜଣେ ଛାତ୍ରଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ,ଉକ୍ତ ଥାନା ଅଧୀନ ସନ୍ୟାସୀ ଗ୍ରାମର ସୁଶାନ୍ତ ପାତ୍ର ରାସଗୋବିନ୍ଦପୁର ଥାନା ଅଧୀନ ଏକ ମହାବିଦ୍ୟାଳୟରେ ଯୁକ୍ତ ୩ର ଛାତ୍ର ଅଟନ୍ତି। ତେବେ ଉକ୍ତ ମହାବିଦ୍ୟାଳୟର ଜୈନକ ଛାତ୍ରୀ ମୋରଡା ଥାନା ଅଞ୍ଚଳର ହୋଇଥିବା ବେଳେ ଛାତ୍ରୀ ଜଣକ ସୁଶାନ୍ତଙ୍କ ବନ୍ଧୁ ସହିତ କୁଆଡେ ପଳାଇଛନ୍ତି। ଉକ୍ତ ଘଟଣାକୁ ନେଇ ମୋରଡା ପୋଲିସ ତଦନ୍ତ ନିମନ୍ତେ ଗତକାଲି ଗୁରୁବାର ରାତିରେ ସୁଶାନ୍ତଙ୍କୁ ଥାନାକୁ ଡାକି ପଚରାଉଚୁରା କରିଥିଲା। ତେବେ ପଚରାଉଚୁରା ସମୟରେ ଏସ ଆଇ ନିରାକର ପ୍ରଧାନ ସୁଶାନ୍ତଙ୍କୁ ଧମକ ଚମକ ଦେବା ସହିତ ମାଡ଼ ମାରିଥିବା କଥା ସୁଶାନ୍ତ କହିଛନ୍ତି। ତେବେ କେବଳ ମାଡ଼ ମାରି ପୋଲିସର ମନ ମାନିନଥିଲା। ତେଣୁ ପରବର୍ତ୍ତୀ ଅବସ୍ଥାରେ ପ୍ରବଳ ଥଣ୍ଡା ସତ୍ତ୍ୱେ ସୁଶାନ୍ତଙ୍କ ଶୀତ ବସ୍ତ୍ର ଖୋଲି ଥାନାରେ ରଖିଥିଲେ। ଉକ୍ତ ଘଟଣାକୁ ନେଇ ସୁଶାନ୍ତ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତିଙ୍କୁ ଅବଗତ କରାଇବା ପରେ ସୁଶାନ୍ତଙ୍କୁ ନେଇ ସଦସ୍ୟ ମହାନ୍ତି ଥାନାକୁ ଯାଇଥିଲେ ଏବଂ କଣ ପାଇଁ ମାଡ଼ ମରା ହେଲା ବୋଲି ପୋଲିସକୁ ପଚାରିଥିଲେ। ତେବେ ମାଡ଼ ମରାଯିବ ବୋଲି ଥାନା ଏସଆଇ ନିବେଦିତା ପ୍ରଧାନ କହିଥିଲେ ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷର ବାତାବରଣ ଦେଖା ଦେଇଛି। ପୋଲିସ ସମିତି ସଦସ୍ୟ ମହାନ୍ତି ଏବାବଦରେ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜଣାଇଛନ୍ତି। ତେବେ ଉକ୍ତ ଘଟଣାର ଯଦି ସମାଧାନ ନହୁଏ ଆଗାମୀ ଦିନରେ ମୋରଡା ଥାନା ଘେରାଉ କରାଯିବ ବୋଲି କହିଛନ୍ତି ସୌରଭ ରଞ୍ଜନ ମହାନ୍ତି ସୂଚନା ଦେଇଥିଲେ । ପୋଲିସ ଏବଂ ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ସରକାର ଉଦ୍ୟମ କରୁଥିବା ବେଳେ ପୋଲିସର ଏମିତି ଆଚରଣ ଲୋକଙ୍କୁ ଭୟଭୀତ କରାଇଛି। ଏ ବାବଦରେ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ପଚାରିବାରୁ ଛାତ୍ର ସୁଶାନ୍ତଙ୍କୁ ପଚରାଉଚୁରା ପାଇଁ ଥାନାକୁ ଡକା ହୋଇଥିଲା ଏବଂ ତାଙ୍କୁ ମାଡ଼ ମରା ହୋଇନାହିଁ ବୋଲି କହିଛନ୍ତି। ତେବେ ଶ୍ରୀ ମହାନ୍ତି କହିଛନ୍ତି ଯେ ଏ ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ସହିତ ତଦନ୍ତ କରି ଦୋଷୀକୁ ଉଚିତ ଦଣ୍ଡ ପାଇଁ ଦାବି କରିଛନ୍ତି ।



## ସରକାରି ବିଦ୍ୟାଳୟ ପାଲଟିଛ ଇଟାଭାଟି ଓ ଧାନ ଗୋଦାମ

ଠାକୁରମୁଣ୍ଡା : (ନିପ୍ର) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଜାମୁନାଳିଆ ଗ୍ରାମରେ ଅବସ୍ଥିତ କାଶୀନାଥ ଉଚ୍ଚ ବିଦ୍ୟାଳୟରୁ ଆସିଛି ସାଙ୍ଘାତିକ ଅଭିଯୋଗର । ଅଭିଯୋଗ ଅନୁଯାଇ ଏହି ବିଦ୍ୟାଳୟ ପରିସରକୁ ବେଆଇନ ଭାବେ ଇଟାଭାଟି ଓ ଧାନ ଗୋଦାମରେ ପରିଣତ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ ବିଦ୍ୟାଳୟକୁ ନିଜ ବ୍ୟକ୍ତିଗତ ସମ୍ପତ୍ତି ପରି ବ୍ୟବହାର କରୁଥିବା ଗୁରୁତର ଅଭିଯୋଗ ଉଠିଛି। ବିଦ୍ୟାଳୟ ଖୋଲା ଥିବା ସତ୍ତ୍ୱେ, ତିନିଜଣ ଶିକ୍ଷକ ଓ ଜଣେ ରାତି ଜଗୁଆଳିଙ୍କୁ ଛାଡ଼ି ଜଣେ ହେଲେବି ଛାତ୍ରଛାତ୍ରୀ ବିଦ୍ୟାଳୟରେ ଉପସ୍ଥିତ ନଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ମହାନ୍ତଙ୍କୁ ପଚାରିବାରୁ ସେ କହିଥିଲେ ଯେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଷ୍ଟଡି ଟୁରରେ ଯାଇଛନ୍ତି ଏବଂ ଆଜି ଫେରିବେ। କିନ୍ତୁ ବିଦ୍ୟାଳୟରେ ପଢୁଥିବା ମୋଟ ୧୦୯ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ କେତେଜଣ ଷ୍ଟଡି ଟୁରରେ ଯାଇଛନ୍ତି, ତାହାର ସଠିକ୍ ତଥ୍ୟ ସେ ଦେଇ ପାରିନଥିଲେ। ବିଦ୍ୟାଳୟର କାର୍ଯ୍ୟ ଦିବସରେ କାହାର ଅନୁମତିରେ ଛାତ୍ରଛାତ୍ରୀ ମାନଙ୍କୁ ଷ୍ଟଡି ଟୁରରେ ପଠାଯାଇଛି ବୋଲି ପଚାରିବାରୁ, ପ୍ରଧାନ ଶିକ୍ଷକ ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଠାରୁ ଅନୁମତି ନେଇଥିବା କଥା କହିଥିଲେ। କିନ୍ତୁ ଏ ନେଇ ଯେତେବେଳେ ଆମ ପ୍ରତିନିଧି ଗୋଷ୍ଠୀ ଶିକ୍ଷା ଅଧିକାରୀ କୁଞ୍ଜବିହାରୀ ପ୍ରଧାନଙ୍କ ସହିତ ଯୋଗାଯୋଗ କରିଥିଲେ ସେ ସଫାସଫା କହିଥିଲେ ଯେ ଏ ସମ୍ପର୍କରେ ସେ କିଛି ବି ଜାଣିନାହାନ୍ତି। ପରେ ଫୋନ୍ ଯୋଗେ ପ୍ରଧାନ ଶିକ୍ଷକଙ୍କୁ ଏଭଳି କାର୍ଯ୍ୟ ପାଇଁ କାହିଁକି କଲେ ବୋଲି ତାଗିଦ୍ ମଧ୍ୟ କରିଥିଲେ। ଏକ ପକ୍ଷରୁ ବିଦ୍ୟାଳୟର କାର୍ଯ୍ୟ ଦିବସରେ ଛାତ୍ରଛାତ୍ରୀ ମାନଙ୍କୁ ଷ୍ଟଡି ଟୁରରେ ପଠାଇବା, ଅନ୍ୟ ପକ୍ଷରୁ ଶ୍ରେଣୀ ଗୃହକୁ ଧାନ ଗୋଦାମରେ ପରିଣତ କରିବା ସହ ବିଦ୍ୟାଳୟ ପରିସରରେ ବେଆଇନ ଇଟାଭାଟି ଚାଲୁ ରଖିବା ଏସବୁ ପଛରେ ପ୍ରଧାନ ଶିକ୍ଷକ କାହାର ଛତ୍ରଛାୟା ତଳେ ଏତେ ବଡ଼ ସାହସ କରୁଛନ୍ତି ତାହାର ସଂପୂର୍ଣ୍ଣ ଓ ନିଷ୍ପକ୍ଷ ତଦନ୍ତ ହେବା ଦାବି ନେଇ ସାଧାରଣ ଲୋକମାନଙ୍କ ମଧ୍ୟରେ ଚର୍ଚ୍ଚା ଜୋର୍ ଧରିଛି ।









## ସରକାରୀ ନିୟମକୁ ବେଖାତିର

# ଘରୋଇ ଟ୍ୟୁସନ ଓ କୋଚିଙ୍ଗ ସେଣ୍ଟରରେ ମାତିଛନ୍ତି ସରକାରୀ ଶିକ୍ଷକ ଓ ଅଧ୍ୟାପକ



କଣ୍ଟିଲୋ: (ନି.ପ୍ର)ରାଜ୍ୟ ସରକାର ସରକାରୀ ଚାକିରି କରିଥିବା ଶିକ୍ଷକ କିମ୍ବା ଅଧ୍ୟାପକ ଅଧ୍ୟାପିକା ଘରୋଇ ଟ୍ୟୁସନ କରିପାରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଛନ୍ତି। ଯଦି କେହି ଶିକ୍ଷକ ଓ ଅଧ୍ୟାପକ ଘରୋଇ ଟ୍ୟୁସନ କରୁଥିବାର ନଜରକୁ ଆସେ ତେବେ ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରାଯାଇଛି। ମାତ୍ର ସରକାରଙ୍କ ଏହି ନିର୍ଦ୍ଦେଶନାମା ଠିକ ରୁପେ କାର୍ଯ୍ୟକାରୀ ହେଉନଥିବାର ସୁଯୋଗ ନେଇ ଖଣ୍ଡପଡ଼ା ସହରାଞ୍ଚଳ ସମେତ ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ଛତୁ ଫୁଟିଲା ପରି ଖୋଲିଥିବା ଘରୋଇ କୋଚିଙ୍ଗ ସେଣ୍ଟର ଓ ଟ୍ୟୁସନରେ ଏକାଧିକ ସରକାରୀ ଶିକ୍ଷକ ଓ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀମାନଙ୍କୁ ପାଠ ପଢ଼ାଉଥିବା ଜଣାପଡିଛି। ଫଳରେ ସରକାରଙ୍କ ନିର୍ଦ୍ଦେଶନାମା ପାଣିର ଗାର ପାଲଟିବା ସହ କେବଳ ଘୋଷଣାରେ ସୀମିତ ଥିବା ଜଣାପଡିଛି। ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟ ପ୍ରଧାନଶିକ୍ଷକ ମାନେ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ରହିଛି। ମାତ୍ର ଏହି ନିର୍ଦ୍ଦେଶକୁ ସରକାରୀ ବିଦ୍ୟାଳୟ ଗୁଡ଼ିକରେ କାର୍ଯ୍ୟରତ ଶିକ୍ଷକ ଓ ଅଧ୍ୟାପକ ମାନେ ବେଖାତିର କରି ଘରୋଇ ଟ୍ୟୁସନରେ ମାତିଥିବା ଜଣାପଡିଛି। ଶିକ୍ଷାନୁଷ୍ଠାନ ମାନଙ୍କରେ ସରକାରଙ୍କ ଠାରୁ ଦରମା ପାଉଥିଲେ ମଧ୍ୟ ଛାତ୍ରଛାତ୍ରୀ ମାନଙ୍କୁ ଠିକରେ ପାଠ ନ ପଢାଇ କୋଚିଙ୍ଗ ସେଣ୍ଟର ପ୍ରତି ପିଲାମାନଙ୍କୁ ଆକୃଷ୍ଟ କରୁଥିବା ଦେଖିବାକୁ ମିଳୁଛି ଯାହାଫଳରେ ଦିନକୁଦିନ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥାନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ହ୍ରାସ ପାଉଛି। ଅନେକ ସରକାରୀ ଶିକ୍ଷକ ଓ ଅଧ୍ୟାପକ ମାନେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଦେଖା କରିଦେଇ ଘରୋଇ ଟ୍ୟୁସନ ଠାରୁ ଆରମ୍ଭ କରି କୋଚିଙ୍ଗ ସେଣ୍ଟର ଗୁଡିକରେ ଶିକ୍ଷାଦାନ କରୁଥିବା ଜଣାପଡିଛି। ଫଳରେ ସରକାରୀ ଶିକ୍ଷାନୁଷ୍ଠାନ ଅପେକ୍ଷା କୋଚିଙ୍ଗ ସେଣ୍ଟର ଓ ଟ୍ୟୁସନକୁ ସଂପୃକ୍ତ ଶିକ୍ଷକ ମାନେ ଅଧିକ ଗୁରୁତ୍ୱ ଦେଉଥିବା ସାଧାରଣରେ ଆଲୋଚନା ହେଉଛି । ଏଥିପ୍ରତି ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଅହିୟାସ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ସମାରୋହ ଅନୁଷ୍ଠିତ



ମଙ୍ଗଳପୁର : ବିଦ୍ୟାଳୟ ମାନଙ୍କରେ ୮ ଘଣ୍ଟା ଶିକ୍ଷା ଦାନ ପରେ ଛାତ୍ରଛାତ୍ରୀ ଶିକ୍ଷା ହାସଲ କରିପାରୁନଥିବା ବେଳେ ମାତ୍ର ଘଣ୍ଟେ କିମ୍ବା ଦୁଇ ଘଣ୍ଟା ମଧ୍ୟରେ କୋଚିଂ - ଟିଉସନରେ କେମିତି ସବୁ ଶିକ୍ଷା ହାସଲ କରିବେ, ଏଣୁ ଏହା ବନ୍ଦ ହେବା ଉଚିତ୍ । ବିଦ୍ୟାଳୟରେ ଶିକ୍ଷାକୁ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଛାତ୍ରଛାତ୍ରୀଙ୍କୁ ସ୍ନେହରେ ବୁଝାଇ ଶିକ୍ଷା ଦେଇ ପାରିବେ ମାତ୍ର ମାଡ଼ ମାରି ନୁହେଁ ବୋଲି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅହିୟାସ ଉଚ୍ଚ ବିଦ୍ୟାଳୟ ହୀରକ ଜୟନ୍ତୀ ସମାରୋହର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂ ଦେଓ ଯୋଗଦେଇ ଏପରି କହିଛନ୍ତି । ଏହା ଛଡା ଶ୍ରୀଯୁକ୍ତ ଦେଓଙ୍କ ନାମ କରଣର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ମୋ ନାମ କେ ବି ସିଂ ଦେଓ କାହିଁକି ବୋଲି ଉଦାହରଣ ଦେଇ କେ - କର୍ମ, ବି - ବିଶ୍ୱାସ, ସିଂ - ସେବା ଏବଂ ଦେଓ - ଧର୍ମ ଅର୍ଥାତ ମୁଁ ଲୋକଙ୍କ ସହ ମିଶି ସେମାନଙ୍କ ପାଇଁ ଉନ୍ନତି ମୂଳକ କର୍ମ, ସେବା, ବିଶ୍ୱାସ ଜିତି କାର୍ଯ୍ୟ କରିବା ମୋର ଧର୍ମ ବୋଲି କହିଥିଲେ । ବିଦ୍ୟାଳୟର ଉନ୍ନତି ମୂଳକ କାର୍ଯ୍ୟ ସମ୍ପର୍କରେ ଖୁବ ଶୀଘ୍ର ନିଷ୍ପତି ନିଆଯିବ ବୋଲି ଶ୍ରୀ ସିଂ ଦେଓ କହିଥିଲେ । ସେହିପରି ମୁଖ୍ୟବକ୍ତା ଭାବେ ଇଷ୍ଟର୍ଣମେଡ଼ିଆ ଗ୍ରୁପର ମୁଖ୍ୟ ତଥା ପୂର୍ବତନ ସାଂସଦ ସୋମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କହିଥିଲେ କି ତୁମେ ପ୍ରଶ୍ନ କରିବା ଅଭ୍ୟାସ କର । ପ୍ରଶ୍ନ ପଚାରିପାରିଲେ ସବୁ ସମାଧାନ ହୋଇପାରିବ । ଅହିୟାସ ମାଟିର ଏକ ସ୍ୱତନ୍ତ୍ର ଗାରିମା ରହିଛି, ବହୁ ସ୍ୱାଧୀନତା ସଂଗ୍ରାମୀ, ଉଚ୍ଚ ପଦସ୍ଥ ଅଧିକାରୀଙ୍କ ମାଟି, ଏହି ମାଟି ସହିତ ମୋ ପରିବାର ଜଡିତ। ପୁରାତନ ଛାତ୍ରଛାତ୍ରୀ ହେଉଛନ୍ତି ଏ ଅନୁଷ୍ଠାନର ଶ୍ରେଷ୍ଠ ସମ୍ପତ୍ତି, ଏଣୁ ଶିକ୍ଷକମାନେ ଦରମା ପାଇଁ ରାଜ ରାସ୍ତାରେ ଆନ୍ଦୋଳନ କରିବା ପରିବର୍ତ୍ତେ ୫ ଜଣ ଭଲ ଛାତ୍ରଛାତ୍ରୀ ତିଆରି କରି ପାରିଲେ ସେମାନେ ସରକାରଙ୍କୁ ବିଦ୍ୟାଳୟ ସମ୍ପର୍କରେ ପ୍ରଶ୍ନ କରିପାରିବେ। ଏଣୁ ବିଦ୍ୟାଳୟର ସବୁ ସମସ୍ୟା ସମାଧାନ ହୋପାରିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଗୋଟିଏ ଜାତିକୁ ନଷ୍ଟ କରିବାର ଅଛି ତ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଦିଅ। ପୂର୍ବ ସରକାର ଯେମିତି ଶିକ୍ଷା ବ୍ୟବସ୍ଥାନାମରେ କେବଳ ଘର ଏବଂ ରଙ୍ଗ ଦେଇ ବାହାବାହା କରୁଥିଲେ ସେମିତିରେ ଆଗାମୀ ଭବିଷ୍ୟତ ଶିକ୍ଷିତ ହୋଇପାରିବ ନାହିଁ। ନୂତନ ସରକାର ଅସ୍ମିତା ପାଇଁ ବିଜୟ ହାସଲ କରିନାହିଁ ବରଂ ପୂର୍ବ ସରାକରଙ୍କ ଅହଂକାର ପାଇଁ ସେମାନେ ପରାଜୟ ବରଣ କରିଛନ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ । ଏହା ଛଡା ୫ ଟି ମ ଏବଂ ନ ପାଳନ କଲେ ବହୁତ ଉଚ୍ଚକୁ ଛାତ୍ରଛାତ୍ରୀ ମାନେ ଯାଇପାରିବେ । ୫ ଟି ମ ଅର୍ଥ ହେଉଛି ମା, ମାଟି, ମାତୃଭାଷା କୁ ସମ୍ମାନ ଦେବା ସହିତ ମୋବାଇଲର ସୁପରିଚାଳନା ଏବଂ ମଦ ମୁକ୍ତ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବା। ସେହିପରି ୫ ଟି ନ ଅର୍ଥ ହେଉଛି ନିରୋଗ ରୁହ, ନିଡାମ୍ବର ରୁହ, ନୀରଅହଙ୍କାରୀ ହୁଅ, ନୀଡ଼ର ହୁଅ ଏବଂ ନିଶାମୁକ୍ତ ଓଡିଶା ଗଠନ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ ଶ୍ରୀ ପଟ୍ଟନାୟକ । ଅବିଭାବକମାନେ ସେମାନଙ୍କ ପିଲାଙ୍କୁ କେବଳ ବଡ଼ ମଣିଷ, ଧନୀ ମଣିଷ ତିଆରି କରିବା ଅପେକ୍ଷା ଭଲ ମଣିଷ ଗଢିବାକୁ ସଂସ୍କାର ଦିଅନ୍ତୁ ବୋଲି ସମ୍ମାନିତ ଅତିଥିଭାବେ ଯୋଗଦେଇ କୋରେଇ ବିଧାୟକ ଆକାଶ ଦାସନାୟକ କହିଥିଲେ । ଦେଶ ପାଇଁ ଖାଲି ଲଢେଇ କଲେ ଯେ ଦେଶ ପ୍ରେମୀ ହୋଇଯିବେ ତାହା ନୁହେଁ ପରିବେଶ, ଜଳ ଏବଂ ସମାଜକୁ କୁ ସୁରକ୍ଷା ଦେବା ବି ଦେଶ ପ୍ରେମ ବୋଲି କହିଥିଲେ। ହୀରକ ଜୟନ୍ତୀ ପୃଷ୍ଟପୋଷକ ତଥା ପୂର୍ବତନ ଜିଲ୍ଲାପରିଷଦ ସଭାପତି ଗୌତମ ରାୟ ବିଦ୍ୟାଳୟର ସମସ୍ୟା ଓ ଦଶରଥପୁର ବ୍ଲକର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଉପ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବୀ ଉପସ୍ଥାପନ କରିଥିଲେ।



# ୪୦ ଫୁଟ ତଳକୁ ଖସିଲା ବୋଲେରୋ

ମୟୂରଭଞ୍ଜ : (ନିପ୍ର) ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅଧୀନ ନଳଗଜା ନିକଟ ପୋଲ ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ନିରବ ଦ୍ରଷ୍ଟା ସାଜିଛି। ସୂଚନା ମୁତାବକ ଭୋରରୁ ଏକ ବୋଲେରୋ ନଳଗଜାରୁ ଜଳେଶ୍ୱରକୁ ଯାଉଥିବା ସମୟରେ ଭାରସ୍ୟାମ ହରାଇ ଉକ୍ତ ପୋଲରୁ ଚାଳିଶ ଫୁଟ ତଳକୁ ଖସି ପଡିଥିଲା। ତେବେ ଅଳ୍ପକେ ଗାଡ଼ିରେ ଥିବା ଡ୍ରାଇଭର ଜଣକ ବର୍ତ୍ତି ଯାଇଛନ୍ତି। ସୂଚନାଯୋଗ୍ୟ ଯେ ଚଳିତ ମାସ ୧୮ ତାରିଖରେ ଉକ୍ତ ପୋଲରୁ ଏକ ବୋଲେରୋ ଚାଳିଶ ଫୁଟ ତଳକୁ ଖସିବା ଫଳରେ ୩ ଜଣ ଗୁରୁତର ହେବା ସହିତ ୫ଜଣ ଆହତ ହୋଇଥିଲେ ଏବଂ ଗତ ଡ଼ିସେମ୍ବର ୨୫ ତାରିଖ ଦିନ ଏକ ବାଇକ ମଧ୍ୟ ତଳକୁ ଖସି ପଡିଥିଲା। ତେବେ ଉକ୍ତ ପୋଲରେ ବହୁ ପୂର୍ବରୁ ବ୍ୟାରିକେଡ଼ ଥିଲା ଏବଂ ପରବର୍ତ୍ତୀ ସମୟରେ ବ୍ୟାରିକେଡ଼ ଭାଙ୍ଗି ଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ବ୍ୟାରିକେଡ଼ ଲାଗିନାହିଁ। ଫଳରେ ପୋଲକୁ ଲାଗି ବାଙ୍କ ରାସ୍ତା ଥିବା ବେଳେ ଭାରସ୍ୟାମ ହରାଇବା ଫଳରେ ବ୍ୟାରିକେଡ଼ ନଥିବା ଯୋଗୁଁ ପୋଲ ତଳକୁ ଗାଡି ଗୁଡିକ ଖସି ପଡୁଛି। ତେଣୁ ଏଠାରେ ବ୍ୟାରିକେଡ଼ ଲଗାଇବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। କିନ୍ତୁ ପୂର୍ତ୍ତ ବିଭାଗ ପକ୍ଷରୁ କୋଣସି ପଦକ୍ଷେପ ନ ନେବାରୁ ଅସନ୍ତୋଷ ପ୍ରକାଶ ପାଇଛି ।

# ଦୁର୍ଘଟଣା ଗ୍ରସ୍ତ ଶ୍ରମିକ ସହାୟତା ନ ଦେଇ ଠକି ଦେଲା ମିଶ୍ରିଲାଲ କମ୍ପାନୀ

## ଦୁଃଖ ଦୁର୍ଦ୍ଦଶାରେ ଜୀବନ ବିତାଉଛନ୍ତି ଗଗନ



କାମାକ୍ଷାନଗର : କାମାକ୍ଷାନଗର ସହର ନିକଟବର୍ତ୍ତୀ କାନପୁରା ଠାରେ ଥିବା ମିଶ୍ରିଲାଲ କମ୍ପାନୀରେ ଶ୍ରମିକ ଭବେ କାର୍ଯ୍ୟରତ ଗଗନ ନାୟକ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ପର ଠାରୁ ସହାୟତା ନପାଇ ଏବେ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି । କାମାକ୍ଷାନଗର ସହରର ପୁରୁଣା ରେକୁଳା ବସ୍ତିର ଗଗନ ନାୟକ କାନପୁରା ଠାରେ ମିଶ୍ରିଲାଲ କମ୍ପାନୀ ଆରମ୍ଭ ହେବା ଦିନଠାରୁ ଶ୍ରମିକ ଭାବେ କାର୍ଯ୍ୟ କରି ଆସୁଥିଲେ । ୨୦୧୮ ମସିହାରେ କମ୍ପାନୀ ମଧ୍ୟରେ କାର୍ଯ୍ୟରତ ଗଗନଙ୍କ ଗୋଡ଼ରେ ଏକ ପ୍ଲେଟ ପଡିଯିବାରୁ ଗଗନ ଗୁରୁତର ଭାବେ ଆହତ ହୋଇପଡ଼ିଥିଲେ । କମ୍ପାନୀ ପକ୍ଷରୁ ଗଗନ କୁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡକ୍ଟରଖାନରେ ଭର୍ତ୍ତି କରାଯାଇଥିଲା । ସେଠାରେ ଗଗନଙ୍କ ବାମ ଗୋଡ଼ ରେ ରଡ଼ ଭର୍ତ୍ତୀ କରାଯିବା ପରେ ଘରକୁ ଆସିଥିଲେ । ଉକ୍ତ ରଡ଼ ୨ବର୍ଷ ପରେ ବାହାରିବା ପାଇଁ ଡକ୍ଟର କହିଥିଲେ କ୍ଷ ହେଲେ ଦୀର୍ଘ ୮ ବର୍ଷ ବିତିଯାଇଥିବା ବେଳେ କମ୍ପାନୀ ପକ୍ଷରୁ ଗଗନଙ୍କର ଗୋଡ଼ରୁ ରଡ଼ ବାହାରିବା ନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଏ ସଂକ୍ରାନ୍ତରେ ଗଗନ ବହୁବାର କମ୍ପାନୀ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚି ନେହୁରା ହେଉଥିବା ବେଳେ କର୍ତ୍ତୃପକ୍ଷ କୋଣସି କଥା ଶୁଣି ନାହାନ୍ତି । ତୁରନ୍ତ ରଡ଼ ବାହାର ନକଲେ ଗୋଡ଼ କଟାଯିବ ବୋଲି ଡକ୍ଟର କହିଥିବାର ଗଗନ ଲୋତକ ଭରା ଚକ୍ଷୁରେ ପ୍ରକାଶ କରିଛନ୍ତି ।

# ୨୦୨୭ ସୁଦ୍ଧା ଟିଏଫଏଲ କାର୍ଯ୍ୟକ୍ଷମ ହେବ: ଜେପି ନଡ୍ଡା

ତାଳଚେର :(ନିପ୍ର)ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ଲୋକସଭାରେ ତାଳଚେର ଟିଏଫଏଲ ସମ୍ବନ୍ଧରେ ସରକାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେପି ନଡ୍ଡା ସାଂସଦଙ୍କର ପ୍ରଶ୍ନର ଉତ୍ତର ରଖିଛନ୍ତି । ତାଳଚେର ସାର ୟୁନିଟର ତ୍ୱରିତ ସମାପ୍ତି ସମ୍ପର୍କରେ ଶୂନ୍ୟ କାଳରେ ଲୋକସଭାରେ ଆପଣ ଉଠାଇଥିବା ଜରୁରୀ ସାର୍ବଜନୀନ ଗୁରୁତ୍ୱ ପ୍ରସଙ୍ଗର ଏକ ସାରାଂଶ ମୁଁ ପାଇଲି।

ଏହି ପରିପ୍ରେକ୍ଷୀରେ ଅନୁରୋଧ କରାଯାଉଛି ଯେ ତାଳଚେର ସାର ଲିମିଟେଡ୍ (**TFL**) ପ୍ରକଳ୍ପ ବର୍ତ୍ତମାନ ନିର୍ମାଣାଧୀନ ଅଛି ଏବଂ କାର୍ଯ୍ୟ ଅଗ୍ରଗତି ପ୍ରାୟ ୭୦%। ଏହି ପ୍ରକଳ୍ପ ଡିସେମ୍ବର ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି ।ତାଳଚେର ସାର ଲିମିଟେଡ୍ (**TFL**), **GAIL** (ଇଣ୍ଡିଆ) ଲିମିଟେଡ୍ ରାଷ୍ଟ୍ରୀୟ କେମିକାଲ୍ସ ଆଣ୍ଡ ଫର୍ଟିଲାଇଜର୍ସ ଲିମିଟେଡ୍ (**RCF**) କୋଲ୍ ଇଣ୍ଡିଆ ଲିମିଟେଡ୍ (**CIL**)ଏବଂ ଫର୍ଟିଲାଇଜର କର୍ପୋରେସନ ଅଫ୍ ଇଣ୍ଡିଆ ଲିମିଟେଡ୍(**FCIL**)ର ଏକ ମିଳିତ ଉଦ୍ୟମ କମ୍ପାନୀ ୨୦୧୫ରେ ବନ୍ଦ **FCIL** ପ୍ଲାଣ୍ଟକୁ ବଦଳାଇ ତାଳଚେରରେ ଏକ କୋଇଲା ଗ୍ୟାସିଫିକେସନ୍-ଆଧାରିତ ସାର ପ୍ଲାଣ୍ଟ ସ୍ଥାପନ କରିବା ପାଇଁ ଗଠିତ ହୋଇଥିଲା। **TFL** ପରିଚାଳନା କାରଖାନା ନିର୍ମାଣ ଏବଂ ପରବର୍ତ୍ତୀ କାର୍ଯ୍ୟକ୍ଷମ କରିବା ପାଇଁ ଏହାର କର୍ମଚାରୀଙ୍କ ନିଯୁକ୍ତି ପାଇଁ ନୀତି ଏବଂ ପ୍ରକ୍ରିୟା ନିର୍ଦ୍ଧାରଣ କରିଛି ଯାହା ପାଇଁ ସମୟ ସମୟରେ କମ୍ପାନୀର ୱେବସାଇଟ୍ ଏବଂ ଖବର କାଗଜରେ ବିଜ୍ଞାପନ ବିଜ୍ଞପ୍ତି ପ୍ରକାଶିତ ହୁଏ। ପ୍ରକଳ୍ପ ଆବଶ୍ୟକତା ଅନୁଯାୟୀ **TFL** ସମୟ ସମୟରେ ଏକ ଖୋଲା ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ଅଭିଜ୍ଞ ବୃତ୍ତିଗତ ମାନଙ୍କୁ ନିଯୁକ୍ତି ଦେଇଥାଏ। ତଥାପି ପ୍ରକଳ୍ପ ସମ୍ବନ୍ଧୀୟ ଆଉଟସୋର୍ସିଂ ସହାୟତା ଏବଂ ଅନ୍ୟାନ୍ୟ କାର୍ଯ୍ୟ (ଅତ୍ୟଧିକ କୁଶଳୀ, କୁଶଳୀ, ଅର୍ଦ୍ଧ-କୁଶଳୀ ଏବଂ ଅଣକୁଶଳୀ) ପାଇଁ କର୍ମଚାରୀମାନଙ୍କୁ ନିଯୁକ୍ତି ଦେବା ସମୟରେ **TFL** ସ୍ଥାନୀୟ ବାସିନ୍ଦାଙ୍କୁ ବିଶେଷକରି ଓଡ଼ିଶାର ଅନୁଗୁଳ ଜିଲ୍ଲା ଆଖପାଖର ଗ୍ରାମଗୁଡ଼ିକର ବାସିନ୍ଦାଙ୍କୁ ପ୍ରାଥମିକତା ଦେଇଛି ବୋଲି ଶ୍ରୀ ନଡ୍ଡା ଲିଖିତ ଭାବେ ଜଣାଇଛନ୍ତି ।



# ନବ ବର୍ଷ ଉପଲକ୍ଷେ କବିତା ପାଠୋତ୍ସବ




କାମାକ୍ଷାନଗର : (ନିପ୍ର)ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପାଠକ ବିଚାର ମଞ୍ଚ ପକ୍ଷରୁ ନବବର୍ଷ ଉପଲକ୍ଷେ ଏକ କବିତା ପାଠୋତ୍ସବ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି କ୍ଷ ପାଠକ ବିଚାର ମଞ୍ଚର ସଭାପତି ଜ୍ଞାନରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇ ଗୋପବନ୍ଧୁଙ୍କର କବିତା ପ୍ରତି ରହିଥିବା ରୁଚି ଉପରେ ଆଲୋକପାତ କରି ତାଙ୍କର ଉତ୍କଳରେ ନେତା ନାହିଁ ପ୍ରୟୋଜନ ଉତ୍କଳର ନେତା ସ୍ୱୟଂ ନାରାୟଣ ଉତ୍କଳ ମଣି ଗୋପବନ୍ଧୁ ଦାସଙ୍କ ଉକ୍ତିଟି ପ୍ରକାଶ କରିଥିଲେ କ୍ଷ ବରିଷ୍ଠ ଉପଦେଷ୍ଟା ମେଜର ପ୍ରଭାତ କୁମାର ଦାଶ ଏହି ପାଠକ ବିଚାର ମଞ୍ଚ ମଧ୍ୟରେ ଲୁକ୍କାୟିତ ଯୁବ ପ୍ରତିଭା କିପରି ଯୋଗ ଦେଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ କ୍ଷ ଅନ୍ୟମାନଙ୍କ ମଧ୍ୟରେ ପବିତ୍ର କୁମାର ବିଶ୍ୱାଳ,ଜଗନ୍ନାଥ ଗଡ଼ନାୟକ, ବସନ୍ତ କୁମାର ସାହୁ, ସୋମ୍ୟରଞ୍ଜନ ନାୟକ, ଜ୍ୟୋତି ରଞ୍ଜନ ସାହୁ, ଏହି ଅବସରରେ କବି ଦେବୀପ୍ରସାଦ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବ ରେ କବି ପ୍ରଦୀପ୍ତ ମହାପାତ୍ର,ପ୍ରମୋଦ କୁମାର ସ୍ୱାଇଁ,ମଣ୍ଟୁ ପ୍ରଧାନ, ସନ୍ତୋଷ ମିଶ୍ର, ଗଜେନ୍ଦ୍ର ନାୟକ, ଜଳଧର ସ୍ୱାଇଁ,ଦୁର୍ଯ୍ୟୋଧନ ସାହୁ,ସ୍ୱାତି ସୁଭଦର୍ଶନୀ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିବା ବେଳେ ଶାଳବଣର କବି ସ୍ୱର୍ଗତ ଗିରୀଶ ଚନ୍ଦ୍ର ନନ୍ଦଙ୍କର ଅପ୍ରକାଶିତ ଶତାବ୍ଦୀ ର ସ୍ୱରର ଏକ କବିତା 'ଏମାନେ ସମସ୍ତେ 'କବିତା କୁ ପାଠ କରାଯାଇଥିଲା କ୍ଷ ଆବାହକ ଶୁଭମୟ ନନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଉପଖଣ୍ଡ ସାମ୍ବାଦିକ ସଂଘର ସାଧାରଣ ସଂପାଦକ ପ୍ରକାଶ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ ।

# ସରପଞ୍ଚଙ୍କୁ ୬ଘଣ୍ଟା ଧରି ତାଲା ପକାଇଲେ ଗ୍ରାମବାସୀ

## ଦୀର୍ଘ ଚାରି ବର୍ଷ ଧରି ବିଶୁଦ୍ଧ ପାଣି ପାଇଁ ହନ୍ତସନ୍ତ ଲୋକେ



ମୋରଡା: (ନିପ୍ର)ପାନୀୟ ଜଳ ସମସ୍ୟାକୁ ନେଇ ଉତ୍ୟକ୍ତ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବ୍ଲକ ଅଧୀନ ଝାଟିଅଡା ପଞ୍ଚାୟତ ବାସୀ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇଛନ୍ତି। ସୂଚନା ମୁତାବକ ଉକ୍ତ ପଞ୍ଚାୟତର ହରିପୁର ଏବଂ ତାରାପୁର ଗ୍ରାମବାସୀଙ୍କ ପାନୀୟ ଜଳ ନିମନ୍ତେ ବସୁଧା । ଯୋଜନାରେ ୨୦୨୨ ମସିହାରେ ହରିପୁର ଗ୍ରାମରେ ଏକ ଓଭର ହେଡ଼ ଟାଙ୍କି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା କାର୍ଯ୍ୟ ସମ୍ପୂର୍ଣ ନହେବାରୁ ଗ୍ରାମବାସୀ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଫଳରେ ଆଜି ଉକ୍ତ ଦୁଇଟି ଗ୍ରାମର ଲୋକେ ଉତ୍ୟକ୍ତ ହୋଇ ଆଜି ବୁଧବାର ପୂର୍ବାହ୍ନ ୧୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୀର୍ଘ ଛଅ ଘଣ୍ଟା ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇ ସରପଞ୍ଚ ବୁଦ୍ଧିଆ ମୁର୍ମୁ ଏବଂ ଅନ୍ୟ ପଞ୍ଚାୟତ କାର୍ଯ୍ୟାଳୟ କର୍ମଚାରୀଙ୍କୁ ଅଟକ ରଖିଥିଲେ । ଘଟଣା ସ୍ଥଳରେ ବିଡ଼ିଓ ଅନନ୍ତ କୁମାର ହାଁସଦା, ଗ୍ରାମ୍ୟ ପରିମଳ ଓ ପାନୀୟ ଜଳ ଯୋଗାଣ ବିଭାଗର ଏସଡ଼ିଓ, କନିଷ୍ଠ ଯନ୍ତ୍ରୀ ନବକିଶୋର ମଲ୍ଲିକ,ରାସଗୋବିନ୍ଦପୁର ପୋଲିସ ଏବଂ ପ୍ରିୟବ୍ରତ ଗାରୁ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ଆଗାମୀ ୭ ଦିନ ଭିତରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବାର ପ୍ରତିଶୃତି ପରେ ଉତ୍ୟକ୍ତ ଗ୍ରାମବାସୀ କାର୍ଯ୍ୟାଳୟରୁ ତାଲା ଖୋଲିଥିଲେ ।

# ଚୋରି ହୋଇଥିବା ବସ୍ ଫେରି ପାଇଲେ ପ୍ରଶାନ୍ତ

କଣ୍ଟିଲୋ : (ନି.ପ୍ର) ଗତ ସୋମବାର ମଧ୍ୟରାତ୍ରିରେ ଗଞ୍ଜାମ ଜିଲ୍ଲା ଅଧିନ ଜଗନ୍ନାଥ ପ୍ରସାଦ ଅଞ୍ଚଳର ପ୍ରଶାନ୍ତ କୁମାର ସେଠୀଙ୍କ ଓଆର୦୭ୟୁ ୯୮୦୨ ମୁକ୍ତେଶ୍ୱର ନାମକ ବସଟି ଚୋରି ହୋଇଥିବା ଜଗନ୍ନାଥ ପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତିକରି ଜଗନ୍ନାଥ ପ୍ରସାଦ ଥାନା କେସ ନମ୍ବର ୫୫୪/୨୫ ରେ ଏକ ମାମଲା ରୁଜୁ କରି ଅନୁସନ୍ଧାନ ଜାରୀ ରଖିଥିଲେ। ଗାଡି ମାଲିକ ପ୍ରଶାନ୍ତ କୈଣସି ସୂତ୍ରରୁ ଖବର ପାଇ ନୟାଗଡ଼ ଜିଲ୍ଲା କଣ୍ଟିଲୋ ଗ୍ରାମରେ ବିରାଜିତ ପ୍ରଭୁ ଶ୍ରୀ ନିଳମାଧବଙ୍କ ପୀଠରେ ଯାତ୍ରୀଙ୍କୁ ନେଇ ଆସିଥିବା ବସଟିକୁ କଣ୍ଟିଲୋ ଫାଣ୍ଡି ଅଧିକାରୀ ଏବଂ ଜଗନ୍ନାଥ ପ୍ରସାଦ ଥାନା ଅଧିକାରୀଙ୍କ ସହାୟତାରେ ଜବତ କରିବା ସହିତ ଜଗନ୍ନାଥ ଜାନି (୨୨) ବର୍ଷ ପିତା ପ୍ରଫୁଲ୍ଲ ଜାନି ନାମକ ଯୁବକ କୁ ଗିରଫ କରିଥିବା ସହିତ ଅନ୍ୟ ଅଭିଯୁକ୍ତ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଗିରଫ ଯୁବକଙ୍କ ଘର ଜଗନ୍ନାଥ ପ୍ରସାଦ ଅନ୍ତର୍ଗତ କିଆଝର ଗ୍ରାମରେ ବୋଲି ଗାଡି ମାଲିକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଗିରଫ ହୋଇଥିବା ଯୁବକଙ୍କ ସହିତ ଫେରାର ହୋଇଥିବା ଯୁବକ ମିଶି ବସ୍ ଟିକୁ ଚୋରିକରି ରାତାରାତି କୈଣସି ମନ୍ଦ ଉଦେଶ୍ୟ ରଖି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ସିଂଘାପଡା ପଞ୍ଚାୟତ ଅଧୀନ ଶବରବିନ୍ଧା ଓ ରୁପା ପଲ୍ଲୀ ଗ୍ରାମକୁ ନେଇ ରଖିଥିଲେ । ସେହି ଗ୍ରାମର କୈଣସି ଯୁବକଙ୍କ ପ୍ରରୋଚନାରେ ୧୫ ରୁ ୨୦ ଜଣ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷଙ୍କୁ ନୀଳମାଧବ ଦର୍ଶନ କରିବା ପାଇଁ ଆଣିଥିବା ଜଣାପଡିଛି। କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶଙ୍କ ପରାମର୍ଶ କ୍ରମେ ଆସିଥିବା ଯାତ୍ରୀ ମାନଙ୍କୁ ଗାଡି ମାଲିକ ସେମାନଙ୍କ ଗ୍ରାମରେ ଛାଡ଼ିଦେଇ ଜଗନ୍ନାଥ ପ୍ରସାଦ ନେଇଯାଇଥିବା ଜଣାପଡିଛି। ତଦନ୍ତ ହେଲେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ପୋଲିସକୁ ମିଳିବ ବୋଲି ଆଶା କରାଯାଉଛି ।




# ଚାଳଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମେଗା ସ୍ୱାସ୍ଥ୍ୟ ଶିବିର




ତାଳଚେର:-ତାଳଚେର ବ୍ଲକ ଘଣ୍ଟପଡା ପଂଚାୟତର ଚାଳଗଡ଼ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଏବଂ ଭୁବନେଶ୍ୱରୀ ଏରିଆ ସିଏସଆର ଆନୁକୂଲ୍ୟରେ ଆୟୋଜିତ ଏହି ଶିବିରକୁ ମେଡିକାଲ୍ ଅଫିସର ତଥା ଜଗନ୍ନାଥ କୋଲିୟରୀ ଡିସ୍ପେନସାରୀର ଡାକ୍ତର ଶଶୀଧର ପ୍ରସାଦଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବଲଣ୍ଡା ଡିସ୍ପେନସାରୀର ଶିଶୁ ବିଶେଷଜ୍ଞ ଡାକ୍ତର ରାକେଶ କୁମାର ଏବଂ ଅନନ୍ତ ଡିସ୍ପେନସରି ର ଡାକ୍ତର କ୍ରିଷ୍ଣା କୁମାରୀଙ୍କ ସହିତ ଭୁବନେଶ୍ୱରୀ ଏରିୟା ଆସ୍ଥା ମହିଳା ମଣ୍ଡଳର ସଭାନେତ୍ରୀ ମନୀଷା ସିଂ, ସମ୍ପାଦକ ସଂଗୀତା ଶ୍ରୀରାମଙ୍କ ସହିତ ସମସ୍ତ ସଦସ୍ୟା ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ କ୍ଷ ଏହି ଶିବିରରେ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହିତ ଔଷଧ ବିତରଣ କରାଯାଇଥିଲା କ୍ଷ ଏହା ସହିତ ପାଖରେ ଥିବା ଅଙ୍ଗନବାଡ଼ିର ସମସ୍ତ ଶିଶୁ ଏବଂ ସମସ୍ତ ରୋଗୀ ମାନଙ୍କୁ ପୃଷ୍ଟିକର ଖାଦ୍ୟ, ଫଳ ବଣ୍ଟନ ଆସ୍ଥା ମହିଳା ମଣ୍ଡଳଙ୍କ ଦ୍ୱାରା କରାଯାଇଥିଲା କ୍ଷ ଏହି ଶିବିରରେ ଜଗନ୍ନାଥ, ଅନନ୍ତ ଓ ବଲଣ୍ଡା ଡିସ୍ପେନସାରୀର ଫାର୍ମାସିଷ୍ଟ ବିଶ୍ୱମ୍ଭର ସାହୁ, ସୁଜିତ ଦାସ ଓ ଅଭିଷେକ ଶତପଥିଙ୍କ ସହିତ ରାଜେଶ ନନ୍ଦି, ସନ୍ତୋସିନୀ ସାହୁ, ସ୍ମରଣିକା ବେହେରା, ଗୌତମ ନାଏକ, ଆମ୍ବୁଲାନସ୍ ଡ୍ରାଇଭର ଅନୀଲ କୁମାର ଓ ସେଂଟଜନ୍ ଆମ୍ବୁଲାନ୍ସ ଅନୁଗୋଳ ଜିଲ୍ଲାର ଅବୈତନିକ ଯୁଗ୍ମ ସଂପାଦକ ତଥା ଏମସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ର ଡିଭିଜନ୍ କମାଣ୍ଡର ଦୀନବନ୍ଧୁ ପ୍ରଧାନ, ଆମ୍ବୁଲାନସ୍ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ପମିତ୍ରା ପ୍ରଧାନ, ଦୁର୍ଗା ଚରଣ ସାମଲ ଓ ଅମରାନନ୍ଦ ଥମ୍ବ ପ୍ରମୁଖ ସହଯୋଗ କରିଥିଲେ କ୍ଷ ଶିବିରରେ ରକ୍ତଚାପ, ମଧୁମେହ, ଶିଶୁମାନଙ୍କର ଏବଂ ବିଭିନ୍ନ ପ୍ରକାର ରୋଗର ୨୬୦ ଜଣଙ୍କୁ ଚିକିତ୍ସା କରାଯାଇଥିଲା କ୍ଷ ଏ ସମସ୍ତ କାର୍ଯ୍ୟକ୍ରମରେ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ନାଏବ ସରପଂଚ ରାଜୀବ ଦାସ, ବରିଷ୍ଠ ଆଇନଜୀବୀ ତଥା ସରକାରୀ ଓକିଲ ଉଚ୍ଛନ ପଟ୍ଟନାୟକ, ନାରାୟଣ ସାହୁ, ଅନୀଲ କୁମାର ଥମ୍ବ, କାର୍ତ୍ତିକ ଚନ୍ଦ୍ର ପଟ୍ଟନାୟକ, ଶିବାନନ୍ଦ ଥମ୍ବ, ପଦନ ସାମଲ, ଅରୁଣ ରାଉତ, କିଶୋର ପଟ୍ଟନାୟକ, ଅଙ୍ଗନବାଡ଼ି ଦିଦି , ପୁଷ୍ପାଞ୍ଜଳି ସାହୁ, ଝିଲ୍ଲୀ ରାଉତ, ସୌଦାମିନୀ ରାଉତ ଓ ରିତାଞ୍ଜଳୀ ଷଣ୍ଢ ପ୍ରମୁଖ ସହଯୋଗ କରିଥିଲେ ।

# ତାରିଣୀ ପାହାଡ଼ର ବିକାଶ ପାଇଁ ଜନସାଧାରଣଙ୍କ ଦାବି

କଣ୍ଟିଲୋ : (ନି.ପ୍ର) କଣ୍ଟିଲୋ ଗ୍ରାମ ପଞ୍ଚାୟତ ପାଣି ଟାଙ୍କି ଉପରେ ଥିବା ତାରିଣୀ ପାହାଡରେ ଆଜକୁ ପ୍ରାୟ ୨୦ ବର୍ଷରୁ ଉର୍ଦ୍ଧ୍ୱ ହେବ କଣ୍ଟିଲୋ ମାଧବଚୈଧୁରୀ ପାଟଣା ସାହିର ଯୁବକ ଓ ବୟସ୍କ ପୁରୁଷ ମହିଳାଙ୍କ ସହଯୋଗ ଓ ସହାୟତା ବଳରେ ଉକ୍ତ ପାହାଡ ଉପରେ ମା ତାରିଣୀଙ୍କ ପ୍ରତିମା ପ୍ରତିଷ୍ଠା କରି ଭକ୍ତ ମାନଙ୍କ ସ୍ୱଳ୍ପ ଆର୍ଥିକ ସହାୟତା ବଳରେ ମନ୍ଦିର ନିର୍ମାଣ ଆରମ୍ଭ କରିବା ସହିତ ପାହାଡର ସୁରକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୈଣସି ଆବଶ୍ୟକୀୟ ଅର୍ଥ ଯୋଗାଡ଼ ନହୋଇପାରିବା ଫଳରେ ମନ୍ଦିରଟି ଅର୍ଦ୍ଧ ଭଗ୍ନ ଅବସ୍ଥାରେ ରହିବା ସହିତ ମୁକ୍ତାକାଶ ତଳେ ମା ତାରିଣୀ ପୂଜା ପାଉଛନ୍ତି। ବର୍ତ୍ତମାନ ର ସରକାର ମଠ ମନ୍ଦିର ଉପରେ ଗୁରୁତ୍ୱ ଦେଉଥିବାରୁ ଖଣ୍ଡପଡ଼ାର ଯୁବ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏହି ତାରିଣୀ ପୀଠର ବିକାଶ ନିମନ୍ତେ ସରକାରୀ ଅନୁଦାନ ଯୋଗାଇ ଦେବାପାଇଁ ସମସ୍ତ ଜନସାଧାରଣ ଦାବି କରିଛନ୍ତି। ଏହି ପୀଠର ବିକାଶ ପାଇଁ ରାସ୍ତା ନିର୍ମାଣ ସହିତ ଯଦି ସୁରମ୍ୟ ମନ୍ଦିର ନିର୍ମାଣ ହୋଇପାରନ୍ତା ତାହାଲେ ସେହି ପାହାଡ ଉପରେ ପର୍ଯ୍ୟଟକ ମାନେ ଭରପୁର ମଜା ନେବା ସହିତ ପାହାଡ ଉପରୁ ମହାନଦୀର ନୀଳଜଳରାଶି ସହିତ କଣ୍ଟିଲୋ ଗ୍ରାମର ଦୃଶ୍ୟ ଉପଭୋଗ କରିପାରନ୍ତେ। ଏହି ପୀଠଟି ପର୍ଯ୍ୟଟକ ମାନଙ୍କ ପାଇଁ ପର୍ଯ୍ୟଟନ ସ୍ଥଳ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଖଣ୍ଡପଡ଼ାରେ ପ୍ଲାନେଟୋରିୟମ ପ୍ରତିଷ୍ଠା ନେଇ ଭିତ୍ତିପ୍ରସ୍ତର ସ୍ଥାପନ



ଖଣ୍ଡପଡ଼ା : (ନି.ପ୍ର) ଖଣ୍ଡପଡ଼ା ସହରାଞ୍ଚଳ ଅଧୀନ ମା ଉମାଦେବୀ ମନ୍ଦିର ନିକଟରେ ନୂତନ କରି ପଠାଣି ସାମନ୍ତ ପ୍ଲାନେଟୋରିୟମ ପ୍ରତିଷ୍ଠା ନେଇ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା,ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ତେଲକୋଇ ବିଧାୟକ ଡ଼ ଫକିର ମୋହନ ନାୟକ, ଖଣ୍ଡପଡ଼ା ଏନଏସି ଅଧ୍ୟକ୍ଷା ଆରତୀ ପ୍ରଧାନ, ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ,ବିଜ୍ଞାନ ଓ କାରିଗରୀ ବିଭାଗ ଉପସଚିବ ଚିନ୍ମୟୀ ଚେତନା ଦାଶ, ବିଡିଓ ଅଙ୍କୁର ଅଭିଳାଷ,ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ,ପୂର୍ତ୍ତବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜୀବ ବେହେରା, ଖଣ୍ଡପଡ଼ା ବ୍ଲକ ସହକାରୀ ନିର୍ବାହୀଯନ୍ତ୍ରୀ ଆଶୁତୋଷ ମହାନ୍ତି,ପୂର୍ତ୍ତବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ରାଧେଶ୍ୟାମ କାଲୋ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାପ୍ତ ସୂଚନାନୁଯାୟୀ ୨୨ କୋଟି ଟଙ୍କା ବ୍ୟୟ ଅଟକଳରେ ଖଣ୍ଡପଡ଼ା ଠାରେ ନିର୍ମାଣ ହେବାକୁ ଥିବା ପଠାଣି ସାମନ୍ତ ପ୍ଲାନେଟୋରିୟମଟି ନୟାଗଡ ଜିଲ୍ଲାର ପ୍ରଥମ ବୋଲି ଜଣାପଡିଥିବା ବେଳେ ସମଗ୍ର ଖଣ୍ଡପଡ଼ା ଅଞ୍ଚଳବାସୀଙ୍କ ମଧ୍ୟରେ ଏ ନେଇ ଆନନ୍ଦ ପ୍ରକାଶ ପାଇଛି। ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବାର ମହତ ଉଦ୍ଦେଶ୍ୟ ନେଇ ସାମନ୍ତଙ୍କ ଜନ୍ମମାଟି ଖଣ୍ଡପଡ଼ା ଠାରେ ଏହି ପ୍ଲାନେଟୋରିୟମ ପ୍ରତିଷ୍ଠା ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଜଣାପଡିଛି ।

# ଆସ ନିଜେ ନିଜକୁ ଚିହ୍ନିବା

ଏହା ନିରାଟ ସତକଥା ଯେ ଆମେ ମାନେ ନିଜକୁ ଭଲ ଭାବେ ଚିହ୍ନିବାକୁ କେବେ ଚେଷ୍ଟା କରିନୁ। ଯଦିବା ଅଳ୍ପ କେତେଜଣ ଚେଷ୍ଟା କରିଥିବେ ତେବେ ଠିକ୍ ରୂପେ ନୁହେଁ କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଆମେମାନେ ଆମ ଜୀବନର ବେଶୀ ସମୟ ଦେଇଥାଉ ଅନ୍ୟକୁ ଚିହ୍ନିବାରେ ଅବା ଅନ୍ୟକୁ ବୁଝିବା ପାଇଁ। ଯିଏ ନିଜକୁ ଠିକ୍ ରୂପେ ଚିହ୍ନିନାହିଁ ସେ ଅନ୍ୟମାନଙ୍କୁ କିପରି ଠିକ୍ ରୂପେ ଚିହ୍ନିପାରିବ। ଏଣୁ ଆମର ପ୍ରଥମ ଦାୟିତ୍ୱ ହେଲା ଆମେ ନିଜେ ନିଜକୁ ଠିକ୍ ରୂପେ ଚିହ୍ନିବା ଦରକାର। ଏହି କାମଟି ବି ଏତେ ସହଜ ନୁହେଁ ମୁଁ କିଏ ପ୍ରଶ୍ନର ଉତ୍ତର ହେବ ମୁଁ ଏକ ମଣିଷ। ପ୍ରକୃତରେ କ'ଣ ମୁଁ ମଣିଷପରି ମଣିଷଟିଏ। ମୋ ଭିତରେ ମଣିଷପଣିଆର ଗୁଣଗୁଡ଼ିକ ଅଛି କି ଏହିପରି ଅନେକ ପ୍ରଶ୍ନ ନିଜେ ନିଜକୁ ପଚାରିବାକୁ ହେବ ନିରପେକ୍ଷ ଭାବରେ ନିଜକୁ ଭଲ ଭାବେ ଚିହ୍ନିବାକୁ ହେବ।

ନିଜକୁ ଚିହ୍ନିବା ଏକ ସାଧନା। ଏକ ସକରାତ୍ମକ ମନୋଭାବ ନେଇ ଆତ୍ମ-ବିଶ୍ଳେଷଣ କଲେ ହିଁ ଆମେ ନିଜକୁ ଚିହ୍ନିପାରିବା। କୌଣସି ଲୋକ ସବୁ ଦୃଷ୍ଟିରୁ ସ୍ୱୟଂସମ୍ପୂର୍ଣ୍ଣ ନୁହେଁ ଅବା ଶତକଡ଼ା ଶହେ ଭାଗ ସୁଗୁଣସମ୍ପନ୍ନ ନୁହେଁ। ଆମ ସମସ୍ତଙ୍କର ଭଲଗୁଣ (**Strength**) ଓ ମନ୍ଦଗୁଣ (**weakness**) ମିଶାମିଶି ହୋଇ ରହିଛି। ଭଲ ଓ ମନ୍ଦ ଗୁଣର ସମ୍ମିଶ୍ରଣରେ ହିଁ ଆମ ଜୀବନ ଗଢ଼ା। କିନ୍ତୁ ଭାଗମାପ ଅନୁସାରେ ଆମର ପରିଚୟ ସୃଷ୍ଟି ହୋଇଥାଏ। ଯାହାର ଭଲଗୁଣ ଗୁଡ଼ିକ ମନ୍ଦଗୁଣ ଅପେକ୍ଷା ଅଧିକ ତା'କୁ ଆମେ ଭଲଲୋକ ବୋଲି କହିଥାଉ। ସେହିପରି ଯାହାର ଭଲଗୁଣ ଅପେକ୍ଷା ମନ୍ଦଗୁଣ ଅଧିକ ତାକୁ ଆମେ ମନ୍ଦଲୋକ ବୋଲି କହିଥାଉ। ତାହାହିଁ ଆମର ପରିଚୟ ସୃଷ୍ଟି କରିଥାଏ। ଆମେ ଆମ ନିଜକୁ ଚିହ୍ନିବା ବା ଜାଣିବାର ଅର୍ଥ ହେଉଛି, ଆମର ଭଲ ଓ ମନ୍ଦ ଗୁଣ ଉଭୟକୁ ଠିକ୍ ଭାବେ ଚିହ୍ନିବା। ଆମେ ଆମର କାମକୁ ଠିକ୍ ରୂପେ ସମୀକ୍ଷା କରିବା। ଆମର ବ୍ୟବହାରକୁ ଠିକ୍ ରୂପେ ମାପିବା ଓ ଓଜନ କରିବା। ନିଜକୁ ଚିହ୍ନିବାର ପ୍ରଥମ ପଦକ୍ଷେପ ହେଲା ନିଜ ସହିତ କଥାହେବା। ଆମେ ସାଧାରଣତଃ ନିଜ ସହିତ ଖୁବ୍ କମ୍ କଥାହେଉ। ଏଣୁ ଏଥିପାଇଁ ଯାହା ଦରକାର ସେଗୁଡ଼ିକ ହେଲା ୧-ସ୍ଥିର ମନ, ୨-ଥଣ୍ଡା ମୁଣ୍ଡ, ୩-ନିରୋଳା ସମୟ, ୪-ଖାତା ଓ କଲମ। ନିଜ ସହିତ କଥାହୋଇ ଖାତାରେ ଲେଖିବାକୁ ହେବ। ଭଲଗୁଣ ଓ ମନ୍ଦଗୁଣଗୁଡ଼ିକର ତାଲିକା ଆମକୁ କରିବାକୁ ହେବ। ଭଲଗୁଣ ଲେଖିବାକୁ କିଛି କଷ୍ଟ ହେବନାହିଁ। କିନ୍ତୁ କଷ୍ଟ ହୁଏ ନିଜର ମନ୍ଦଗୁଣଟିର ତାଲିକା କରିବା ପାଇଁ। କାରଣ ନିଜର ଦୁର୍ବଳତା ବା ମନ୍ଦଗୁଣ ବିଷୟରେ ଲେଖିବା ପାଇଁ କାହାର ଇଚ୍ଛା ହୁଏ ନାହିଁ। ଏଇଟା ହିଁ ଆମ ପାଇଁ ବଡ଼ ପରୀକ୍ଷାର ସମୟ। ନିଜେ ହିଁ ନିଜର ମନ୍ଦଗୁଣ ବା ଦୁର୍ବଳତା ଗୁଡ଼ିକୁ ଚିହ୍ନଟ କରି ସେଗୁଡ଼ିକର ତାଲିକା କରିପାରିବା। ତାହାହିଁ ହେବ ଆମ ଜୀବନ ବିକାଶର ପ୍ରଥମ ପଦକ୍ଷେପ। ଯିଏ ଏହି କାମଟିକୁ ସହଜରେ କରିପାରିବ ସେ ହିଁ ଦୃଢ଼ତାର ସହିତ ନିଜ ଜୀବନକୁ ସଫଳତାର ବାଟରେ ଆଗେଇ ନେଇପାରିବ। ଏଥିପାଇଁ ଆମର ସକାରାତ୍ମକ ମନୋଭାବ ଥିବା ଦରକାର। ନିଜର ତ୍ରୁଟିକୁ ବା ଦୁର୍ବଳତାକୁ ଆମେ କେତେଦିନ ଅବା ଘୋଡ଼ାଇ ରଖିପାରିବା। ଆମେ ନ ମାନିଲେ ବି ଅନ୍ୟମାନେ ତ ଆମ ମନ୍ଦଗୁଣକୁ ବାଛି ଆମ ସମ୍ମୁଖରେ ରଖିଦେବେ। ଆଜି ନହେଲେ ତ କାଲି ଆମ ଦୁର୍ବଳତା ପଦାରେ ପଡ଼ିବ। ଏଣୁ ବୁଦ୍ଧିମାନର କାମ ହେବ ଯଦି ଆମେ ନିଜେ ନିଜର ମନ୍ଦଗୁଣକୁ ଚିହ୍ନଟ କରି ତାହାର ପ୍ରତିକାର କରିପାରିବା

# ଧୋ ରେ ବାଇୟା ଧୋ ଗୀତ ପଛର ବିଜ୍ଞାନ

'ଧୋରେ ବାଇଆ ଧୋ, ଯେଉଁ କିଆରୀରେ ଗହଳ ମାଣ୍ଡିଆ ସେହି କିଆରୀରେ ଶୋ 'ଏହି ଲୋକ ଗୀତ ପଛର ରହସ୍ୟ ଭରା ବିଜ୍ଞାନ ଏବଂ ତତ ସହିତ ଷଠୀ ଦେବୀ ଙ୍କ ବାସ୍ତବିକତା କଣ ଆସନ୍ତୁ ଜାଣିବା।

ଯେତେବେଳେ ଖୁବ ଛୋଟ ପିଲାଟି ହୁଏ ମାଆ ର ଆରମ୍ଭ ହୁଏ ଧୋ ରେ ବାଇଆ ଧୋ। ଏହି କଥା କହି ସେ ଶୁଆଇ ଦିଏ। ତା ପଛରେ ମଧ୍ୟ ଖୁବ ବଡ ବିଜ୍ଞାନ ଟିଏ ଥିଲା। ଧୋ ବାଇଆ କହିଲେ ଆମେ ସାଧାରଣତଃ ପିଠି ଥାପୁଡ଼େଇବା କଥା ବୁଝି ଥାଉ, ଏମିତିକି ପିଲାଟି ଏତେ ଏହି ଧୋ ବାଇଆ ସହ accuented ଥାଏ ଯେତେବେଳେ ନିଦ ନ ହୁଏ ସେ ମାଆ କୁ କୁହେ ମୋତେ ଧୋ ବାଇଆ କରିଦେ।

ତେବେ ବର୍ତ୍ତମାନ ଆସନ୍ତୁ ଜାଣିବା ଏହି ଛୋଟ କୌଶଳ (ଧୋ ବାଇଆ)ପଛର ବୈଜ୍ଞାନିକ କାରଣ କଣ ରହିଛି ? ?

ହୃଦୟ ର ଠିକ ପଛ ଭାଗ ମଣିଷର psychosomatic ସେଣ୍ଟର ଅଛି।ଯେଉଁ ବ୍ୟକ୍ତି ଅଧିକ ଚିନ୍ତା କରେ ବା ଯେଉଁ ବ୍ୟକ୍ତିର ଯାହାବି ମାନସିକ blockage ଥାଏ ତାହା ସେହି psychosomatic ସ୍ଥାନରେ ଅଟକି ଥାଏ। ଯାହାଫଳରେ ବ୍ୟକ୍ତି hyper ହୋଇଯାଏ ଆଉ ତା ଭିତରେ ଉନ୍ମାଦତ ଦେଖାଦିଏ, ଆମ blood circulation ବଢିଯାଏ ସେଥିପାଇଁ ନିଦ ହୁଏନାହିଁ।

ଯେତେବେଳେ ମାଆ ଟିଏ ଛୋଟ ପିଲାକୁ ଧରୁଛି ସେତେବେଳେ ପିଲାଟିର ଚେତନା ହୋଇନଥାଏ, ସେ କଥା କହି ଶିଖିନଥାଏ ଏବଂ ଭାବ ପ୍ରକାଶ କରି ପାରୁନଥାଏ ସେତେବେଳେ ତା ସେବେଠୁ ଆରମ୍ଭ ହୁଏ ପିଠି ଥାପୁଡ଼େଇ ଧୋ ବାଇଆ କରିବା, ତେଣୁ ଯେଉଁଠି ପିଠି ଥାପୁଡ଼ାଯାଏ ଧୀରେ ଧୀରେ psychosomatic ଜନିତ ଥିବା blockage ଦୂର ହୁଏ।

ଏଠାରେ ଆପଣମାନଙ୍କ ମନରେ ପ୍ରଶ୍ନ ଆସିପାରେ ଛୋଟ ପିଲାଟିର କଣ ଚିନ୍ତା ଥାଇପାରେ ? ? ପରନ୍ତୁ ଆମେମାନେ ଜାଣିବା ଦରକାର ମନସ୍ତତ୍ୱବିତ ମାନଙ୍କ ମତ ଅନୁସାରେ ଛୋଟ ପିଲାଙ୍କର ହିଁ ଅଧିକ ଚିନ୍ତା ଥାଏ। ଏହାର ପ୍ରମାଣ ମଧ୍ୟ medical science ଦେଉଛି, ଯେହେତୁ ଛୋଟ ପିଲାମାନଙ୍କ ମଧ୍ୟରେ ତା ଚତୁର୍ପାଶ୍ୱ ପରିବେଶ ର ରଙ୍ଗ , ଶବ୍ଦ, ଆଲୋକ ଏବଂ ଆପଣାର ଲୋକ ଙ୍କୁ ନେଇ ଦ୍ୱନ୍ଦ୍ୱ ଥାଏ ଏବଂ ସେ ସବୁ ଜାଣିବାପାଇଁ ବୁଝିବାପାଇଁ ଚେଷ୍ଟା କରେ କିନ୍ତୁ ଭାବ ପ୍ରକାଶ ପାଇଁ ତା ପାଖରେ ଶବ୍ଦ ନଥାଏ ସେ ସବୁଠୁ ଅଧିକ ବ୍ୟତିବ୍ୟସ୍ତ ହୋଇଯାଏ। ସେଥିପାଇଁ ଏହି ସମୟରେ ପିଲାଟିର ଉଭୟ ପାଖ ମସ୍ତିଷ୍କ କାମ କରେ ଯେଉଁ ସମୟରେ କି ପିଲାଟି ଟିକେ ବଡ ହେଲା ପରେ କେବଳ ତାର ବାମ ପାର୍ଶ୍ୱ ମସ୍ତିଷ୍କ ଏବଂ ପ୍ରାପ୍ତ ବୟସ୍କ ମାନଙ୍କ କେବଳ ଡାହାଣ ପାର୍ଶ୍ୱ ମସ୍ତିଷ୍କ କାମ କରେ।

ଯେତେବେଳେ ଶିଶୁ ଟି ଭାବ ପ୍ରକାଶ କରିବା ପାଇଁ ଭାଷା ଶିଖିନଥାଏ ସେତେବେଳେ ତାର ଉଭୟ ପାର୍ଶ୍ୱ ମସ୍ତିଷ୍କ କାମ କରିଥାଏ ସେଥିପାଇଁ ଆମମାନଙ୍କଠାରୁ ଲକ୍ଷ



ଗୁଣ ଅଧିକ ସେ ଚିନ୍ତା କରିଥାଏ। ମଣିଷ ହେତୁ ହେଲା ପରେ ରଙ୍ଗଜ୍ଞାନ ଆସିଯାଇଥାଏ, କିଏ ଆମର କୋଉ ସମ୍ପର୍କୀୟ ଆମେ ଜାଣିପାରୁଛୁ, କିଏ ଶତ୍ରୁ କିଏ ମିତ୍ର ତାହା ବି ଜାଣିପାରୁ, କିନ୍ତୁ ଶିଶୁ ଟି କେତେବେଳେ ଅନୁଭବ ରୁ, କେତେବେଳେ ସ୍ପର୍ଶ ରୁ, କେବେ ଅନ୍ୟମାନଙ୍କ ଶବ୍ଦରୁ, ଅନ୍ୟମାନଙ୍କ ବାସରୁ ନିଜର ଏବଂ ବାହାର ଲୋକ ଙ୍କ ଭିତରେ ଫରକ ଜାଣିବାକୁ ପାଇଥାଏ। ଏସବୁ ପ୍ରଶ୍ନ ଭିତରେ ଉତ୍ତର ଖୋଜୁ ଖୋଜୁ ପିଲାଟିର psychosomatic ମରଭସ୍ଥରକ୍ସ ରେ ମାନସିକ ସ୍ତରରେ ଚାପ ଗ୍ରସ୍ତ ହୁଏ ଏବଂ ପିଲାଟିକୁ ନିଦ ହୁଏ ନାହିଁ।ସେହି ସମୟରେ ମାଆ ଟି ଥାପୁଡ଼େଇ ଦେଇଥାଏ, ଥାପୁଡିବା ସମୟରେ ହାତ ପାପୁଲି ର ଖୋପରେ ବାୟୁ ର ଚାପ (air pressure)ଯାଏ ଏବଂ air contact ରେ ଆସିବା ଦ୍ୱାରା ସେଠାରେ ଥିବା ସମସ୍ତ ସ୍ନାୟୁ ଗୁଚ୍ଛ ଢିଲା ହୋଇଯାଇଥାଏ ଏବଂ ପିଲାଟିର ଚିନ୍ତା ଓ ଚେତନା ଦୂର ହେବା ଫଳରେ ସେ ଆରାମରେ ଶୋଇପଡେ।

ତେଣୁ ଏହି ଶୋଇବା ସମୟରେ ପିଲାଟିର ଚେତନା କେଉଁଠି ଶୋଇବ ତାକୁ ବି ଆମ ମୁନି ଋଷି ମାନେ scientifically ଲେଖିଛନ୍ତି ଯେମିତିକି ସେ କହିଥିଲେ ଯେଉଁକିଆରୀରେ ଗହଳ ମାଣ୍ଡିଆ ସେଇ କିଆରୀରେ ଶୋ, କିନ୍ତୁ ଆମେ ଯଦି ଦେଖିବା ମାଣ୍ଡିଆ ଓଡ଼ିଶାର ପ୍ରଧାନ କୃଷି ଯାତ ପଦାର୍ଥ ନୁହେଁ କିମ୍ବା ମାଣ୍ଡିଆ କିଆରୀରେ ଶୋଇବା ସମ୍ଭବ ମଧ୍ୟ ନୁହେଁ। ତେଣୁ ଏପରି କହିବା ପଛର ରହସ୍ୟ ହେଉଛି - କଣ୍ଠ ପ୍ରଦେଶ ରେ ଥିବା limphol glanta ରେ ଚେତନା ବିଶ୍ରାମ କରିଥାଏ। ଯେହେତୁ ମନୁଷ୍ୟର glant ଗୁଡିକ ମାଣ୍ଡିଆ ଦାନା ଭଳି ଛୋଟ ଛୋଟ ଏବଂ ଗହଳ ଥାଏ ସେଥିପାଇଁ ଏପରି କୁହାଯାଇଛି।ଏବଂ କାହିଁ କେତେ ଯୁଗରୁ ଯେତେବେଳେ ବିଜ୍ଞାନ ର ସେବେଠୁ ଆମ ମୁନି ଋଷି ମାନେ ସେମାନଙ୍କ ସାଧନା ବଳରେ ଶରୀର ବିଜ୍ଞାନ ବିଷୟରେ ଜାଣିଥିଲେ।

ପିଲାଟି ସୁସୁପ୍ତ ଅବସ୍ଥାରେ ମଧ୍ୟ ବହୁତ କିଛି ଶିଖିଥାଏ। ସେଥିପାଇଁ ଆମେ କହୁ ଷଠୀ ହସାଉଛି କିନ୍ତୁ ଏହା ଆମର ଅନ୍ଧ ବିଶ୍ୱାସ ନୁହେଁ ତେଣୁ ଆମ ମୁନି ଋଷି ଗଣ ଙ୍କ ମତ ଅନୁସାରେ ପିଲାଟି ଶୋଇଥିବା ସମୟରେ ଅନ୍ୟ କେହି ତାକୁ ପାଠ ପଢାଇଥାଏ ଏହି ଉକ୍ତି କୁ ନକରିବା ପାଇଁ ସେମାନେ ଏହାକୁ ଷଠି ଦେବୀ ଆଖ୍ୟା ଦେଇଥିଲେ।

ଷଠୀ କହିଲେ ଯିଏ ଛଅଟି ଦିଗରୁ ଆସି ପ୍ରବେଶ କରିପାରିବେ। ଅର୍ଥାତ ପଞ୍ଚ ପ୍ରାଣ ଏବଂ ଚେତନା କୁ ମିଶାଇ ସମୁଦାୟ ଛଅ ଜଣ ଦ୍ୱାରା ଶିଶୁଟିକୁ ଶାରୀରିକ ଏବଂ ମାନସିକ ସ୍ତରରେ ଯିଏ ବିକଶିତ କରିପାରିବେ। ପିଲାଟିକୁ ହସାଇବା, କନ୍ଦାଇବା ଏବଂ ବୁଝାଇବା ଇତ୍ୟାଦି କାର୍ଯ୍ୟ କରିଥାନ୍ତି। ସେଥିପାଇଁ ଚେତନା ସହିତ ମିଶି ଗହଳ ମାଣ୍ଡିଆ କିଆରୀ ଆର୍ଥାତ ବିଶୁଦ୍ଧ କ୍ଷେତ୍ର ଅଥବା କଣ୍ଠ ପ୍ରଦେଶ ରେ ପିଲାଟିକୁ ଶୋଇବା ପାଇଁ କୁହାଯାଏ।ଏଠାରେ ଶୋଇବା ର ଅର୍ଥ ଚେତନା ଶୂନ୍ୟ ହୋଇଯିବା। ଯଦିଓ ଆମେ ଶୋଇବା ସମୟରେ ଅବଚେତନା ଅବସ୍ଥା କୁ ଯାଇଥାଉ। ଏବଂ ସେ ସମୟରେ ପଞ୍ଚ ଗୌଣ୍ୟ ପ୍ରାଣ କାମ କରିଥାଏ। ସେଥିପାଇଁ ପିଲାଟିକୁ ଛୁଇଁଲେ, ଚିମୁଟିଲେ ସେ ଜାଣିପାରିଥାଏ। ଏହି ସମୟରେ ଚେତନା କଣ୍ଠ ପ୍ରଦେଶରେ ଥାଏ ଯତଦ୍ୱାରା ଯାହା କିଛି ଚେତନା ଷଠୀ ଦେବୀ ଶିଖାଇଥାନ୍ତି ଅବା ଅଦୃଶ୍ୟ ଶକ୍ତି ଶିଖାଇଥାନ୍ତି ତାହା ବିଶୁଦ୍ଧ ହୋଇ ପିଲାଟି ଶରୀରକୁ ପ୍ରବେଶ କରୁ।

ଧୋ ରେ ବାଇଆ ଧୋ ପଛର ଦ୍ୱିତୀୟ କାରଣ ହେଉଛି ଛୋଟ ପିଲାଙ୍କ ଶବସ୍ୱସ୍ୱକ୍ସମ ସମସ୍ୟା ଦୂର କରିବା। ଏବେବି doctor ମାନେ କୁହନ୍ତି କାନ୍ଧରେ ପକେଇକି ପିଲାଟିକୁ ଥାପୁଡି ଦେବାପାଇଁ। ଯେତେବେଳେ ବିଜ୍ଞାନର ଦ୍ରୁତ ଉର୍ନ୍ନତି ହୋଇନଥିଲା ସେତେବେଳେ ମଧ୍ୟ ଆମ ମୁନି ଋଷି ଗଣଙ୍କୁ ଜଣାଥିଲା ବେଳେ ବେଳେ ପେଟରେ ଯନ୍ତ୍ରଣା ଥିଲେ ମଧ୍ୟ ନିଦ ହୁଏନି। ତେଣୁ ଯେତେବେଳେ ପିଲାଟିକୁ ଆମେ କାନ୍ଧରେ ପକାଉ ପିଲାଟିର upper abdomen ବା ଉପର ପେଟ ବଡ ଲୋକ ଙ୍କ collorbone ଉପରେ ସ୍ୱରସ୍ୱସ୍ୱ କରେ। ଏବଂ ଆମେ ସେହିସମୟରେ ସିଧା ସଳଖ ପେଟକୁ ନା ବାଡେଇ ବରଂ ପିଠିକୁ ବାଡ଼େଇଥାଉ। ଯଦି ପେଟକୁ ବାଡ଼େଇଥାନ୍ତୁ ତେଣୁ ambic hardiation ହେବାର ସମ୍ଭାବନା ଥାନ୍ତା ତେଣୁ ପେଟକୁ ନ ବାଡେଇ ପିଠିକୁ ଥାପୁଡ଼ାଯାଏ ଯତଦ୍ୱାରା ଚାପ ପିଠି ରୁ transmit ହୋଇକି ପେଟକୁ ଯାଇଥାଏ ତତଦ୍ୱାରା ବସକ୍ସ movement ହୋଇଥାଏ ଏବଂ ବଦହଜମି, gastric ପେଟର ଯେତେବେଳେ ପ୍ରକାର ସମସ୍ୟା ସବୁ ଦୂର ହୋଇଥାଏ।

ତେଣୁ ଯେତେବେଳେ ପିଲାଟି ପେଟରେ ରୋଗ ନଥାଏ ଏବଂ ମୁଣ୍ଡରେ ଚିନ୍ତା ନଥାଏ ପିଲାଟିକୁ ସୁଖ ନିଦ୍ରା ହୋଇଥାଏ।

ବାଣୀ - ଗୁରୁ ଶ୍ରୀ ସନ୍ତୁ
ରେକୀ ମିଶନ, ଓଡିଶା।
ଫୋନ୍ - ୯୮୬୧୦୩୩୦୭୫

# ବାଲ୍ୟବିବାହ ନିଷେଧ ପାଇଁ ନୂଆ ଅଧିକାରୀ

ବାଲ୍ୟବିବାହର ନିରାକରଣ ପାଇଁ ସରକାର ବଦ୍ଧପରିକର, ଏକଥା ଆଉ ଥରେ ପ୍ରମାଣିତ ହୋଇଛି। ଗତ ବର୍ଷର ଶେଷ ଦିନରେ ମହିଳାଙ୍କ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପସ୍ଥାପିତ କରିଛନ୍ତି।

ସେଗୁଡ଼ିକ ମଧ୍ୟରେ ଏଣିକି ଗ୍ରାମପଞ୍ଚାୟତ କାର୍ଯ୍ୟନିର୍ବହୀ ଅଧିକାରୀମାନଙ୍କୁ ପଞ୍ଚାୟତ ସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ସରକାର ଘୋଷଣା କରିବେ। ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟଗୁଡ଼ିକରେ ଥିବା ୱାର୍ଡେନ ଓ ମାଟ୍ରନ୍‌ମାନଙ୍କୁ ମଧ୍ୟ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବରେ ଦାୟିତ୍ୱ ଦିଆଯିବ। ଏଥି ସହ ବିଦ୍ୟାଳୟଗୁଡ଼ିକର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷଙ୍କୁ ବାଲ୍ୟବିବାହ ସୂଚନା ଅଧିକାରୀର ଅତିରିକ୍ତ ଦାୟିତ୍ୱ ଦିଆଯିବ। ସେମାନେ ନିଜ ପରିଧିରେ ଘଟୁଥିବା ବାଲ୍ୟବିବାହ ଘଟଣାକୁ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କୁ ସୂଚିତ କରିବେ। ଏମାନେ ସମସ୍ତେ ନିଜର ନାମ ଫଳକରେ ଏହି ପଦବୀକୁ ଉଲ୍ଲେଖ କରିବା ସହ ସହାୟତା ପାଇଁ ଥିବା ସମସ୍ତ ଦେୟମୁକ୍ତ ଫୋନ୍ ନମ୍ବର ସମ୍ପର୍କରେ ସଚେତନତା ସୃଷ୍ଟି କରିବେ। ପିଲାଙ୍କ ଭିତରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବାଲ୍ୟବିବାହକୁ ପାଠ୍ୟକ୍ରମରେ ସାମିଲକରିବେ।

ଏବେ ପ୍ରତ୍ୟେକ ବ୍ଲକ୍ ସ୍ତରରେ ଆମର ଜଣେ ଜଣେ ବାଲ୍ୟବିବାହ ନିଷେଧ ଅଧିକାରୀ ଅଛନ୍ତି। ଉପରୋକ୍ତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ବାଲ୍ୟବିବାହ ରୋକିବା ପାଇଁ ଅଧିକ ଅଧିକାରୀ ନିୟୋଜିତ ହେବେ। ପଞ୍ଚାୟତ ଓ ବିଦ୍ୟାଳୟ ସ୍ତରରେ ନିଯୁକ୍ତି ହେଲେ ତଦାରଖର ପରିଧି କମିବ ଓ ଦାୟିତ୍ୱ ବିଭାଜିତ ହୋଇପାରିବ।

ତେବେ ଏଭଳି ଏକ ନିଷ୍ପତ୍ତି ନେବା ବେଳେ ଅକ୍ଟୋବର ୨୦୨୪ରେ ବାଲ୍ୟବିବାହ ନିରାକରଣ ପାଇଁ ଉଚ୍ଚତମ ନ୍ୟାୟାଳୟ ଦେଇଥିବା ରାୟକୁ ମଧ୍ୟ ଅନୁଧ୍ୟାନ କରାଯିବା ଆବଶ୍ୟକ। ଏହାଦ୍ୱାରା ଉଚ୍ଚତମ ନ୍ୟାୟାଳୟ ଦେଇଥିବା ମତାମତ ଓ ନିର୍ଦ୍ଦେଶକୁ ଅନୁପାଳନର ସୁଯୋଗ ତିଆରି ହେବ। ଏହି ରାୟରେ ବିଭିନ୍ନ ରାଜ୍ୟରେ ବାଲ୍ୟବିବାହ ନିରାକରଣ ପାଇଁ ନିଆଯାଉଥିବା ପଦକ୍ଷେପକୁ ନେଇ ନ୍ୟାୟାଳୟ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଶେଷକରି ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ ସମ୍ପର୍କରେ ନିଜର ମତ ରଖିବାକୁ ଯାଇ କହିଛନ୍ତି, କର୍ନାଟକର ୩୧ଟି ଜିଲାରେ ୫୮,୫୨୨ ଜଣ, ମହାରାଷ୍ଟ୍ରର ୩୬ ଜିଲାରେ ୨୫,୫୬୨ ଜଣ, ଆନ୍ଧ୍ରପ୍ରଦେଶରେ ୧୬,୫୯୦ ଜଣ, ଉତ୍ତରପ୍ରଦେଶରେ ଜିଲାକୁ ଜଣେ ହିସାବରେ ୭୫ଟି ଜିଲା ପାଇଁ ୭୫ ଜଣଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି। କର୍ନାଟକ, ମହାରାଷ୍ଟ୍ର ଓ ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପଟୁଆରି ପ୍ରଭୃତିଙ୍କୁ ବାଲ୍ୟବିବାହ ନିଷେଧ ଅଧିକାରୀ ଭାବେ ଦାୟିତ୍ୱ ଦିଆସରିଛି। ହେଲେ ଏହା ଅତିରିକ୍ତ ଦାୟିତ୍ୱ ହୋଇଥିବାରୁ ବିଶେଷ ସୁଫଳ ପରିଲକ୍ଷିତ ହେଉନାହିଁ। ପୂର୍ବରୁ ନିଜର ମୂଳ ଦାୟିତ୍ୱର ବୋଝରେ ବୁଡ଼ି ରହୁଥିବା ଏହି ଅଧିକାରୀମାନେ ବାଲ୍ୟବିବାହ ପରି ଏକ ସମ୍ବେଦନଶୀଳ ଘଟଣାରେ ପ୍ରଭାବୀ ଢଙ୍ଗରେ କାମ କରିପାରୁନାହାନ୍ତି। ବାଲ୍ୟବିବାହ ନିଷେଧ ଆଇନରେ ବାଲ୍ୟବିବାହ ନିଷେଧ ଅଧିକାରୀଙ୍କ ଗୁରୁଦାୟିତ୍ୱ ଥିବାରୁ ଏହି ଅତିରିକ୍ତ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସମେତ ଜିଲା ସ୍ତରରେ ଜଣେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି କରିବାକୁ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ଉଚ୍ଚତମ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଯଦି କୌଣସି ରାଜ୍ୟ ସ୍ୱତନ୍ତ୍ର ଜିଲାସ୍ତରୀୟ ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତ କରିବା ଉଚିତ ମନେକରୁନାହାନ୍ତି ତେବେ ନ୍ୟାୟାଳୟଙ୍କୁ ଅବଗତ କରିବା ପୂର୍ବକ ଅନୁମତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅନ୍ୟପକ୍ଷରେ ପ୍ରାଥମିକ ଶିକ୍ଷାରେ ଯୌନଶିକ୍ଷାକୁ ସାମିଲକରିବା ପାଇଁ ନ୍ୟାୟାଳୟ ଗୁରୁତ୍ୱ ଆରୋପ କରିଛନ୍ତି। ଏହା ଯୌନ ଶୋଷଣ ଓ ହିଂସା ଯୋଗୁ ହେଉଥିବା ଶାରୀରିକ ଓ ମାନସିକ ଅବସାଦ ଦୂରକରିବାରେ ସହାୟକ ହେବ ବୋଲି ରାୟରେ ଉଲ୍ଲେଖ କରାଯାଇଛି। ଏହି ପରିପ୍ରେକ୍ଷୀରେ ସରକାର ନେବାକୁ ଥିବା ନିଷ୍ପତ୍ତିକୁ ପୁନର୍ବିଚାର ପୂର୍ବକ ଜିଲା ସ୍ତରରେ ସ୍ୱତନ୍ତ୍ର ବାଲ୍ୟବିବାହ ନିଷେଧ ଅଧିକାରୀ ନିଯୁକ୍ତି, ଅତିରିକ୍ତ ଦାୟିତ୍ୱରେ ହେବାକୁ ଥିବା ନବନିଯୁକ୍ତଙ୍କୁ କେବଳ ବାଲ୍ୟବିବାହ ନିଷେଧ ପାଇଁ ଦାୟିତ୍ୱ ନ ଦେଇ ଅନ୍ୟାନ୍ୟ ଶିଶୁ ଅଧିକାରର ସୁରକ୍ଷା ପାଇଁ ମଧ୍ୟ ଉତ୍ତରଦାୟୀ କରାଯାଇ ପାରିଲେ ସୁଫଳ ମିଳିବ। ତେବେ ଏମାନଙ୍କୁ ଏସବୁ ବିଷୟ ଓ ପ୍ରକ୍ରିୟା ସମ୍ପର୍କରେ ଦକ୍ଷ କରିବା ପାଇଁ ନିରନ୍ତର ଦକ୍ଷତା ବିକାଶର କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା, ସେମାନଙ୍କର କାର୍ଯ୍ୟ ପରିଧି, ଦାୟିତ୍ୱ ଓ ରିପୋର୍ଟିଂରେ ସ୍ୱଚ୍ଛତା ରହିବା ଆବଶ୍ୟକ। ନ ହେଲେ ଘଟଣା ଘଟିଲା ପରେ କାହାରି ଉପରେ ଉତ୍ତରଦାୟିତ୍ୱ ନ୍ୟସ୍ତ କରାଯାଇପାରିବ ନାହିଁ। ପାଠ୍ୟକ୍ରମରେ କେବଳ ବାଲ୍ୟବିବାହ ନିଷେଧ ଆଇନ ଓ ପରିଣାମ ବ୍ୟତୀତ ନିଜ ଶରୀରକୁ ବୁଝିବା, କିଶୋରକିଶୋରୀ ବୟସରେ ମାନସିକ, ଆବେଗିକ ଓ ଶାରୀରିକ ପରିବର୍ତ୍ତନ ଓ ଏହାର ପ୍ରଭାବ ଏବଂ ପରିଣାମ ସମ୍ପର୍କରେ ଅବଗତ କରାଇହେଲା ଭଳି ପାଠ୍ୟକ୍ରମ ପ୍ରସ୍ତୁତ ହେଲେ ପିଲାମାନେ ବନ୍ଧୁତା, ସମ୍ପର୍କ ଓ ସମ୍ଭୋଗକୁ ନେଇ ନିଷ୍ପତ୍ତି ନେଇପାରିବେ। ଏହା ବାଲ୍ୟବିବାହ ନିରାକରଣ ସହ କିଶୋରୀ ମାତୃତ୍ୱ ଓ ଯୌନ ଶୋଷଣର ଘଟଣାକୁ ନିୟନ୍ତ୍ରଣ କରିବାରେ ସହାୟକ ହେବ।

ମୋ: ୯୪୩୮୩୪୧୭୯୪

# ସର୍ବବ୍ୟାପୀ ସରକାର

ଏବେ ଉଭୟ କେନ୍ଦ୍ର ଓ ରାଜ୍ୟମାନଙ୍କର ସରକାର ଯେପରି ଅତିଦୃଶ୍ୟମାନ ହେବା ପ୍ରୟାସରେ ବ୍ୟକ୍ତିର ଅନ୍ତର୍ନିହିତ ବିକାଶରେ ବାଧକ ସାଜୁଛନ୍ତି, ଜଣାପଡୁଛି ଆଉ ଅଳ୍ପ କେତେ ବର୍ଷ ଭିତରେ ଅଧିକାଂଶ ଲୋକ 'ଗଣତନ୍ତ୍ର-ପ୍ରସୂତ ଦିବ୍ୟାଙ୍ଗ'ରେ ପରିଣତ ହେବେ!

ଆଗରୁ ରାଜ୍ୟ ବା ରାଷ୍ଟ୍ରରେ ସମ୍ବଳ ନ ଥିଲା। ତେଣୁ ସରକାର ସବୁକଥାରେ ନାଗରିକମାନଙ୍କ ପାଖରେ ଠିଆ ହୋଇ ପାରୁ ନ ଥିଲେ। କିନ୍ତୁ ଏହାର ସକାରାତ୍ମକ ଦିଗଟି ଥିଲା। ମଣିଷ ତା'ର ଅନ୍ତର୍ନିହିତ ସୃଜନଶକ୍ତି ଓ ଆତ୍ମଲବ୍ଧ ଦକ୍ଷତା ପ୍ରୟୋଗ କରି ଅନେକ ଛୋଟ ଛୋଟ ସମସ୍ୟାର ସମାଧାନ କରି ଦେଉଥିଲା। ଆଉ ତା' ସାଙ୍ଗକୁ ଥିଲେ 'ଛୋଟ ସରକାର' ମାନେ।

ସ୍ୱାଧୀନତା ସଂଗ୍ରାମ କାଳରେ ଯେପରି ଗାଁ ଗହଳରେ 'ଛୋଟ ଗାନ୍ଧୀ'ମାନଙ୍କ ଆବିର୍ଭାବ ଘଟିଥିଲା, ୮୦ ଦଶକ ପର୍ଯ୍ୟନ୍ତ ଗାଁର ଉନ୍ନତି ପାଇଁ ଉତ୍ସର୍ଗୀକୃତ କିଛି ଗାଁ ମୁଖିଆ ସରକାରଙ୍କ ପରିପୂରକ ଭୂମିକାରେ ଅବତୀର୍ଣ୍ଣ ହୋଇ ଶିକ୍ଷା, ସାମାଜିକ ସଦ୍‌ଭାବ, ସାଂସ୍କୃତିକ ବିକାଶ, ଛୋଟ ଛୋଟ ସାମୂହିକ କାର୍ଯ୍ୟ ମାଧ୍ୟମରେ ଆତ୍ମ-ଗୁରୁତ୍ୱ ଓ ଗ୍ରାମ୍ୟପ୍ରୀତି ଜାଗ୍ରତ କରେଇ ଗାଁକୁ ଏକ ସୁଂସହତ ଏକକ ହିସାବରେ ଧରି ରଖି ପାରୁଥିଲେ।

ଧୀରେ ଧୀରେ ଭୋଟ୍ ରାଜନୀତି ପଶିଲା। ଦକ୍ଷତା, ସୃଜନଶକ୍ତି, ସାମୂହିକ ଉନ୍ନତି ପ୍ରବଣତାରେ ଭରପୂର ନାଗରିକମାନଙ୍କୁ ଭୋଟଦାତାରେ ରୂପାନ୍ତରିତ କରାଗଲା। ଉଦାରୀକରଣ ପ୍ରଭାବରେ ରାଜକୋଷ ମଧ୍ୟ ସମୃଦ୍ଧ ହେବାକୁ ଲାଗିଲା। ଆସ୍ତେ ଆସ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ସରକାର ସହାୟତାର ହାତ ବଢ଼େଇଲେ। ତେବେ କାଳକ୍ରମେ ଏହା ସହାୟତା ବଦଳରେ ନଗଦ ରାଶି ପ୍ରଦାନ ମାଧ୍ୟମରେ ଭୋଟଭିକ୍ଷାର ଏକ ସୁନ୍ଦର ମାଧ୍ୟମ ପାଲଟିଲା। ଅର୍ଥାତ୍ ସରକାର ଜନସାଧାରଣଙ୍କୁ ମାଛ ଧରିବାକୁ ଜାଲ ନ ଦେଇ, ଘରେ ମାଛ ପହଞ୍ଚେଇ ଦେବାର ବ୍ୟବସ୍ଥା କଲେ।

ତେଣୁ ଆକ୍ଷରିକ ଅର୍ଥରେ ଏବଂ ଭାବାର୍ଥରେ ଆଜିକାଲି କେହି ଜାଲ ବୁଣୁ ନାହାନ୍ତି, ଜାଲ ଫିଙ୍ଗି ବା ବସେଇ 'ମାଛ' ଧରୁନାହାନ୍ତି। ନିର୍ଦ୍ଦିଷ୍ଟ ଭାବରେ କିଛି ନ କରି ଯେବେଠୁ ନଗଦ ଅର୍ଥ ମିଳିବାର ବ୍ୟବସ୍ଥା କରାଗଲା, ସେବେଠୁ ଗାଁ ଓ ସହରର ଅଭାବୀ ଓ ମଧ୍ୟବିତ୍ତ ଲୋକମାନେ ସେମାନଙ୍କ ମଣିଷସୁଲଭ, ଭଗବତଦତ୍ତ ଦକ୍ଷତା, ପ୍ରତିଭା ହରାଇ ଜଣେ ଜଣେ ନିକମା ମାଂସ ପିଣ୍ଡୁଳା ପାଲଟି ଯାଇଛନ୍ତି।

କିଛି କାମ ନ କରି ନଗଦ ଅର୍ଥରାଶି ଲାଭ କରି ଓଡ଼ିଶାର ଲୋକ କିପରି ନିକମା ପାଲଟି ଯାଇଛନ୍ତି ଏବଂ ରାଜ୍ୟ ଓ ରାଜକୋଷ ପାଇଁ ବୋଝ ପାଲଟି ଯାଇଛନ୍ତି, ତାହା ଜଣାପଡ଼େ



ଯେତେବେଳେ ପାର୍ଶ୍ୱବର୍ତ୍ତୀ ରାଜ୍ୟ ବା ପଡ଼ୋଶୀ ରାଷ୍ଟ୍ର ବାଂଲାଦେଶର ଚାଷୀ, ମୂଲିଆଙ୍କ କର୍ମକୁଶଳତା ଆମେ ସାମାଜିକ ଗଣ ମାଧ୍ୟମରେ ଦେଖୁ। ବାଂଲାଦେଶ ଭାରତ ପରି ଆର୍ଥିକ ଦୃଷ୍ଟିରୁ ଉନ୍ନତ ହୋଇ ନ ଥିବାରୁ ସେଠିକାର ଚାଷୀମାନେ ସରକାରୀ ଅନୁଦାନର ଅନୁପସ୍ଥିତିରେ କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ ଓ ଅନ୍ୟାନ୍ୟ ଶିଳ୍ପକଳାରେ ଏତେ କୁଶଳୀ, ଦକ୍ଷ ଓ ପାରଙ୍ଗମ ଯେ ସେମାନେ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ସହ ରାଷ୍ଟ୍ର ପାଇଁ ଯଥେଷ୍ଟ ବୈଦେଶିକ ମୁଦ୍ରା ଅର୍ଜନ କରି ପାରୁଛନ୍ତି, ଯାହା ଓଡ଼ିଶା କ୍ଷେତ୍ରରେ ପ୍ରାୟ ଶୂନ୍।

ବିଶିଷ୍ଟ ଚିନ୍ତାନାୟକ ନୋଆମ୍ ଚମ୍‌ସ୍କି ବିଶ୍ୱର ରାଜନେତାଙ୍କର ନାଗରିକ ମାନଙ୍କୁ ସରକାର-ନିର୍ଭରଶୀଳ ଅବା ନେତା-ନିର୍ଭରଶୀଳ କରେଇବା ନିଜ ପଦ ସୁରକ୍ଷିତ ରଖିବାର ଏକ ଚତୁର ଚାଲ୍ ବୋଲି ଅଭିହିତ କରନ୍ତି। ନେତାମାନେ ସର୍ବଦୃଶ୍ୟମାନ ହେବା କ୍ରମରେ ଧୀର ଧୀରେ ବହୁତ 'ଡେଙ୍ଗା' ହେବାକୁ ଲାଗନ୍ତି ଏବଂ ସମ ଅନୁପାତରେ ନାଗରିକମାନେ 'ଛୋଟ' ଦେଖାଯାନ୍ତି ବା 'ଛୋଟ' ହେବାକୁ ଲାଗନ୍ତି। ଏହି ଧାରାର ଏକ ପର୍ଯ୍ୟାୟରେ ରାଜନେତାମାନେ ସର୍ବଶକ୍ତିମାନ ଧାର୍ମିକ ବା ଆଧ୍ୟାତ୍ମିକ ରକ୍ଷାକର୍ତ୍ତା ହିସାବରେ ଉଭା ହୁଅନ୍ତି। ପ୍ରଖ୍ୟାତ ଇଂଲିଶ କବି ଅଲିଭର ଗୋଲ୍ଡ ସ୍ମିଥଙ୍କ 'ଭିଲେଜ ସ୍କୁଲ ମାଷ୍ଟର' କବିତାରେ ବର୍ଣ୍ଣିତ ଗ୍ରାମବାସୀମାନଙ୍କ ମାଷ୍ଟରଙ୍କ 'ଛୋଟ ମୁଣ୍ଡରେ' ଏତେ ଜ୍ଞାନ କେମିତି ରହୁଛି ଭାବିବା ଭଳି ଆଜିର 'ଦୁଗ୍ଧପୋଷ୍ୟ' ମତଦାତାମାନେ ସେମାନଙ୍କ ନେତାଙ୍କୁ ଜଣେ ଜଣେ ଭଗବାନ ବୋଲି ମଣନ୍ତି ଏବଂ ରବର୍ଟ ବ୍ରାଉନ୍‌ଙ୍କ କବିତା 'ପିପା ପାସେସ' ରେ ବ୍ରାଉନ୍‌ଙ୍କ ଉକ୍ତି-ଭଗବାନ ସ୍ୱର୍ଗରେ ଅଛନ୍ତି, ପୃଥିବୀରେ ସବୁ ଠିକ୍ ଠାକ୍ ଚାଲିଛି-ସହ ତାଳ ଦେଇ ରାଜନେତାରୁ 'ଅନ୍ନଦାତା' ଓ 'ଅର୍ଥଦାତା' ପାଲଟିଥିବା 'ଡେଙ୍ଗା' ମଣିଷମାନଙ୍କ ଗୁଣକୀର୍ତ୍ତନ କରି ସେମାନଙ୍କ ସମର୍ଥକମାନେ ଗାଆନ୍ତି- 'ରାଜଧାନୀରେ ଆମ ନେତା ଅଛନ୍ତି, ସବୁଆଡ଼େ ଠିକ୍ ଠାକ୍ ଚାଲିଛି।'

ଦୁଃଖର କଥା ନେତାମାନଙ୍କୁ ଛୋଟନେତାମାନେ ହିମାଳୟ ଭାବିଲେ ବି, ଭୋଟ ପ୍ରେକ୍ଷାପଟରେ ସେମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ତେଣୁ ନାଗରିକମାନଙ୍କୁ ବିଭିନ୍ନ ଭାବରେ ନିର୍ଭରଶୀଳ କରେଇ, ସେମାନଙ୍କ ପ୍ରତିଭା ହରଣ କରି ସେମାନଙ୍କୁ ତଳିତଳାନ୍ତ କରି ନିଜକୁ ଅନତିକ୍ରମଣୀୟ ରୂପରେ ଉପସ୍ଥାପନ କରୁ କରୁ, ସମାନ୍ତରାଳ ଭାବରେ ଏକ କରୁଣ ଅବରୋହଣ ପ୍ରକ୍ରିୟା ଆରମ୍ଭ ହୁଏ, ଯେତେବେଳେ ନେତାମାନେ ନିଯୁକ୍ତି ପତ୍ର ବାଣ୍ଟିବାକୁ ବାହାରି ପଡ଼ନ୍ତି ଯେଉଁଗୁଡ଼ିକ ଏକ ସମୟରେ ରେଜିଷ୍ଟର୍ଡ ଡାକରେ ଡାକଘର କର୍ମଚାରୀମାନେ ବାଣ୍ଟୁଥିଲେ।

ଭାରି ଦୁଃଖଲାଗେ ଭୋଟ କେଉଁ ସ୍ତରକୁ ନେତାମାନଙ୍କୁ ନେଇଯାଏ। ଖାଲି ସେତିକି ନୁହେଁ, ସେମାନଙ୍କ ସହ ତାଳ ଦେଇ ଅତିମାତ୍ରାରେ ରୁଟିନ୍ କାର୍ଯ୍ୟକ୍ରମ- ପରୀକ୍ଷା ଫଳ ପ୍ରକାଶନରେ ମନ୍ତ୍ରୀମାନଙ୍କ ପରୀକ୍ଷା ଫଳ-ପୁସ୍ତିକା ଧରି ଠିଆ ହେବାର ଫଟୋ ମଧ୍ୟ ଦେଖାଯାଏ। କି ବିଚିତ୍ର ଏ ବିପରୀତ ରାଜନୈତିକ ବିବର୍ତ୍ତନ!

ଦୁର୍ନୀତିମୁକ୍ତ ଗୁଣାତ୍ମକତାର ଅନ୍ୟ ନାମ ସରକାର ନୁହନ୍ତି ନା ନେତା ନୁହନ୍ତି, ବରଂ ଦୁର୍ନୀତିଯୁକ୍ତ ମୋଟାମୋଟି କାମ ଚଳେଇ ନେବା ହେଉଛି ସରକାରଙ୍କ ଅନ୍ୟ ନାମ। ସରକାରଙ୍କ 'ପାଣି-ପବନ' ରେ ବଢ଼ି ବଢ଼ି ଭୋଟଦାତାମାନେ ଆଉ ନାଗରିକ ପର୍ଯ୍ୟାୟକୁ ଯାଇପାରନ୍ତି ନାହିଁ। ଆବିଷ୍କାରୀ, ଉଦ୍‌ଭାବନୀ ଏବଂ ସୃଜନଶୀଳ ମନଗୁଡ଼ିକ ଆସ୍ତେ ଆସ୍ତେ ଜୀବାଶ୍ମରେ ପରିଣତ ହୁଏ, ଯାହାର କରୁଣ ପରିଣତି କରୋନା ପରି ଭୟାବହ ମହାମାରୀ ବା ଅନ୍ୟ ପ୍ରାକୃତିକ ବିପର୍ଯ୍ୟୟ ବେଳେ ଦେଖାଯାଏ, ଯେତେବେଳେ ସରକାରଙ୍କ 'ହାତଟେକା'ରେ ପ୍ରତିପାଳିତ ମଣିଷମାନେ ସଂକଟବେଳେ ଆବଶ୍ୟକ ଶାରୀରିକ ସକ୍ରିୟତା, ଦକ୍ଷତା, ବୁଦ୍ଧିମତ୍ତା ଓ ଜୀବନରକ୍ଷା କୌଶଳ ପ୍ରଦର୍ଶନ କରି ନ ପାରି ଅକାଳରେ ମୃତ୍ୟୁବରଣ କରନ୍ତି।

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ଦେଶର ନାଗରିକମାନଙ୍କ ଅନ୍ତର୍ନିହିତ ଗୁଣ, ଦକ୍ଷତା, ପ୍ରତିଭାର ବିକାଶ କରେଇବାର ସର୍ବଶ୍ରେଷ୍ଠ ବ୍ୟବସ୍ଥା। ଆଜି କିନ୍ତୁ ଭୋଟ ସଂଗ୍ରହ ପାଇଁ ନାଗରିକମାନଙ୍କୁ ଭୋଟଦାତାରେ ପରିଣତ କରି ଅମୂଲ୍ୟ ମାନବସମ୍ବଳକୁ ନର୍ଦ୍ଦମାର ପାଣିଭଳି ବୋହି ଦିଆଯାଉଛି।

ଡ. ସୁବାସ ଚନ୍ଦ୍ର ପାତ୍ର
ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩ ୭୬୨୧୯







# ଜଙ୍ଗଲ ବିଭାଗର ପରିସୀମା ବିବାଦରେ ଗ୍ରାମବାସୀ ହନ୍ତସନ୍ତ

## ହାତୀ ମଣିଷ ବିବାଦ ନେଇ ବନ ବିଭାଗ ଖୁସ

ଅନୁଗୋଳ :(ନି.ପ୍ର)ଅନୁଗୋଳ ଓ ଢେଙ୍କାନାଳ ବନବିଭାଗ ସୀମା ସୁରକ୍ଷାକୁ ନେଇ ଏବେ ବିବାଦ ଘନାଉଥିବା ବେଳେ ଦୁଇ ଜିଲ୍ଲାର ବନବିଭାଗ ଅଧୀନରେ ଆସୁଥିବା ଗ୍ରାମବାସି ମାନେ ଏବେ ହାତୀ ମାନଙ୍କ ଉତ୍ପାତରେ ନା ହିନଥିବା ଅ ସୁବିଧାର ସମ୍ମୁଖୀନ ହେଉଥିଲେ ସୁଦ୍ଧା ବନବିଭାଗର ମନମୁଖୀ କାର୍ଯ୍ୟକଳାପ ସାଙ୍ଗକୁ ଅନୁଗୁଳ ଓ ଢେଙ୍କାନାଳ ରେଞ୍ଜର ପରିସୀମା ବିବାଦ ଏବେ ଗ୍ରାମବାସୀଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି ।ଦୁଇରେଞ୍ଜର ବିବାଦରେ ଜଙ୍ଗଲ ନିକଟରେ ବସବାସ କରୁଥିବା ଗ୍ରାମବାସୀ ହାତୀପଲଙ୍କ ଉତ୍ପାତରୁ ନିଜକୁ ସୁରକ୍ଷିତ ମଣୁ ନ ଥିବାବେଳେ ବନବିଭାଗ କର୍ମଚାରୀମାନେ ନିଜର ଚାକିରିକୁ ସୁରକ୍ଷା ଦେବାସହ ଖୁସି ମନାଉଥିବା ସ୍ଥାନୀୟ ଗ୍ରାମବାସିମାନେ ଅଭିଯୋଗ କରୁଛନ୍ତି । ଅନୁଗୁଳ ଓ ଢେଙ୍କାନାଳ ଜଙ୍ଗଲ ବିଭାଗ ଅଧିନରେ ରହୁଥିବା ଗ୍ରାମବାସି ମାନେ ଏବେ ହାତୀ ମଣିଷ ବିବାଦ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି ଜଙ୍ଗଲ ନିକଟରେ ବସବାସ କରୁଥିବା ଗ୍ରାମବାସିମାନେ ଏବେ ହାତୀପଲଙ୍କ ଠାରୁ ନିଜକୁ ସୁରକ୍ଷିତ ମଣୁନଥିବାବେଳେ ଚାଷଜମିକୁ ହାତୀପଲ ନଷ୍ଟ କରିବାସହ ଘରଦ୍ୱାର ଓ ହାତୀ ଆକ୍ରମଣରେ ମୃତ୍ୟୁବରଣ କରୁଥିବା ଦୈନନ୍ଦିନ ଘଟଣାରେ ପରିଣତ ହୋଇଛି ଢେଙ୍କାନାଳ ଜିଲ୍ଲା ବନବିଭାଗ ଅଧୀନରେ ଥିବା ଖଜୁରିଅକଟା ବିଟ ଅଧୀନରେ ରଞ୍ଜଗୋଳ କାରନ୍ଧା,ରସିଂଙ୍ଗା,ପଞ୍ଚୁପଡା ,ରାସୋଳ ,ବନ୍ଧ, କର୍ଣ୍ଣପୁର ବିଟ ଅଧିନରେ ବାଦୀବାହାଲ, ଗଣ୍ଡିଗାଡ଼ିଆ, ମିଟିକାପଶି ,ସରପା,ବଡଖଲି ଖଳବେରଣା ,ସଂଜପଡା ,ଅମନା ,ପାଇକପୁରୁଣାକୋଟ,କଂକାଲୁ ଥିବାବେଳେ ଅନୁଗୋଳ ବନବିଭାଗ ଅଧିନରେ ତାଳଚେର ବିଟ ନୂଆହତା, ବନରପାଳ,ଗଡ଼ାରଖାଇ ବନ୍ଧା,ତୁଳସୀପାଳ,ବଉଳିଗଡ଼, କଂକିନାଳି, ଅରାହାଟ,ପୁରିକିଆ କୁଲାଡ଼ ଅଞ୍ଚଳରେ ଏବେ ହାତୀପଲଙ୍କ ଦୌରାତ୍ମ୍ୟ ବୃଦ୍ଧି ଘଟୁଥିବା ବେଳେ ଚାଷଜମିରୁ ଧାନ ସାଙ୍ଗକୁ ପନିପରିବା ନଷ୍ଟ କରୁଛନ୍ତି ଓ ହାତୀ ହାବୁଡ଼ରେ ପଡି ମୃତ୍ୟୁ ଘଟୁଥିଲେ ସୁଦ୍ଧା ଦୁଇ ଜିଲ୍ଲା ଅଧିକରୀ ମାନେ କୌଣସି ପଦକ୍ଷେପ ନନେବା ଓ ଚୁପ ହୋଇ ରହିବା ଗ୍ରାମବାସୀଙ୍କୁ ଚକିତ କରିଛି ଦୁଇ ଜିଲ୍ଲାର ବନବିଭାଗା କର୍ମଚାରୀମାନେ ନିଜର ଚାକିରିକୁ ସୁରକ୍ଷିତ ରଖିବାପାଇଁ ଗୋଟେ ବିଟରୁ ଅନ୍ୟଏକ ବିଟକୁ ହାତୀପଲଙ୍କୁ ପାର କରୁଥିବା ସ୍ତନୀୟ ଗ୍ରାମବାସୀ ପ୍ରକାଶ କରିଛନ୍ତି ହାତୀପଲ ଏବେ ଗଣ୍ଡିଗାଡ଼ିଆ ଓ ବାଦୀବାହାଲ ଜଙ୍ଗଲରେ ରହୁଥିବା ବେଳେ ନିକଟସ୍ଥ ଗ୍ରାମଗୁଡିକୁ ଆସି ଫସଲ ନଷ୍ଟ ସହ ଘରଭାଙ୍ଗୀ ମଣିଷ ମାରୁଛନ୍ତି ହାତୀପଲ ଏବେ ବର୍ଷତମାମ ଏହି ଯାଗାଛାଡି ଯାଉନଥିବା ବେଳେ ବନବିଭାଗ ଜାଣି ନଜାଣିଲାପରି ଚୁପ ହୋଇ ରହିବା କାରଣକଣ ବୋଲି ଗ୍ରାମବାସୀଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି ବନ୍ୟଯନ୍ତୁଙ୍କ କବଳରୁ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ନିକଟସ୍ଥ ଗ୍ରାମ ଗୁଡିକରୁ ଦୁଇଜଣ ଲେଖାଏଁ ଗଜ ସାଥି ଓ ଗଜ ମିତ୍ର ସାଙ୍ଗକୁ ହାତୀ ସ୍କ୍ୱାର୍ଡ ନିୟୋଜିତ କରା ଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳୁନଥିବା ଗ୍ରାମବାସୀ ମତପ୍ରକାଶ କରିଛନ୍ତି । ହାତୀମାନଙ୍କ ଯୋଗୁଁ ଫସଲ ନଷ୍ଟ ସାଙ୍ଗକୁ ମଣିଷ ମାରିବା ବାବଦକୁ ବନବିଭାଗ ପକ୍ଷରୁ ସଠିକ କ୍ଷତିପୂରଣ ମିଳୁନଥିବା ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ହାତୀମାନଙ୍କ ଗତିପଥ ଉପେରେ ବନବିଭାଗ ନଜର ରଖିପାରୁନି ଗ୍ରାମବାସୀ ଖବର ଦେଲେ ବନକର୍ମଚାରି ବହୁବିଳମ୍ବରେ ଆସୁଥିବାରୁ ହାତୀମାନେ ଫସଲ ନଷ୍ଟ କରୁଛନ୍ତି ଅନୁଗୁଳ ଓ ଢେଙ୍କାନାଳ ବନବିଭାଗ ଅଧୀନରେ ବହୁ କଂପାନି ରୁଙ୍ଗଟା ଟାଟା ଷ୍ଟିଲ ନାଲକୋରେ ନିକଟସ୍ଥ ଗ୍ରାମର ଲୋକମାନେ ପରିବାର ଭରଣ ପୋଷଣ ପାଇଁ କାମ କରିବାକୁ ଆସୁଥିବାବେଳେ ହାତୀମାନଙ୍କ ହାବୁଡ଼ରେ ପଡି ମୃତ୍ୟୁ ଘଟୁଛି । ଏବେ ଧାନ ଅମଳ କରି ଲୋକମାନେ ବିଲରୁ ଖଳାରେ ଗଡ଼କରୁଥିବା ବେଳେ ହାତୀପଲ ଅାସିନଷ୍ଟ କରୁଥିବାରୁ ଗ୍ରାମବାସୀ ମାନେ ଗାଁ ଚାରିପଟେ ନିଆଁ ଲଗେଇ ଦେବାରୁ ହାତୀପଲ ଏବେ ସହର ମୁହାଁ ହେଲେଣି ବନବିଭାଗ କର୍ମଚାରୀ ମାନେ ହାତୀ କବଳରୁ ସୁରକ୍ଷା ଦେବାସହ ହାତୀମାନଙ୍କୁ ଜଙ୍ଗଲ ଭିତରକୁ ତଡିଲେ ଗ୍ରାମବାସୀ ଅଚିନ୍ତାରେ ଜୀବନ ଜାପନ କରିପାରିବେ । ବନକର୍ମଚାରୀ ମାନେ ନିଜ ବିଟ ଅଧୀନରେ ହାତୀପଲ ରହିଲେ କିମ୍ବା ହାତୀ ମୃତୁ ଘଟିଲେ ଚକିରୀ ଚାଲିଯିବା ଭୟରେ ଅନ୍ୟ ବିଟକୁ ପାର କରୁଥିବା ବେଳେ ନିରୀହ ଗ୍ରାମବାସୀ ହଇରାଣ ହରକତ ହେବାକୁ ପଡୁଛି ବୋଲି ଅଭିଯୋଗ କରୁଛନ୍ତି ବନବିଭାଗ ଚୋରାକାଠ ଓ ଜନ୍ତୁ ଶିକାର ଆଧରରେ ସ୍ଥାନୀୟ ଲୋକଙ୍କୁ ଗିରଫ କରି ବାହାସ୍କଟ ମାରୁଥବାବେଳା ହାତୀ ସୁରକ୍ଷା ପ୍ରତି ଯତ୍ନ ସହ ମଣିଷଙ୍କ ସୁରକ୍ଷା ପ୍ରତି ସେତିକି ଦୃଷ୍ଟି ଦେବାକୁ ବନବିଭାଗ ଅଧିକାରୀଙ୍କୁ ସ୍ଥାନୀୟ ଗ୍ରାମବାସୀମାନେ ଦୃଢ଼ ଦାବୀ କରିଛନ୍ତି ।

# ପନ୍ଦରଭରଣୀଆ ଗ୍ରାମକୁ ଫେଲ୍ ମାରିଛି ଜଳ ଯୋଗାଣ

**●ସପ୍ତାହରେ ଦୁଇ ଦିନ ପାଣି ବନ୍ଦ**

**●ଯନ୍ତ୍ରୀ କହିଲେ ମୋ ନଜରକୁ ଆସିନି**

ଅନୁଗୋଳ: (ନିପ୍ର) ବଅାଁରପାଳ ବ୍ଲକ୍ ବୁଢାପଙ୍କ ପଞ୍ଚାୟତ ପନ୍ଦରଭରଣୀଆ ଗାଁରେ ପାନୀୟ ଜଳ ପାଇଁ କଷ୍ଟ ଭୋଗଛନ୍ତି ଗ୍ରାମବାସୀ । ଉକ୍ତ ଗ୍ରାମରେ ୧୮ବର୍ଷ ପୂର୍ବରୁ ଏକ ବୋରିଂ କରାଯାଇଥିଲା । ସେହି ପାଇପରେ ବର୍ତ୍ତମାନ ଜଳ ଯୋଗାଣ ଚାଲୁରହିଛି କ୍ଷ ପାଇପ୍ ଗୁଡିକକୁ ନ ବଦଳାଇ ଥିବାରୁ ଲୁହାଗୁଣ୍ଡ, ଲାଲ ବକଳ ପାଉଁସିଆ ପାଣି ବାହାରୁଛି କ୍ଷ ଗ୍ରାମବାସୀ ଅଭିଯୋଗ କରିଛନ୍ତି ଯେ ପ୍ରଶାସନ ଗ୍ରାମରେ ଆଜି ପର୍ଯ୍ୟନ୍ତ ଓଭର ଟାଙ୍କି ନିର୍ମାଣ କରିନାହାନ୍ତି କ୍ଷ ପାଇପ୍ ଯୋଗେ ଜଳଯୋଗାଣ ବ୍ୟବସ୍ଥା କରାଯାଇଛି। ହେଲେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହା ଫଳରେ ଏହି ଗାଁକୁ ସପ୍ଲାଇ ପାଇପ୍ ଆସୁଥିବା ପାଣିରେ ଲୁହାଗୁଣ୍ଡ ଓ ପାଣି ସ୍ଥିର ହେଲା ପରେ ବକଳ ବସି ରହୁଛି ପାଉଁଶିଆ ଦେଖା ଯାଉଛି ବୋଲି ଗ୍ରାମବସୀ ଅଭିଯୋଗ କରିଛନ୍ତି । ଗ୍ରାମବାସୀ ବାଧ୍ୟ ହୋଇ ପାଣିକୁ ବ୍ୟବହାର କରୁଛନ୍ତି । ପାଖରେ ଯାଇଥିବା ଜୁର ନାଳରୁ ଚୁଆଖୋଳି ପାଣି ବ୍ୟବହାର କରୁଥିଲେ କିନ୍ତୁ ଏବେ ହାତୀ ଭୟରେ କେହି ଯାଉନଥିବାରୁ ପାଇପ୍ ରୁ ପାଣି ପିଉଛନ୍ତି । ଯଦି କେବେ ପାଇପରେ ପାଣି ଆସିଥାଏ ଗରାଏ ପାଣି ପାଇଁ ଲୋକଙ୍କୁ ଅପେକ୍ଷା କରିବାକୁ ପଡୁଛି। ଯେଉଁ ଘଣ୍ଟାଏ ଦୁଇଘଣ୍ଟା ପାଇପରେ ପାଣି ଆସୁଛି ତାହାକୁ ସଂଗ୍ରହ କରିବାକୁ ଲୋକଙ୍କ ପ୍ରବଳ ଭିଡ଼ ହେଉଛି । ପାଣି ନେବା ପାଇଁ ପାର୍ଟିତୁଣ୍ଡ ମଧ ହେଉଛି। ସୂଚନା ମୁତାବକ ପନ୍ଦରଭରଣିଆ ଗାଁରେ ୨୦୦ ପରିବାର ବସବାସ କରନ୍ତି । ସରକାରଙ୍କ ପକ୍ଷରୁ ବସୁଧା ଓଭରହେଡ଼ ଟାଙ୍କି ନାହିଁ । ପାନୀୟ ପ୍ରକଳ୍ପରେ ପନ୍ଦରଭରଣିଆ ଗାଁରେ ଜଳ ଯୋଗାଣ ଫେଲ୍ ମାରିଛି । ୨୦୦ ପରିବାର ଏହି ଖରାପ ପାଣିକୁ ବ୍ୟବହାର କରୁଥିବା ବେଳେ



ଏନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପାଖରେ ବହୁବାର ଗୁହାରି ପରେ ବି କୌଣସି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହେଇଛି । ଏ ସଂପର୍କରେ ଯନ୍ତ୍ରୀ ଦେବସ୍ମିତା ନାୟକଙ୍କୁ ପଚାରିବାରୁ ସେ କହିଲେ ମୁଁ ସେହି ଗାଁକୁ ଦିନେ ଛଡା ଦିନେ ଯାଉଛି କାହିଁ ମୋ ନଜରକୁ ଆସିନି କି ମୋତେ କେହି ଅଭିଯୋଗ କରିନାହାନ୍ତି ବୋଲି କହିଥିଲେ । ଗ୍ରାମବାସିଙ୍କ ଅଭିଯୋଗ ଯେ ଆଉ ୧୫ ଦିନ ଭିତରେ ପ୍ରଶାସନ ପାନୀୟ ଜଳର ବନ୍ଦବସ୍ତ ନକଲେ ଆମେ ବାଧହୋଇ ରାଜରାସ୍ତା ଅବରୋଧ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

# ରେଳ ଫାଟକ ସମସ୍ୟାରେ ଅତିଷ୍ଟ ଜନସାଧାରଣ

## ଜିଲ୍ଲା ପ୍ରଶାସନର ଖାମଖିଆଲି ମନଭାବ ଯୋଗୁ ଅସୁବିଧାରେ ସାଧାରଣ ଜନତା

ତାଳଚେର :(ନି.ପ୍ର)ତାଳଚେର ବାଇପାସ୍ ଛକ ଠାରୁ ହାଟତୋଟାକୁ ଯାଇଥିବା ମୁଖ୍ୟରାସ୍ତାରେ ରେଲୱେ ଫାଟକ ରହିଛି । ପ୍ରାୟ ସମୟରେ ଏହି ଫାଟକ ପଡୁଥିବାରୁ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହି ମୁଖ୍ୟରାସ୍ତାରେ କୋର୍ଟ, କଚେରୀ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ତହସିଲ, ଆରଆଇ, ରେଭିନ୍ୟୁ ଅଫିସ୍, ଫୋରେଷ୍ଟ ଅଫିସ୍, ପଶୁଚିକିତ୍ସାଳୟ,ମହିଳା ମହାବିଦ୍ୟାଳ, ଯୁବରାଜ ହାଇସ୍କୁଲ, ବିରାଦରପଡ଼ା ୟୁପି ସ୍କୁଲ, ଷ୍ଟେଟବ୍ୟାଙ୍କ, ଗ୍ରାମ୍ୟବ୍ୟାଙ୍କ, ପୋଷ୍ଟ ଅଫିସ୍, ପୌରପରିଷଦ ଚିକିତ୍ସାଳୟ ଏବଂ ଛୋଟବଡ଼ ସରକାରୀ ବେସରାକରୀ କାର୍ଯ୍ୟାଳୟର କର୍ମଚାରୀ ମାନେ





ଅଫିସ୍ କାର୍ଯ୍ୟରେ ଯିବାକୁ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ଦେଶର ଭବିଷ୍ୟତ, ଛାତ୍ରଛାତ୍ରୀ ଓ କୁନିକୁନି ପ୍ରତିଭା ମାନେ ମଧ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ଗୁରୁତ୍ୱପୂର୍ଣ୍ଣ ଯାନ ଗୁଡ଼ିକ ଯଥା ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ, ଜନନୀ ଏକ୍ସପ୍ରେସ୍ ଇତ୍ୟାଦି ଗାଡ଼ି ଗୁଡ଼ିକ ମଧ ଏହି ଅସୁବିଧାର ସମ୍ମୁଖୀନ ହେଉଥିବା ଲକ୍ଷ୍ୟ କରାଯାଇଛି । ତେବେ ଏପରି ସମସ୍ୟା ଉପୁଜୁଛି ଯେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଠିଆ ହେବାରୁ ଯାତାୟତରେ ବାଧାପ୍ରାପ୍ତ ହେଉଛି । ଫଳରେ ଲୋକଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ଦେଖାଦେଉଛି । ତେବେ ଏଠାରେ ପ୍ରଶ୍ନ ଉଠେ କୋଇଲା ଖଣିରୁ କେନ୍ଦ୍ର ଓ ରାଜ୍ୟ ସରକାର କୋଟି କୋଟିଟଙ୍କା ରାଜସ୍ୱ ନେଉଥିବା ବେଳେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଓଭରବ୍ରିଜ ନିର୍ମାଣ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇ ଆସୁଥିଲେ ମଧ ଏହି ସମସ୍ୟାର ସମାଧାନ ଦିଗରେ କେହି ହେଲେ ସାମାନ୍ୟତମ କର୍ଣ୍ଣପାତ ଓ ଦୃଷ୍ଟି ଦେଉନଥିବା ଏକ ଦୁର୍ଭାଗ୍ୟ ଜନକ ବିଷୟ ହୋଇଛି ।

# ଗୋଟିଏ ରାତିରେ ତିନୋଟି ମନ୍ଦିର ଚୋରି

କାମାକ୍ଷାନଗର : ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ରେକୁଳା ଗ୍ରାମ ସ୍ଥିତ ମା ମଙ୍ଗଳା ମନ୍ଦିର ମହୁଲପାଳ ମହାମାୟୀ ମନ୍ଦିର ଓ ସାରୁଆଳି ମଙ୍ଗଳା ମନ୍ଦିର ର ଗ୍ରିଲ ତାଡି ମାଙ୍କର ସମସ୍ତ ସୁନା,ଗହଣା, ଅଳଙ୍କାର ପ୍ରାୟ ୧୫ ଲକ୍ଷ୍ୟ ଟଙ୍କାର ଗହଣା ଚୋରି ହେଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି କ୍ଷ ଦୁର୍ବତ ମାନେ ବିଳମ୍ବିତ ପ୍ରହରରେ ଲୁଟ କରିଥିବା ଯାହା ସିସି ଟିଭି କ୍ୟାମେରାରେ କଏଦ ହୋଇଛି କ୍ଷ ଏଥିନେଇ କାମାକ୍ଷାନଗର ଥାନାରେ ତିନୋଟି ଅଭିଯୋଗ ପରେ ପୋଲିସ ର ତନାଘନା ଆରମ୍ଭ ହୋଇଛି କ୍ଷ ଖବର ପାଇ କାମାକ୍ଷାନଗର ଉପଖଣ୍ଡର ଆରକ୍ଷୀ ଅଧିକାରୀ ରଜନୀକାନ୍ତ ସାମଲ, ଥାନା ଅଧିକାରିଣୀ ଚାରୁଲତା ବେହେରା, ସହକାରୀ ଅଧିକାରୀଙ୍କ ସହ ଢେଙ୍କାନାଳ ସାଇଣ୍ଟିଫିକ ଟିମ ପହଂଚି ତଦନ୍ତରେ ସହଯୋଗ କରିଛନ୍ତି କ୍ଷ ଏକ ସପ୍ତାହ ମଧରେ ମାଳପୁରା ରାମ ମନ୍ଦିର, ଅନନ୍ତପୁର ସ୍ଥିତ ରାଧା କୃଷ୍ଣ ମନ୍ଦିର ଓ ଏବେ ରେକୁଳା ମଙ୍ଗଳା ମନ୍ଦିର, ମହୁଲପାଳ ମହାମାୟୀ ମନ୍ଦିର ଓ ସାରୁଆଳି ମଙ୍ଗଳା ମନ୍ଦିର ଚୋରି ହୋଇଥିବା ସାମ୍ନାକୁ ଆସିଛି କ୍ଷ ଏହା କାମାକ୍ଷାନଗର ପୋଲିସ ପାଇଁ ଶକ୍ତ ଚ୍ୟାଲେଞ୍ଜ ବୋଲି ସାଧାରଣ ରେ ଆଲୋଚନା ହେଉଛି କ୍ଷ କାମାକ୍ଷା ନଗର ଥାନାରେ ୪୦ ଜଣ ହୋମ ଗାର୍ଡ କାର୍ଯ୍ୟ କରୁଥିବା ବେଳେ ରାତିରେ କିଭଳି ଚୋରି ହେଉଛି ତାହା ଜନସାଧାରଣରେ ଆଲୋଚନା ହେଉଛି କ୍ଷ ତେଣୁ ଆଗାମୀ ଦିନରେ ଅନ୍ୟ ମନ୍ଦିର ଗୁଡିକ କିଭଳି ସୁରକ୍ଷିତ ରହିବ ସେଥିପାଇଁ ଦୃଢ ପଦକ୍ଷେପ ଗ୍ରହଣ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।



# ମୃତ୍ୟୁର ପଥ ପାଲଟିଛି ୧୪୯ ନମ୍ବର ଜାତୀୟ ରାଜପଥ

## ଅଞ୍ଚଳ ବାସୀଙ୍କ ସରୁନି ଯନ୍ତ୍ରଣା,ଭରୁନି କ୍ଷତ

ତାଳଚେର:(ନିପ୍ର)ଗମନା ଗମନ ସୁବିଧା ସହ ରାସ୍ତାରେ ଘଟୁଥିବା ଦୁର୍ଘଟଣା ରୋକିବା ପାଇଁ ସରକାର ସଡ଼କ ନିର୍ମାଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ କେଉଁଠି ଠିକା ସଂସ୍ଥାର ମନାମାନି ତ କେଉଁଠି ପରିବହନ ବିଭାଗର ଅବହେଳାରୁ ଦୁର୍ଘଟଣା ଘଟି ବହୁ ଧନ ଜୀବନ ନଷ୍ଟ ହେଉଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ୧୪୯ ନମ୍ବର ଜାତୀୟ ରାଜପଥରେ ।ଜାତୀୟ ରାଜପଥ ସହ ପାର୍ଶ୍ୱରେ ଯାଇଥିବା ଡାଇଭରସନ ରୋଡ ପାଲଟିଛି ଟ୍ରକ ପାର୍କିଂ ଜୋନ୍। ଜାତୀୟ ରାଜପଥରେ ମଳମାଳ ଟ୍ରକ ବେଆଇନ ପାର୍କିଂ କରିବା ଫଳରେ ପ୍ରତିଦିନ ଦୁର୍ଘଟଣା ଘଟୁଛି। ବେଆଇନ ପାର୍କିଂ ଯୋଗୁଁ ଧୂଳି ଉଡି ପରିବେଶ ପ୍ରଦୂଷଣ ହେବା ସହ ପଥଚାରୀ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ରାଜପଥ ଦେଇ ରାଜନେତା ଠାରୁ ଆରମ୍ଭ କରି ଆର.ଡି.ସି, ଜିଲ୍ଲାପାଳ, ପୁଲିସ, ପରିବହନ ବିଭାଗର ଅଧିକାରୀ ଯାତାୟାତ କରୁଥିବା ବେଳେ ଏଥିପ୍ରତି କାହାର ଦୃଷ୍ଟି ନ ପଡିବା ଏକ ପ୍ରକାର ସନ୍ଦେହ ସୃଷ୍ଟି କରିଛି। ପ୍ରତିଦିନ ଶହଶହ ଭାରୀଯାନ ଯିବା ଆସିବା କରୁଥିବା ବେଳେ ବେଆଇନ ପାର୍କିଂ ଯୋଗୁଁ ଦୁର୍ଘଟଣା ଘଟୁଥିବା ଅଞ୍ଚଳବାସୀ କହିଛନ୍ତି। ପରିବହନ ବିଭାଗର ଅଧିକାରୀ ମାନେ ପ୍ରତିଦିନ ରାଜପଥ ଉପରେ ବିଭିନ୍ନ ସମ୍ବେଦନଶୀଳ ବା ଦୁର୍ଘଟଣା ପ୍ରବଣ ଅଞ୍ଚଳରେ ଭାରିଯାନ ଗୁଡିକ ରାସ୍ତାରେ ଦୀର୍ଘ ସମୟ ଧରି ଅଟକାଇବା ସହ ଓଭର ଲୋଡ଼ିଂ ଓ କାଗଜ ପତ୍ର ଯାଞ୍ଚ କରୁଥିବା ବେଳେ ବେଆଇନ ପାର୍କିଂ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି। କିଛି ପେଟ୍ରୋଲ ପମ୍ପରେ ତେଲ ପକାଇବା ବାହାନାରେ ରାଜପଥରେ ବେଆଇନ ପାର୍କିଂ କରାଯାଉଛି ।ଯାହାକି ପଥଚାରୀଙ୍କ ପାଇଁ ଏକ ପ୍ରକାର କାଳ ହୋଉଛି। ଏ ନେଇ ପରିବହନ ବିଭାଗର ଆରଟିଓ ନିଖିଲ ପଟ୍ଟନାୟକଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି ବିଭାଗୀୟ ଅଧିକାରୀ ଖୁବ ଶୀଘ୍ର ଘଟଣାସ୍ଥଳକୁ ଯାଇ ଦେଖିବେ ଯଦି ରାଜପଥରେ ବେଆଇନ ଭାବେ ପାର୍କିଂ କରିଥିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପଟେ ତୁରନ୍ତ ରାଜପଥରୁ ବେଆଇନ ପାର୍କିଂ ହଟେଇବାକୁ ସର୍ବସାଧାରଣରେ ଦାବୀ ହୋଇଛି

## ଜଳ ଯନ୍ତ୍ରଣାରେ ଶହେ ପରିବାର

# ତିନି ବର୍ଷ ହେଲା ଟାଙ୍କି ସହିତ ପାଇପ୍ ପଡିଛି ହେଲେ ପାଣି ନାହିଁ

ଅନୁଗୋଳ: (ନିପ୍ର)ଶୀତ ଦିନରେ ଜଳକଷ୍ଟ । ଶୋଷ ମେଣ୍ଟାଇବା ପାଇଁ ଦୁଇଟି ନଳକୂପ ରହିଛି। କିନ୍ତୁ ଗୋଟିଏ ନଳକୂପରୁ ପାନୀୟ ଜଳ ଭାବରେ ବ୍ୟବହାର କରାଯାଉଥିବା ବେଳେ ଅାଉ ଗୋଟିଏ ଜଳ ବ୍ୟବହାର ଅନୁପଯୋଗୀ ହୋଇଥିବାରୁ ପାଣି ନେଉ ନାହାଁନ୍ତି ଲୋକେ। ଫଳରେ ଲୋକମାନେ ଶୀତ ଦିନରେ ଜଳକଷ୍ଟ ଭୋଗ କରୁଛନ୍ତି। ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ରହିଛି। କିନ୍ତୁ ଗ୍ରାମର କିଛି ଲୋକ ପାଣି ପାଉଥିବା ବେଳେ ଆଉ କିଛି ଲୋକ ପାଣି ପାଉ ନାହାଁନ୍ତି। ଏମିତି ଦେଖିବାକୁ ମିଳିଛି ଅନୁଗୋଳ ବ୍ଲକ ବଡହିଂଷୋ ଗ୍ରାମ କୁମ୍ଭାର ସାହିରେ । ଏଠି ପାଣି ପାଇଁ ଗ୍ରାମବାସୀ ହନ୍ତସନ୍ତ ହେଉଛନ୍ତି। ଗ୍ରାମର ଲୋକଙ୍କ କହିବା ଅନୁଯାୟୀ ସାହିରେ ପ୍ରାୟ ଶହେ ପରିବାରରେ ୩୦୦ ଲୋକ ବାସ କରୁଛନ୍ତି। ତିନିବର୍ଷ ହେଲା ପାନୀୟ ଜଳ ଯୋଗାଣ ପାଇଁ ବ୍ୟବସ୍ଥା ହୋଇଛି। ସରକାର ଲୋକଙ୍କ ସୁବିଧା ପାଇଁ ସବୁ ପ୍ରକାର ଯୋଜନା



କରୁଥିବା ବେଳେ ଲୋକଙ୍କ ପାଖରେ ସୁବିଧା ପହଞ୍ଚି ପାରୁ ନାହିଁ। କୁମ୍ଭାର ସାହିକୁ ଜଳ ଯୋଗାଣ ପାଇଁ ପାଇପ୍ ପଡିଛି। କିନ୍ତୁ ୬/୭ ଦିନ ପାଣି ଆସିବା ପରେ ଆଉ ଗୋଟିଏ ଦିନ ମଧ୍ଯ ପାଣି ଆସିନାହିଁ। ଉକ୍ତ ସାହିରେ ଦୁଇଟି ନଳକୂପ ରହିଛି। ଗୋଟିଏ ନଳକୂପ ସଚଳ ଥିବା ବେଳେ ଆଉ ଗୋଟିଏ ଅଚଳ ଅବସ୍ଥାରେ ପଡ଼ି ରହିଛି। ଗ୍ରାମର ଲୋକମାନେ ଏନେଇ ବହୁ ବାର ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନାହିଁ। ଶୀତ ଦିନରେ ଯଦି ଜଳକଷ୍ଟ ଭୋଗ କରୁଛନ୍ତି ଖରା ଦିନେ ଲୋକଙ୍କ ଅବସ୍ଥା କଣ ହେଉଥିବ ତାହା ସ୍ୱଷ୍ଟ ଭାବରେ ଜଣା ପଡୁଛି। ଯଦି ପ୍ରଶାସନ ଉକ୍ତ ଲୋକଙ୍କ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରିବେ ତାହେଲେ ଲୋକମାନେ ଉପକୃତ ହେବେ ବୋଲି ଗ୍ରାମର ଲୋକମାନେ କହିଛନ୍ତି। କେବଳ ଜଳକଷ୍ଟ ବ୍ୟତୀତ ଗ୍ରାମର ଲୋକମାନେ ସମସ୍ତେ ଚାଷ ଉପରେ ନିର୍ଭର କରନ୍ତି। ବିଭିନ୍ନ ପ୍ରକାର ଚାଷ ହେଉଥିଲେ ମଧ ଧାନ ଚାଷ ମୂଖ୍ୟ। ବିଭିନ୍ନ ଚାଷ ଜମିରେ ବନ୍ୟଜନ୍ତୁ ପଶି ଫସଲ ନଷ୍ଟ କରୁଛନ୍ତି। ଫଳରେ ଚାଷୀ ମାନେ ଚିନ୍ତାରେ ରହୁଛନ୍ତି। ହାତୀ ପ୍ରବଣ ଅଞ୍ଚଳରେ ବନ ବିଭାଗ ଓ ସରକାରଙ୍କ ପକ୍ଷରୁ ହାଇମାଷ୍ଟ ଲାଇଟ୍ ଦିଆ ଯାଉଥିବା ବେଳେ ଏହି ସାହିରେ ଗୋଟିଏ ଲାଇଟ୍ ମଧ୍ଯ ଲାଗି ନାହିଁ। ହାଇମାଷ୍ଟ ଲାଇଟ୍, ଗ୍ରାମ ଓ ଚାଷ ଜମି ଚାରିପଟେ ସୋଲାର ବାଡ ଦେବା ପାଇଁ ଗ୍ରାମବାସି ପ୍ରକାଶ କରିଛନ୍ତି ।

## ପୋଲିସ୍ ପ୍ରଶାସନ ଓ ଅବକାରୀର ନିଷ୍କ୍ରିୟତା ସନ୍ଦେହ ଘେରରେ

# ଧଳା ଜହର କାରବାରରେ ଅନୁଗୋଳ ଜିଲ୍ଲାର ଯୁବପିଢ଼ି

ଅନୁଗୋଳ:(ନିପ୍ର) ଅନୁଗୋଳ ସହର ତଥା ତାଳଚେର ଆଦି ଆଖପାଖ ଗ୍ରାମାଞ୍ଚଳରେ ନିଶା କାରବାର ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଯୁବଗୋଷ୍ଠି ନିଜର ରୋଜଗାର ପାଇଁ ଏହି ପନ୍ଥାକୁ ଅପଣେଇ ନେଇଥିବା ବେଳେ ସ୍ଥାନିୟ ପୋଲିସ ଓ ଅବକାରୀ ବିଭାଗ ଜାଣି ଅଜଣା ଅଭିନୟ କରିବା ଚର୍ଚ୍ଚା ଆଲୋଚ୍ୟର ବିଷୟ ପାଲଟିଛି । ତାଳଚେର ସହିତ ଆଖପାଖା ଗ୍ରାମ ଗୁଡିକରେ ଏବେ ଖୋଲାଖୋଲି ଭାବେ ନିଶା କାରବାର ବୃଦ୍ଧି ଘଟ୍ଵିରେ ଲାଗିଛି ନିଶା କାରବାରକୁ କିଛି ଯୁବଗୋଷ୍ଠୀ ଏହି ନିଶା କାରବାରକୁ ନିଜର ବ୍ୟବସାୟିକ ଭାବେ ବାଛି ଅତି ଚତୁରତାର ସହ ରାତ୍ରିରେ ବ୍ୟବସାୟ ଆରମ୍ଭ କରିଥିବା ସ୍ଥାନୀୟ ଲୋକମାନେ ମତପ୍ରକାଶ କରିଛନ୍ତି ସହର ତଥା ୱାର୍ଡରେ କିଛିଦିନହେବ ଧଳାଯହର (ଡ୍ରଗ୍ସ ) କାରବାର ଅସତୀତ ବୃଦ୍ଧି ପାଇଛି ଧଳାଜହର ପାଇଁ ଯୁବପିଢ଼ି ସହରର ଗଳିକନ୍ଦିରେ ଚକର କଟୁଥିବା ବେଳେ ପଥଭ୍ରଷ୍ଟ ହୋଇ ବହୁଅସମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି ଅବକାରୀ ଓ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନପାଡିବା ଜନସାଧାରଣଙ୍କୁ ଚକିତ କରିଛି ସହରର କିଛି ଯୁବଗୋଷ୍ଠି ଧଳା ଯହରକୁ ଆଣି ବିଭିନ୍ନ ୱାର୍ଡରେ

ବିକ୍ରି କରିବାରେ ଲାଗିଛନ୍ତି । ଖୋଦ୍ ତାଳଚେର ଥାନା ସମ୍ମୁଖ ଏବଂ ଏହାର ଚର୍ତୁପାଶ୍ ସହ ଗ୍ରାମାଞ୍ଚଳରେ ଯୁବପିଢ଼ୀ ନିଶାଶକ୍ତ ଅବସ୍ଥାରେ ବିଭିନ୍ନ ଅନୈତିକ କାର୍ଯ୍ୟରେ ଲିପ୍ତ ରହି





ପଥଭ୍ରଷ୍ଟ ହେଉଛନ୍ତି ବୋଲି ଅଭିଯୋଗ ହେଉଛି । ଏସବୁର ଅଂଙ୍କୁଶ ଲଗାଇବା ନେଇ ତାଳଚେର ହାଟତୋଟା ଠାରେ ସରକାରଙ୍କ ପକ୍ଷରୁ ଏଗୁଡାକୁ ରୋକ ଲଗାଯିବାକୁ ନେଇ ଅବକାରୀ କାର୍ଯ୍ୟାଳୟ ରହିଥିଲେ ମଧ ଅଧିକାରୀମାନେ ଲୋକ ଦେଖାଣିଆ ଭାବରେ ରହି କାର୍ଯ୍ୟ କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି । ମନ୍ଦିର ଠାରୁ ଆରମ୍ଭକରି, ସ୍କୁଲ, କଲେଜ, ଶ୍ମଶାନ, ପୋଖରୀହୁଡ଼ା ଏପରିକି, ନୀରୋଳା ସ୍ଥାନ ମାନଙ୍କରେ ଯୁବକମାନେ ଦିନଦ୍ୱିପ୍ରହର ସ୍ୱଷ୍ଟ ଦିବାଲୋକରେ କାହାକୁ ଖାତିର ନକରି ଧଳାଜହର ସାଙ୍ଗକୁ ଗଞ୍ଜେଇ ସେବନ କରି ତାଳଚେରର ବିଭିନ୍ନ ସ୍ଥାନ ଗୁଡ଼ିକରୁ ନିଶାସେବନ ପାଇଁ ଆବଶ୍ୟକ ଅର୍ଥ ଯୋଗାଡ଼କୁ ନେଇ ଅନୈତିକ କାର୍ଯ୍ୟରେ ଲିପ୍ତ ରହି ଚୋରି, ରାହାଯାନୀ କାର୍ଯ୍ୟ କରିବାକୁ ପଛାଇନଥାନ୍ତି । ଏହି ଖବର ଗଣମାଧ୍ୟମ ପ୍ରଚାରିତ ହେଲେ ମଧ ଏଠାରେ ପୋଲିସ୍ ପ୍ରଶାସନ ଓ ଅବକାରୀର ନିଷ୍କ୍ରିୟତା ଓ ସ୍ଥାଣୁତା ପ୍ରଭାବରେ ଏହାର କାୟା ବିସ୍ତାର ଆଜି ଚରମ ଶେଷ ସୀମାରେ ପଂହଚିଛି । ବେଳ ଥାଉ ଥାଉ ପ୍ରଶାସନିକ ସ୍ତରରେ ଏହା ଉପରେ କୋଠର ପଦକ୍ଷେପ ନେଇ ରୋକ ନଲାଗିଲେ ଅବସ୍ଥା ଯେ କଣ ହେବ ତାହା ଅଗାମୀ ଦିନରେ ସମୟହିଁ କହିବ ବୋଲି ବିଭିନ୍ନ ମହଲରୁ କୁହାଯାଉଛି । ତେବେ ଏଥିରେ ସମ୍ପୃକ୍ତ ମୁଖ୍ୟ କାରପଟଦାରଙ୍କ ପୋଲିସ୍ ଓ ଅବକାରୀ ଟେର୍ ପାଉନଥିବା ବେଳେ କାଁଭାଁ ସ୍ଥାନ ମାନଙ୍କରେ ଚଢ଼ାଉ କରି ପୋଲିସ୍ ଓ ଅବକାରୀ ନିଜର ଉପସ୍ଥିତି ଜାହିର କରିବା ସହ ବାହାବାହା ପଣିଆ ଓ ପାରିବା ପଣିଆକୁ ନେଇ ଉଠିଛି ପ୍ରଶ୍ନ । ଏ ନେଇ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଓ ଜିଲ୍ଲା ଅବକାରୀ ବିଭାଗର ଉଚ୍ଚ ଅଧିକାରୀ ତୁରନ୍ତ କଡ଼ାକଡ଼ି ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।







# ଆଓ ନେକ୍ସ୍ଟ ରେ ଷ୍ଟ୍ରିମିଂ ଆରମ୍ଭ ହେଲା ବାବୁସାନ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ 'ବୋଉ ବୁଟୁ ଭୂତ'




'ଓଟିଟି ପ୍ଲାଟଫର୍ମଗୁଡିକର ଲୋକପ୍ରିୟତା ବଢିବା ସହିତ ପୂର୍ବ ଭାରତର ଲୋକପ୍ରିୟ ଓ ପ୍ରିମିୟମ୍ ଓଭର-ଦି-ଟପ୍ (ଓଟିଟି) ଷ୍ଟ୍ରିମିଂ ପ୍ଲାଟଫର୍ମ, ଆଓ ନେକ୍ସ୍ଟ ସବୁବେଳେ ଓଡ଼ିଶାର ଦର୍ଶକଙ୍କ ମନକୁ ଛୁଇଁଲା ପରି କାହାଣୀ ଓ ବିଷୟ ବସ୍ତୁ ନିଜ ଷ୍ଟ୍ରିମିଂ ପ୍ଲାଟଫର୍ମରେ ଆଣିଥିବାରୁ ସମସ୍ତ ଓଡ଼ିଆଙ୍କ ପ୍ରିୟ ହୋଇ ପାରିଛି। ସେହି ପରିପ୍ରେକ୍ଷୀରେ ଇଂରାଜୀ ନୂଆବର୍ଷ ପୂର୍ବରୁ ଗତ ରଜରେ ଓଡିଆ ଫିଲ୍ମ ଜଗତରେ ସୁନାମୀ ଆଣିଥିବା ବାବୁସାନ ମହାନ୍ତିଙ୍କ ସୁପରହିଟ୍ ଫିଲ୍ମ 'ବୋଉ ବୁଟୁ ଭୂତ'ର ଷ୍ଟ୍ରିମିଂ ଆରମ୍ଭ ହୋଇଛି କେବଳ ଆଓ ନେକ୍ସ୍ଟ ରେ । ଫିଲ୍ମଟି ହରର କମେଡି ଓ ସସ୍ପେନ୍ସ ଡ୍ରାମାର ଟ୍ରେଲର ସାଙ୍ଗକୁ 'ଡୁଙ୍ଗୁଥିଲି..' ଏବଂ 'ଓଦା ଲାଗେ..' ଗୀତ ଦୁଇଟି ଦର୍ଶକଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ଯୁବ ପିଢ଼ିଙ୍କ ଆଦୃତ ହୋଇ ଏହାର ପତ୍ୟେକ ଶୋ ବି ହାଉସଫୁଲ ହୋଇଥିଲା ।

ବାବୁସାନ ଫିଲ୍ମସ ନିବେଦିତ ତଥା ତୃପ୍ତି ଶତପଥୀଙ୍କ ପ୍ରଯୋଜିତ 'ବୋଉ ବୁଟୁ ଭୂତ' ସାରା ଓଡିଶାରେ ନିଜର ଦମଦାର କାହାଣୀ ଓ ଶ୍ରୁତିମଧୁର ସଙ୍ଗୀତ ସହ ସାରା ଓଡ଼ିଶାରେ ଚହଳ ପକାଇଥିଲା । ଏହାର ମୁଖ୍ୟ ଭୂମିକାରେ ନଜର ଆସିଛନ୍ତି ଓଲିଉଡ଼ର ସୁପରଷ୍ଟାର ବାବୁଶାନ୍ ମହାନ୍ତି । ତାଙ୍କ ବିପକ୍ଷରେ ରହିଛନ୍ତି ଅଭିନେତ୍ରୀ ଅର୍ଚ୍ଚିତା ସାହୁ । ସେହିପରି ବରିଷ୍ଠ ଅଭିନେତ୍ରୀ ଅପରାଜିତାଙ୍କୁ ଏଥିରେ ଏକ ଗୁରୁତରପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳିଛି । ଏଥିସହ ଏଥିରେ ପ୍ରଥମ ଥର ପାଇଁ ଭେଟେରାନ ଅଭିନେତ୍ରୀ ଅପରାଜିତା ମହାନ୍ତି ଗୀତ ଗାଇଛନ୍ତି । ତାଙ୍କର ସୁନ୍ଦର ଅଭିନୟ ସହ ଗୀତର କେମେଷ୍ଟ୍ରି ଓଟିଟି ଦର୍ଶକଙ୍କୁ ମଧ ଭଲ ଲାଗିବ ବୋଲି କହିଛି ପ୍ରଯୋଜନା ସଂସ୍ଥା । ସେହିପରି ଅନ୍ୟାନ୍ୟ ଚରିତ୍ରରେ ଅଛନ୍ତି ଚୌଧୁରୀ ଜୟପ୍ରକାଶ ଦାସ, କେକେ, ରବି ମିଶ୍ର, ଅନୁଗୁଳିଆ ବଷ୍ଟି ଓ ଉଦିତ ଗୁରୁ ।

ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ନିର୍ଦ୍ଦେଶକ ଜଗଦୀଶ ମିଶ୍ର । କାହାଣୀ ଓ ଚିତ୍ରନାଟ୍ୟ ରଚନା କରିଛନ୍ତି ମ. ଇମ୍ରାନ । ପ୍ରଣବ ପ୍ରସନ୍ନ ରଥ ଏହାର ସଂଳାପ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ । ଡିଓପି ଅଛନ୍ତି ରୁଦ୍ରକାନ୍ତ ସିଂ ଓ କାର୍ଯ୍ୟକାରୀ ପ୍ରଯୋଜକ ଅଛନ୍ତି ସମ୍ବିତ ଜେନା ।

ପୂର୍ବରୁ 'କର୍ମ', 'ଭାବାନ୍ତର', 'ମାଲ୍ୟଗିରି', 'କୁହୁଡି' ପରି ଫିଲ୍ମ ପାଇଁ ଷ୍ଟ୍ରିମିଂ ପ୍ଲାଟଫର୍ମ ଆଓ ନେକ୍ସ୍ଟର ଲୋକପ୍ରିୟତା ବହୁତ ବଢ଼ିଛି । ପୁଣି ଆସନ୍ତା ମାସରେ ଆଓ ନେକ୍ସ୍ଟରେ ରିଲିଜ ହେବ ଏହିପରି ନୂଆ ନୂଆ ଫିଲ୍ମ ଓ ଲୋକପ୍ରିୟ ୱେବସିରଜ ସବୁ । 'ବୋଉ ବୁଟୁ ଭୂତ'ର ଷ୍ଟ୍ରିମିଂ ସଫଳତାରେ ସିଇଓ ତଥା ପ୍ରତିଷ୍ଠାତା କୌଶିକ ଦାସ କହିଛନ୍ତି ଯେ, ଓଡିଆ ଦର୍ଶକଙ୍କ ଚିନ୍ତାଧାରା ଓ ଭଲପାଇବାକୁ ଧ୍ୟାନରେ ରଖି 'ଆଓ ନେକ୍ସଟ'ମନଛୁଆଁ ନୂଆ ନୂଆ ଫିଲ୍ମ ସବୁ ଆଣିଥାଏ । ଆଗରୁ ବହୁ ସୁପରହିଟ ଫିଲ୍ମ ସବୁ ଦର୍ଶକଙ୍କ ଭଲ ପାଇବା ସାଉଁଟିଥିଲା । ଯେଉଁ ଦର୍ଶକ ମାନେ ଫିଲ୍ମ ସବୁ ହଲରେ ଦେଖିପାରିନଥିଲେ କିମ୍ବା ପୁଣି ଦେଖୁବାକୁ ଚାହୁଁଥିଲେ, ସେମାନେ ଏବେ ଆଓ ନେକ୍ସଟରେ ସ୍ୱତନ୍ତ୍ର ଭାବରେ 'ବୋଉ ବୁଟୁ ଭୂତ' ଦେଖିପାରିବେ ଓ ଆଗକୁ ଆହୁରି ଭଲ ଭଲ ଫିଲ୍ମ ଆମ ଉପଭୋକ୍ତାଙ୍କ ପାଇଁ ଆଣିବା ପାଇଁ ଆଓ ନେକ୍ସଟ୍ ପ୍ରତିବଦ୍ଧ ବୋଲି ପ୍ରତିଷ୍ଠାତା କୌଶିକ ଦାସ ସୂଚନା ଦେଇଛନ୍ତି।

# ଜୀ ସାର୍ଥକରେ ଏଇ ନୂଆ ବର୍ଷରେ ୧୧ ଜାନୁଆରୀ ସନ୍ଧ୍ୟା ୬:୩୦ ରେ ୱାର୍ଲଡ ଟିଭି ପ୍ରିମିଅର ହେବ ସୁପରହିଟ୍ ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ'

ଦଶହରା ଉପଲକ୍ଷେ ବଡ଼ ପରଦାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ 'ଚ୍ୟାଲେଞ୍ଜ' ଯାହା ସାରା ଓଡ଼ିଶାରେ ବେଶ୍ ଲୋକାଦୃତ ହେବ ସହ ସୁପରହିଟ୍ ଡୁପରହିଟ୍ ଫିଲ୍ମର ମାନ୍ୟତା ପାଇଥିଲା । ଏହି ଫିଲ୍ମ ଆସନ୍ତା ୧୧ ଜାନୁଆରୀ ସନ୍ଧ୍ୟା ୬:୩୦ ରେ ଏଇ ନୂଆ ବର୍ଷରେ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି । ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର ଚ୍ୟାଲେଞ୍ଜରେ ରିଅଲ୍ ଷ୍ଟାର ଅର୍ଦ୍ଧେନ୍ଦୁ ସାହୁଙ୍କ ଆକ୍ସନ ସାଙ୍ଗକୁ ଚୁଲବୁଲି ଏଲିନା ସାମନ୍ତରାୟଙ୍କ ସହିତ ପ୍ରେମ କାହାଣୀ ଦର୍ଶକଙ୍କୁ ଢେର ମନୋରଞ୍ଜନ ଯୋଗାଇଥିଲା କ୍ଷ ସମସ୍ତଙ୍କର ପ୍ରିୟ ଆଲବମ କୁଇନ୍ ଲିପି ଓ ପୁପିଙ୍କ ଜାଇଫୁଲ ଯୋଡିକୁ ଦର୍ଶକ ଢେର ଭଲ ପାଇବା ମଧ ଦେଇଥିଲେ । ପୁରା ଓଡ଼ିଶାରେ ମୁକ୍ତିଲାଭ ଏହି ଫିଲ୍ମ ପ୍ରାୟ ୫୦ଟି ପ୍ରେକ୍ଷାଳୟରେ ୧୦୦୦ଟି ଶୋ' ରୁ ଅଧିକ ଚାଲିଥିଲା । ସାଇ କିରଣ ମଙ୍ଗରାଜଙ୍କ ନିର୍ଦ୍ଦେଶିତ ଓ ମାନସ ପଡ଼ିଆରୀଙ୍କ କାହାଣୀ ଓ ସଂଳାପରେ ଅନେକ ଅଭିଜ୍ଞ କଳାକାର ଅଭିନୟ କରିଛନ୍ତି । ଅଭିନେତା ରବି ମିଶ୍ର, ପୃଥ୍ୱୀରାଜ ନାୟକ, ରତନ ମେହେର, ହରିହର ମହାପାତ୍ର, ଶକ୍ତି ବରାଳ, ମାମୁନି ମିଶ୍ର, ସନ୍ତୁ ନିଜେ, ଭକ୍ତି ଓ ବିଭାସ ପ୍ରମୁଖ ଅଭିନୟ କରିଛନ୍ତି। ବଲିଉଡର ଖ୍ୟାତନାମା କଳାକାର ପୁନିତ ଇଶାର ଓରଫ ଦୁର୍ଯ୍ୟୋଧନ ପ୍ରଥମଥର ଓଡ଼ିଆ ଚଳଚ୍ଚିତ୍ରରେ ଅଭିନୟ କରିଥିବାରୁ ଚ୍ୟାଲେଞ୍ଜ ଦେଖିବାକୁ ଦର୍ଶକଙ୍କର ବହୁତ ଆଗ୍ରହ ରହିଥିଲା କ୍ଷ ସୁପର ଆକ୍ସନ, ଭରପୁର ଫାମିଲି ଡ୍ରାମା ସାଙ୍ଗକୁ ଜବରଦସ୍ତ ଗୀତ ଆଉ ନାଚର ମଜା ନେଇଥିଲେ ଦର୍ଶକ । ପ୍ରତ୍ୟେକ ନାଚରେ ପାରମ୍ପରିକ ଓଡ଼ିଆ କଳା ଓ ପରମ୍ପରାକୁ ସ୍ଥାନ ଦିଆଯାଇଥିଲା । ଚ୍ୟାଲେଞ୍ଜ ଚଳଚ୍ଚିତ୍ରର ଥିବା ଗୀତ ଗୁଡିକୁ ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ କ୍ଷ ସମସ୍ତ ଗୀତଗୁଡିକୁ ଅମିତ ନାୟକ ନୃତ୍ୟ ନିର୍ଦ୍ଦେଶନା ଦେଇଥିବା ବେଳେ ଦୁଲଦୁଲି ଏବଂ ଭାଙ୍ଗ ଗୀତ ବେଶ ଚହଳ ସୃଷ୍ଟି କରିଥିଲା । ତେବେ ସେହି ସୁପରହିଟ ଚଳଚ୍ଚିତ୍ର ଚ୍ୟାଲେଞ୍ଜକୁ ଦର୍ଶକ ଅତି ନିକଟରୁ ଟିଭି ପରଦାରେ ଦେଖି ନିଶ୍ଚୟ ଭରପୁର ମନୋରଞ୍ଜନ ପାଇବେ ବୋଲି ଜୀ ସାର୍ଥକ ଚ୍ୟାନେଲ ମୁଖ୍ୟ ଶ୍ରୀ ରାହୁଲ ରାଓ ପ୍ରକାଶ କରିଛନ୍ତି ।

# ଉଦୟବଟ' ସମ୍ବାଦପତ୍ରର ୨୨ତମ ବାର୍ଷିକ ଉତ୍ସବ




ଯାଜପୁର: ସତ୍ୟ, ସାହସ ଓ ସାମାଜିକ ଦାୟିତ୍ୱକୁ ଆଧାର କରି ଡିଜିଟାଲ ଓ ଇ-ନ୍ୟୁଜ କ୍ଷେତ୍ରରେ ଦୁଇ ଦଶକ ଧରି ନିରନ୍ତର ସଂଘର୍ଷ ଓ ସଫଳତାର ଯାତ୍ରା କରୁଥିବା 'ଉଦୟବଟ' ସମ୍ବାଦପତ୍ରର ୨୨ତମ ବାର୍ଷିକ ଉତ୍ସବ ରବିବାର ସନ୍ଧ୍ୟାରେ ଉତ୍ସାହ ଓ ଉଦ୍ଦୀପନା ସହିତ ଅନୁଷ୍ଠିତ ହୋଇଯାଇଛି।

ଉଦୟବଟ ସମ୍ପାଦକ ଦୁଷ୍ମନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନଶିଳ୍ପ ବିଭାଗର ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗଣମାଧ୍ୟମକୁ ସମାଜ ଓ ରାଷ୍ଟ୍ରର ପଥପ୍ରଦର୍ଶକ ବୋଲି ଅଭିହିତ କରିଥିଲେ। ମନ୍ତ୍ରୀ ଶ୍ରୀ ବଳ ସାମନ୍ତ କହିଥିଲେ ଯେ, "ଲୋକତନ୍ତ୍ରର ମୂଳ ଶକ୍ତି ହେଉଛି ସ୍ୱାଧୀନ ଓ ନିଷ୍ପକ୍ଷ ସମ୍ବାଦ ମାଧ୍ୟମ। ଡିଜିଟାଲ ଯୁଗରେ ଇ-ନ୍ୟୁଜ ମାଧ୍ୟମ ଜନସାଧାରଣଙ୍କ ସ୍ୱରକୁ ସରକାର ପର୍ଯ୍ୟନ୍ତ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସାମାଜିକ ନ୍ୟାୟ, ଲୋକହିତ ଓ ଉନ୍ନତିମୂଳକ ଯୋଜନାଗୁଡ଼ିକୁ ସାଧାରଣ ଲୋକଙ୍କ ନିକଟକୁ ପହଞ୍ଚାଇବା ସମ୍ବାଦ ମାଧ୍ୟମର ମୁଖ୍ୟ ଦାୟିତ୍ୱ।"ସେ ଆହୁରି କହିଥିଲେ ଯେ, ସତ୍ୟ ଓ ସାହସିକ ସାମ୍ବାଦିକତା ମାଧ୍ୟମରେ ସରକାରୀ ଯୋଜନା, ଗ୍ରାମୀଣ ଉନ୍ନତି, ହସ୍ତତନ୍ତ ଓ ହସ୍ତଶିଳ୍ପ କ୍ଷେତ୍ରର ସମସ୍ୟାଗୁଡ଼ିକୁ ଲୋକମାନଙ୍କ ସମ୍ମୁଖରେ ଆଣିବା ଆଜିର ସମୟର ମୁଖ୍ୟ ଆବଶ୍ୟକତା। ଏହି ଦିଗରେ 'ଉଦୟବଟ' ଭଳି ମାଧ୍ୟମର ଅବଦାନ ପ୍ରଶଂସନୀୟ। କାର୍ଯ୍ୟକ୍ରମରେ ଅନୀଲ କୁମାର ରାୟ (ବନଖଣ୍ଡ ଅଧିକାରୀ, କଟକ), ରସାନନ୍ଦ ମହାନ୍ତି (ପୂର୍ବତନ ଅଧ୍ୟକ୍ଷ, ବ୍ୟାସନଗର ପୌର ପରିଷଦ), ପବିତ୍ର ମୋହନ ଦାଶ (ଭାଜପା ପ୍ରଭାରୀ, ଖୋର୍ଦ୍ଧା ଜିଲ୍ଲା), ଚନ୍ଦ୍ରମଣି ସାମଲ (ସମ୍ପାଦକ, ବ୍ୟାସନଗର ବରିଷ୍ଠ ନାଗରିକ ମଞ୍ଚ) ଓ ଡାକ୍ତର ଅକ୍ଷୟ କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାରୋହରେ ସାମ୍ବାଦିକତା, ସାମାଜିକ ସେବା ଓ ଲୋକକଲ୍ୟାଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ 'ଉଦୟବଟ ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା।ସେମାନଙ୍କ ମଧ ରେ ଶ୍ରମ ବିଭାଗ ର ଜଣେ ବରିଷ୍ଠ , ଦାୟିତ୍ୱବାନ ତଥା ଦକ୍ଷ ଅଧିକାରୀ ଭାବେ ଓଡ଼ିଶାର ବିଭିନ୍ନ ସ୍ଥାନରେ କାର୍ଯ୍ୟକରି ବେଶ ସୁନାମ ଅର୍ଜନ କରିଥିବା ଅବସରପ୍ରାପ୍ତ ଯୁଗ୍ମ ଶ୍ରମ କମିଶନର ଶ୍ରୀଯୁକ୍ତ ପ୍ରଦୀପ କୁମାର ମହାପାତ୍ରଙ୍କୁ ' ଉଦୟବଟ ଶ୍ରେଷ୍ଠ ତଥା ବରିଷ୍ଠ ଅଧିକାରୀ ସମ୍ମାନ - ୨୦୨୫ ' ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଉଦୟବଟ ପରିବାରର ସଦସ୍ୟ, ବରିଷ୍ଠ ସାମ୍ବାଦିକ, ରାଜନୈତିକ ନେତୃତ୍ୱ, ସାମାଜିକ କର୍ମୀ ଓ ବିଭିନ୍ନ କ୍ଷେତ୍ରର ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

# ସରପଞ୍ଚ ହେବ ତ ଏମିତି



ନର୍ଲା: ଗତ ୨୦୨୨ ମସିହା ରେ ନର୍ଲା ବ୍ଲକ୍ ଅନ୍ତର୍ଗତ ଘଣ୍ଟମାଲ ଗ୍ରାମପଞ୍ଚାୟତ ସରପଞ୍ଚ ଭାବେ ନିର୍ବାଚିତ ହୋଇ ଜନନାୟକ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଦେବେନ୍ଦ୍ର ସା ଘଣ୍ଟମାଲ୍ ପଞ୍ଚାୟତ କୁ ଉନ୍ନତି ବିକଶିତ କରିବା ପାଇଁ ଅନବରତ ଭାବେ ଚେଷ୍ଟା କରିଆସୁଛନ୍ତି । ପଂଚାୟତ ରେ ବସବାସ କରୁଥିବା ସମସ୍ତ ବର୍ଗର ଲୋକଙ୍କ ସମସ୍ୟା କୁ ନିଜର ସମସ୍ୟା ଭାବେ ଗ୍ରହଣ କରି ଦୁଃଖ ସୁଖର ସାଥି ହେଇଛନ୍ତି ଘଣ୍ଟମାଲ ପଞ୍ଚାୟତ ରେ ଥିବା ସମସ୍ତ ଗାଁ ଗଣ୍ଡା ମାନଙ୍କରେ ପାନୀୟ ଜଳ ପରିମଳ ବ୍ୟବସ୍ଥା, ରାସ୍ତା ଘାଟରେ ସୁଧାର ଆଣିବା ପୋଖରୀ ନିର୍ମାଣ ତଥା ପଙ୍କ ଉଦ୍ଧାର କାର୍ଯ୍ୟ, ବିଜୁଳି ଲାଇଟ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ବ୍ୟବସ୍ଥା, ସ୍ଥାନୀୟ ଚାଷୀ ଙ୍କ ପାଇଁ ଧାନ ମଣ୍ଡି,ବଜାର ଗୃହ ନିର୍ମାଣ, ଶ୍ମଶାନ ଘାଟ ନିର୍ମାଣ, ସାପ୍ତାହିକ ବଜାର, ବ୍ୟାଙ୍କ, ବୃଦ୍ଧା ବୃଦ୍ଧ ଙ୍କ ପାଇଁ ବର୍ଦ୍ଧକ ଭତ୍ତା ବଣ୍ଟନ ପାଇଁ ବ୍ୟବସ୍ଥା ଅଙ୍ଗନୱାଡି ଗୃହ ନିର୍ମାଣ ସ୍କୁଲ୍ ଖେଳ ପଡିଆ ସହିତ ସ୍କୁଲ୍ ର ସୋନ୍ଦର୍ଯ୍ୟ କରଣ ପାଇଁ ବ୍ୟବସ୍ଥା କରିବା ଦିଗରେ ତାଙ୍କର ଅବଦାନ ଅପୂରଣୀୟ ଅଟେ। ପରିଶେଷରେ ନର୍ଲା ଠାରେ ଅସ୍ଥାୟୀ କୋର୍ଟ ହେବାକୁ ଥିବା ବେଳେ ନର୍ଲା ଅଞ୍ଚଳର ନିର୍ବାଚିତ ଲୋକପ୍ରତିନିଧି ମାନଙ୍କ ଆନ୍ତରିକତା ଅଭାବ ଯୋଗୁଁ ନର୍ଲା ଠାରେ ଜାଗା ଖଣ୍ଡେ ମିଳିପାରି ନ ଥିବାରୁ ଘଣ୍ଟ ମାଲ୍ ସରପଞ୍ଚ ଦେବେନ୍ଦ୍ର ସା ଲୋକଙ୍କ ସଧାରଣ ଲୋକେ ଆଇନ୍ ସୁବିଧ । ପାଇବା ନିମନ୍ତେ ଔଗରଉ କୋର୍ଟ ସ୍ଥାପନ ପାଇଁ ନିଜସ୍ୱ ପଞ୍ଚାୟତ କୁ ସର୍ବସମ୍ମତି କ୍ରମେ ଜିଲ୍ଲାପାଳ ଓ ଜିଲ୍ଲା ଦୌରା ଜର୍ଜ ଙ୍କୁ କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରୁଥିବା ଏକ ଯୁଗାନ୍ତ କାରୀ ପଦକ୍ଷେପ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ତାଙ୍କର ଏପରି ଲୋକସେବା କ୍ଷେତ୍ରରେ ଶ୍ରିଯୁକ୍ତ ସରପଞ୍ଚ ମହୋଦୟ ଙ୍କୁ ଆଗାମୀ ୨୦୨୬ ନୂତନ ବର୍ଷ ପାଇଁ ସୁସ୍ଥ ଓ ସବଳ ରହି ଅଞ୍ଚଳର ବିକାଶ କରିବା ପାଇଁ ଜନସାଧାରଣ ଈଶ୍ୱର ଙ୍କ ଠାରେ ଶୁଭ କାମନା କାରୁଛନ୍ତି ।



# ବ୍ୟାଙ୍କ ଋଣ ଛାଡ ନିମନ୍ତେ ବ୍ଲକ ପ୍ରଶାସନ ନିକଟରେ ଦାବିପତ୍ର ଦେଲେ ଏମଭି-୨୬ ଗ୍ରାମର ଶତାଧିକ ମହିଳା

ମାଲକାନଗିରି: ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ମାରିବେଡା ପଞ୍ଚାୟତ ଅନ୍ତର୍ଗତ ଏମଭି-୨୬ ଗ୍ରାମରେ ଚଳିତ ଡିସେମ୍ବର ମାସ ୮ ତାରିଖରେ ହୋଇଥିବା ଅଘଟଣ ରେ ଗ୍ରାମବାସୀ ଙ୍କ ଘର ଦ୍ୱାର ସମ୍ପୂର୍ଣ୍ଣ ଜଳି ପୋଡି ନଷ୍ଟ ହୋଇଥିଲା। ଘରର ଆସବାବପତ୍ର ଠାରୁ ଆରମ୍ଭ କରି ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଗୁଡିକ ମଧ ଜଳି କ୍ଷତିଗ୍ରସ୍ତ ହୋଇଥିଲା। ତେବେ କ୍ଷତିଗ୍ରସ୍ତ ହୋଇଥିବା ଗ୍ରାମବାସୀ ଙ୍କ କ୍ଷୟକ୍ଷତି ପୂରଣ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। କିନ୍ତୁ ଗ୍ରାମରେ ରହିଥିବା ୨୦ ଗୋଟି ଏସଏଚଜି ଗ୍ରୁପ ବ୍ୟାଙ୍କ ରୁ ଲୋନ ନେଇଥିବା ବେଳେ ତାହା କିପରି ପରିଶୋଧ କରିବେ, ସେନେଇ ଆଜି ଏମଭି-୨୬ ଗ୍ରାମବାସୀ ପ୍ରଥମେ କୋରୁକୋଣ୍ଡା ସ୍ଥିତ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରୁ କୋରୁକୋଣ୍ଡା ବ୍ଲକ କାର୍ଯ୍ୟାଳୟ କୁ ଯାଇ ସେଠାରେ ବ୍ଲକ ପ୍ରଶାସନ ନିକଟରେ ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ର ରେ ଉଲ୍ଲେଖ ରହିଛି ଯେ ଗ୍ରାମରେ ପାଖାପାଖି ୨୦୦ ରୁ ଉର୍ଦ୍ଧ୍ୱ ମହିଳା ରହିଥିବାବେଳେ ସେମାନେ ବିଗତ ଦିନରେ ନିଜ ନିଜର ଏସଏଚଜି ଗ୍ରୁପ ମାଧ୍ୟମରେ ନିଜେ କିପରି କାର୍ଯ୍ୟ କରି ସ୍ୱାବଲମ୍ବୀ ହେବେ ସେନେଇ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କାର ଲୋନ ଉଠାଇଥିଲେ। ତେବେ ସେମାନଙ୍କର ଘରଦ୍ୱାର ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଯିବା ସହ ଆବଶ୍ୟକୀୟ କାଗଜପତ୍ର ମଧ ପୋଡି ପାଉଁଶ ହୋଇଗଲା। ତେଣୁ ସେମାନେ ବର୍ତ୍ତମାନ ଗ୍ରୁପ ଲୋନ ପରିଶୋଧ କରିବାରେ ଅକ୍ଷମ। ତେଣୁ ସେମାନଙ୍କ ଏହି ଗ୍ରୁପ ଲୋନ ଗୁଡିକୁ ଛାଡ଼ କରିବା ନିମନ୍ତେ ଗ୍ରାମର ଶତାଧିକ ମହିଳା ଏକ ଲିଖିତ ଦାବିପତ୍ର ମାଧ୍ୟମରେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ଆଜି ଗ୍ରାମର ଶତାଧିକ ମହିଳା ବ୍ଲକ ବିଡ଼ିଓ ଙ୍କୁ ଭେଟି ଦାବିପତ୍ର ପ୍ରଦାନ ନିମନ୍ତେ ଆସିଥିଲେ। ବ୍ଲକ ବିଡ଼ିଓ ଅମୂଲ୍ୟ କୁମାର ସାହୁ ଉପସ୍ଥିତ ନଥିବାରୁ ବ୍ଲକ ବରିଷ୍ଠ କିରାଣୀ ଜନାର୍ଦ୍ଦନ ହନ୍ତାଳଙ୍କୁ ଭେଟି ନିଜର ଦାବିପତ୍ର ପ୍ରଦାନ କରି ନିଜର ସମସ୍ୟା ଜଣାଇଛନ୍ତି। ବିନୀତା ହାଲଦାର, ସରସ୍ୱତୀ ବେପାରୀ, ରାଖୀ ଦାସ, ହେମଲତା ଦାସ, ଅନିତା ରାୟ, ଲତିକା ବେପାରୀ ଙ୍କ ସମେତ ଗ୍ରାମର ଶତାଧିକ ମହିଳା ଉପସ୍ଥିତ ଥିଲେ।

# ଥାନା ଭିତରେ ଛାତ୍ରଙ୍କୁ ମାଡ଼ ମରିବା ଘଟଣାରେ ଜନ ଅସନ୍ତୋଷ

ମୟୂରଭଞ୍ଜ:(ନିପ୍ର) ମୟୂରଭଞ୍ଜ ଜିଲ୍ଲା ମୋରଡା ଥାନା ପୋଲିସ ଥାନା ଭିତରେ ଜଣେ ଛାତ୍ରଙ୍କୁ ଶାରୀରିକ ନିର୍ଯ୍ୟାତନା ଦେବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ,ଉକ୍ତ ଥାନା ଅଧୀନ ସନ୍ୟାସୀ ଗ୍ରାମର ସୁଶାନ୍ତ ପାତ୍ର ରାସଗୋବିନ୍ଦପୁର ଥାନା ଅଧୀନ ଏକ ମହାବିଦ୍ୟାଳୟରେ ଯୁକ୍ତ ୩ର ଛାତ୍ର ଅଟନ୍ତି। ତେବେ ଉକ୍ତ ମହାବିଦ୍ୟାଳୟର ଜୈନକ ଛାତ୍ରୀ ମୋରଡା ଥାନା ଅଞ୍ଚଳର ହୋଇଥିବା ବେଳେ ଛାତ୍ରୀ ଜଣକ ସୁଶାନ୍ତଙ୍କ ବନ୍ଧୁ ସହିତ କୁଆଡେ ପଳାଇଛନ୍ତି। ଉକ୍ତ ଘଟଣାକୁ ନେଇ ମୋରଡା ପୋଲିସ ତଦନ୍ତ ନିମନ୍ତେ ଗତକାଲି ଗୁରୁବାର ରାତିରେ ସୁଶାନ୍ତଙ୍କୁ ଥାନାକୁ ଡାକି ପଚରାଉଚୁରା କରିଥିଲା। ତେବେ ପଚରାଉଚୁରା ସମୟରେ ଏସ ଆଇ ନିରାକର ପ୍ରଧାନ ସୁଶାନ୍ତଙ୍କୁ ଧମକ ଚମକ ଦେବା ସହିତ ମାଡ଼ ମାରିଥିବା କଥା ସୁଶାନ୍ତ କହିଛନ୍ତି। ତେବେ କେବଳ ମାଡ଼ ମାରି ପୋଲିସର ମନ ମାନିନଥିଲା। ତେଣୁ ପରବର୍ତ୍ତୀ ଅବସ୍ଥାରେ ପ୍ରବଳ ଥଣ୍ଡା ସତ୍ୱେ ସୁଶାନ୍ତଙ୍କ ଶୀତ ବସ୍ତ୍ର ଖୋଲି ଥାନାରେ ରଖିଥିଲେ। ଉକ୍ତ ଘଟଣାକୁ ନେଇ ସୁଶାନ୍ତ ପୋଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତିଙ୍କୁ ଅବଗତ କରାଇବା ପରେ ସୁଶାନ୍ତଙ୍କୁ ନେଇ ସଦସ୍ୟ ମହାନ୍ତି ଥାନାକୁ ଯାଇଥିଲେ ଏବଂ କଣ ପାଇଁ ମାଡ଼ ମରା ହେଲା ବୋଲି ପୋଲିସକୁ ପଚାରିଥିଲେ। ତେବେ ମାଡ଼ ମରାଯିବ ବୋଲି ଥାନା ଏସଆଇ ନିବେଦିତା ପ୍ରଧାନ କହିଥିଲେ ଯାହାକୁ ନେଇ ଅଞ୍ଚଳରେ ଅସନ୍ତୋଷର ବାତାବରଣ ଦେଖା ଦେଇଛି। ପୋଲିସ ସମିତି ସଦସ୍ୟ ମହାନ୍ତି ଏବାବଦରେ ମୋରଡା ବିଧାୟକ ତଥା ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଜଣାଇଛନ୍ତି। ତେବେ ଉକ୍ତ ଘଟଣାର ଯଦି ସମାଧାନ ନହୁଏ ଆଗାମୀ ଦିନରେ ମୋରଡା ଥାନା ଘେରାଉ କରାଯିବ ବୋଲି କହିଛନ୍ତି ସୌରଭ ରଞ୍ଜନ ମହାନ୍ତି ସୂଚନା ଦେଇଥିଲେ । ପୋଲିସ ଏବଂ ଲୋକଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ପାଇଁ ସରକାର ଉଦ୍ୟମ କରୁଥିବା ବେଳେ ପୋଲିସର ଏମିତି ଆଚରଣ ଲୋକଙ୍କୁ ଭୟଭୀତ କରାଇଛି। ଏ ବାବଦରେ ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କୁ ପଚାରିବାରୁ ଛାତ୍ର ସୁଶାନ୍ତଙ୍କୁ ପଚରାଉଚୁରା ପାଇଁ ଥାନାକୁ ଡକା ହୋଇଥିଲା ଏବଂ ତାଙ୍କୁ ମାଡ଼ ମରା ହୋଇନାହିଁ ବୋଲି କହିଛନ୍ତି। ତେବେ ଶ୍ରୀ ମହାନ୍ତି କହିଛନ୍ତି ଯେ ଏ ନେଇ ଉଚ୍ଚ କର୍ତ୍ତପକ୍ଷଙ୍କୁ ଅବଗତ କରାଯିବା ସହିତ ତଦନ୍ତ କରି ଦୋଷୀକୁ ଉଚିତ ଦଣ୍ଡ ପାଇଁ ଦାବି କରିଛନ୍ତି ।

# ଅଙ୍ଗନୱାଡ଼ି ଚାକିରି କରିଦେବା ପାଇଁ ଆବେଦନକାରୀଙ୍କ ପାଖକୁ ଆସୁଛି ଫୋନ କ୍ୟୁଆର୍‌କୋଡ଼ରେ ଟଙ୍କା ଦିଅ ଚାକିରି ନିଅ ?

ନର୍ଲା: କଳାହାଣ୍ଡି ଜିଲ୍ଲା ନର୍ଲା ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ କିଛିଦିନ ତଳେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ନିମନ୍ତେ ପତ୍ରସଂଖ୍ୟା ୧୦୨୮, ୨୩/୧୨/୨୫ ରିଖ ଦିନ ସର୍ଗିଗୁଡ଼ା ଗ୍ରାମ ପଞ୍ଚାୟତ ଅଧିନସ୍ଥ ବାଙ୍କେଲ ଗ୍ରାମ ପାଇଁ ଗୋଟିଏ ଖାଲି ପଦବୀ ଥିବା ଓ ଅନ୍ୟଟି ପତ୍ର ସଂଖ୍ୟା ୧୦୩୦, ୨୪.୧୨.୨୦୨୫ ନର୍ଲାଗ୍ରାମ ପାଇଁ ମୋଟ ଦୁଇଗୋଟି ଅଙ୍ଗନୱାଡ଼ି କର୍ମୀ ପଦବୀ ଖାଲିଥିବା କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଅଛି ଦୁଇଟି ପଦବୀ ପାଇଁ ପ୍ରତି ପଦବୀ ରେ ନଅ ଜଣ ଲେଖାଏଁ ଆଶାୟୀ ପ୍ରାର୍ଥୀନୀ ସରକାର ଙ୍କ ନିୟମ ଅନୁଯାୟୀ ଆନୁସାଙ୍ଗିକ ପ୍ରମାଣ ପତ୍ର ସହ ଅନଲାଇନ୍ ଆବେଦନ କରିଛନ୍ତି ଏବଂ ଇତି ମଧ୍ୟରେ ପ୍ରାର୍ଥୀନୀ ମାନଙ୍କ ମୂଳ ସାର୍ଟିଫିକେଟ ଯାଞ୍ଚ ମଧ ଶେଷ ହୋଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କୁ ଅନୁମୋଦନ ପାଇଁ ପ୍ରେରଣ କରାଯାଇଥିବା ନର୍ଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଅଞ୍ଜଳି ପଟ୍ଟନାୟକ ସୂଚନା ଦେଇଛନ୍ତି କିନ୍ତୁ ଏହି ଘଡି ସନ୍ଧି ମୁହୂର୍ତ୍ତରେ କେହିଜଣେ ବ୍ୟକ୍ତି ଆବେଦନକାରୀଣୀ ମାନଙ୍କୁ ଫୋନ କରି ମୋଟା ଅଙ୍କର ଅର୍ଥ ଦାବି କରି କ୍ୟୁ ଆର୍ କୋଡ଼ରେ ଟଙ୍କା ପୈଠ କଲେ ତୁମର ଚାକିରି ନିଶ୍ଚିତ କରାଯିବ ବୋଲି ସେହି ନମ୍ବର ରୁ ଫୋନ ଆସୁଥିବା ଅଭିଯୋଗ ହୋଇଛି ଏ ନେଇ ନର୍ଲା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଙ୍କୁ ପଚାରିବାରୁ ଏହା ଆମ ଅଫିସ ସହିତ କୌଣସି ସମ୍ପର୍କ ନାହିଁ କୌଣସି ଏକ ଫେକ୍ ନମ୍ବର ହୋଇଥାଇପାରେ ତାହା ଆପଣ ଥାନା କୁ ଜଣେଇବା କଥା ଏବଂ ପୋଲିସ ତଦନ୍ତ କଲେ ଭଲ ହେବ ବୋଲି ପ୍ରକାଶ କରିଛନ୍ତି ।

## ସାପ୍ତାହିକ ରାଶିଫଳ

ଜ୍ୟୋତିର୍ବିଦ୍ ଶ୍ରୀ କୈଳାଶ ଦାଶ

**ମେଷ** – ଗୁରୁବାର ,ଶୁକ୍ର ବାର ଆର୍ଥିକ ସ୍ଥିତି ରେ ଉନ୍ନତି,କର୍ମରେ ସଫଳତା,ବେପାର ରେ ଉତ୍ତମ ଆୟ,ଏବଂ ନୂତନ ଆୟର ପନ୍ଥା ଉନ୍ମୁକ୍ତ ହେବ। ଶନି ବାର ରବିବାର ସ୍ୱଜନ ରେ ସୁ ସମ୍ପର୍କ,ନୂତନ କର୍ମାରମ୍ଭ,ବିଦେଶ ଯାତ୍ରା ର ସୁଯୋଗ ଜୁଟିବ।ସୋମ ବାର,ମଙ୍ଗଳ ବାର ନୂତନ ଭୂମି ଯାନ ବାହାନ କ୍ରୟ କରିବେ ।

**ବୃଷ** – ଗୁରବାର,ଶୁକ୍ରବାର, ଧନ,ମାନ, ସମ୍ମାନ, /ସୁଖ୍ୟଦ୍ୟ, ସୁବନ୍ ପ୍ରାପ୍ତି,ବେପାର ରେ ଉତ୍ତମ ଆୟ,କର୍ମରେ ସଫଳତା,ଶନିବାର,ରବିବାର,ଆର୍ଥିକ ସ୍ଥିତିରେ ଉନ୍ନତି, ବେପାର ରେ ପ୍ରଗତି,କର୍ମରେ ସଫଳତା ମିଳିବ। ସୋମବାର, ମଙ୍ଗଳ ବାର,ନୂତନ ବେବ ସାୟ ଆରମ୍ଭ,ଭାଇ ଭଉଣୀ ଙ୍କ ସହଯୋଗ ।

**ମିଥୁନ** – ଗୁରୁବାର,ଶୁକ୍ରବାର,ଅସମ୍ପୂର୍ଣ୍ଣ କର୍ମ କୁ ପୂର୍ଣ୍ଣାଙ୍ଗ ରୂପ ଦେବେ,ଏବଂ ଆୟ ଠାରୁ ବେୟ କମ ରହିବ ସଞ୍ଚୟ ବୃଦ୍ଧି ହେବ ।ଶନିବାର ,ରବିବାର ଧନ ସମ୍ପଦ ବୃଦ୍ଧି,ନୂତନ କର୍ମାରମ୍ଭ କରିବେ ।ସୋମ ମଙ୍ଗଳ ଧନ କ୍ଷତି, ମାନସିକ ଅସ୍ଥିରତା, ଶାରି ରିକ ପୀଡ଼ା ଭୋଗିବେ ।ବୁଧବାର ବେପାର ରେ ଉତ୍ତମ ଆୟ,କର୍ମରେ ସଫଳତା ।

**କର୍କଟ** – ଗୁରୁ, ଶୁକ୍ର ଆୟର ନୂତନ ମାର୍ଗ ଉନ୍ମୁକ୍ତ ହେବ ଏବଂ ହୃତ୍ ଧାନ ଫେରି ପାଇବେ। ଶନି,ରବି,ଅପବେୟ ଅପବାଦ ରୁ ମୁକ୍ତି ମିଳିବ,ଏବଂ ଆର୍ଥିକ ସ୍ଥିତ ସୁଦୃଢ଼ ହେବ। ସୋମ, ମଙ୍ଗଳ ସୁଖବର ସୁସମ୍ବାଦ ମିଳିବ ଏବଂ ସୁଖଦ୍ୟ ଶୁ ବସନ୍ ପ୍ରାପ୍ତିର ଯୋଗ ରହିଛି ।ବୁଧବାର ଘାତ ଚନ୍ଦ୍ର ଯୋଗୁ ଆର୍ଥିକ କାର ବାର ବେଳେ ସତର୍କ ରହିବେ।

**ସିଂହ** – ଗୁରୁ, ଶୁକ୍ର କର୍ମ ରେ ଉନ୍ନତି ଏବଂ ଭାଗ୍ୟ ଅପେକ୍ଷା କର୍ମରେ ଅଧିକ ବିଶ୍ୱାସ ରହିବ ଏବଂ ବ୍ୱେ ସାୟ ଅପେକ୍ଷା କର୍ମରେ ଅଧିକ ଶୁଭ ଫଳ ମିଳିବ ।ଶନି ରବି,ଆର୍ଥିକ ସ୍ଥିତ୍ ସୁଦୃଢ଼ ହେବ ଏବଂ ନୂତନ ବ୍ୱେ ସାୟ ର ସୁଯୋଗ କୁଟିବ ।ସୋମ ମଙ୍ଗଳ ଭୂମି ଓ ଯାନ ବାହାନ କ୍ରୟ କରିବେ ।ବୁଧ ବାର ଦେହ ମନ୍ ସୁସ୍ଥ ରହିବ ଏବଂ ଧନ ବୃଦ୍ଧି ହେବ।

**କନ୍ୟା** – ଗୁରୁ,ଶୁକ୍ର ଯଶ ସମ୍ମାନ ପ୍ରାପ୍ତି,ବେପାର ରେ ଉତ୍ତମ ଆୟ,କର୍ମରେ ଶୁଭ ଫଳ ମିଳିବ। ଶନି,ରବି ଘାତ ଚନ୍ଦ୍ର ଯୋଗୁ କର୍ମ ପ୍ରତି ବିପଦ ଓ ବେପାର ରେ କ୍ଷତି ସହିବେ ।ସୋମ ,ମଙ୍ଗଳ ଉତ୍ତମ ଆୟ ହେବ ଏବଂ ଆର୍ଥିକ ସ୍ଥିତି ସୁଧୁରିବ ।ବୁଧ ବାର ଖର୍ଚ୍ଚ ରେ ଲଗାମ ଲାଗିବ ଏବଂ ଧନ ସମ୍ପଦ ବୃଦ୍ଧି ଘଟିବ।

**ତୁଳା** – ଗୁରୁ,ଶୁକ୍ର,ଧନିକ୍ଷତି,ଶାରୀରିକ ପୀଡ଼ା, ମାନସିକ ଦୁଶ୍ଚିନ୍ତା, ବେପାର ରେ କ୍ଷତି ଏବଂ କର୍ମରେ ବିଘ୍ନ ଘଟିବ। ଶନି ରବି ବେପାର ମାନ୍ଦା,କର୍ମରେ ବିଫଳତା ଓ ଗୁରୁଜନ ଙ୍କ ସହ ବିବାଦ ଦେଖାଦେବ ।ସୋମ,ମଙ୍ଗଳ ବୁଧ ଧନ ମାନ ସମ୍ମାନ ଓ ସୁଖ୍ୟାତି ପ୍ରାପ୍ତି ହେବ।

**ବିଛା** – ଗୁରୁ,ଶୁକ୍ର ଘାତ ଚନ୍ଦ୍ର ଯୋଗୁ ପାରିବାରିକ ଅଶାନ୍ତି,ଦାମ୍ପତ୍ୟ ଜୀବନରେ ଝଡ,ବେପାର ରେ ମଧ୍ୟମ ଆୟ ଓ କର୍ମରେ ମହିଳା ସହକର୍ମୀଙ୍କ ଠାରୁ ଅପମାନ ମିଳିବ ।ଶୁକ୍ର ଶନି ଅଷ୍ଟମ ଚନ୍ଦ୍ର ଯୋଗୁ ଶାରୀରିକ ପୀଡ଼ା,ଆଯାଥ ଖର୍ଚ୍ଚ ବୃଦ୍ଧି ପାଇବ ଏବଂ ବାଣିଜ୍ୟରେ କର୍ମରେ ଅଶୁଭ ଫଳ ମିଳିବ ।ସୋମ ମଙ୍ଗଳ ମନ୍ ବିଷାଦ ଗ୍ରସ୍ତ ରହିବ ଏବଂ ଅପମାନ ମିଳିବ।

**ଧନୁ** – ଗୁରୁ,ଶୁକ୍ର ରୋଗ,ଋଣ ଶତ୍ରୁ ରୁ ମୁକ୍ତି ମିଳିବ ଏବଂ ବାଣିଜ୍ୟ ରେ କର୍ମ ରେ ଅଧିକ ଶୁଭ ଫଳ ମିଳିବ ।ଶନି ରବି ମୂଲ୍ୟବାନ ଧାତୁ ଭୂମି ଯାନ ବାହାନ କ୍ରୟ କରିବେ ଏବଂ ଦାମ୍ପତ୍ୟ ଜୀବନରେ ମଧୁରତା ଆସିବ ।ସୋମ ମଙ୍ଗଳ ବୁଧ ଧନ କ୍ଷତି ଘଟିବ ଓ ଆର୍ଥିକ ଠକାମୀ ରେ ପଡ଼ିବେ ।ସମ୍ମାନ ହାନି ହେବ ଏବଂ ବାଣିଜ୍ୟରେ କ୍ଷତି ସହିବେ।

**ମକର** – ବିଦ୍ୟାରେ ନିପୁଣତା ବଚନରେ ବିଚକ୍ଷଣ ତା, ଏବଂ ପିତା ମାତାଙ୍କ କୃପା ଲାଭ କରିବେ ଓ ବାଣିଜ୍ୟ ରେ ଉତ୍ତମ ଆୟ କରିବେ ଗୁରୁ ଓ ଶୁକ୍ରବାର ।ଶନି ରବି ସୋମ ମଙ୍ଗଳ ବୁଧ ବାର ରେ ଯଶ ସମ୍ମାନ ସାମାଜିକ ପ୍ରତଷ୍ଟା ଓ ଜନ ସଂପର୍କ ବୃଦ୍ଧି ପାଇବ୍ ଓ ସମସ୍ତ କର୍ମ ରେ ଓ ବାଣିଜ୍ୟରେ ଶୁଭ ଫଳ ମିଳିବ।

**କୁମ୍ଭ** – ଗୁରୁ ଶୁକ୍ର ବାଣିଜ୍ୟରେ କ୍ଷତି,ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପରେ ଏବଂ ଆର୍ଥିକ ଠକମିରେ ପଡ଼ି ପାରନ୍ତି ।ଶନି ରବି ସମ୍ମାନ ହାନି ହେବ ଏବଂ ସୋମ ମଙ୍ଗଳ ବୁଧ ଆୟ ଉତ୍ତମ ଏବଂ ଆର୍ଥିକ ସ୍ଥିତିରେ ସୁଧାର ଆସିବ ।କର୍ମରେ ସମ୍ମାନ ମିଳିବ।

**ମୀନ** – ଗୁରୁ ଶୁକ୍ର ଭାଇ ଭଉଣୀ ଙ୍କ ସହଯୋଗ ଓ ସ୍ୱଜନ୍ ପରିଜନଙ୍କ ସଦିଚ୍ଛା ପ୍ରାପ୍ତି ହେବ ଏବଂ ବାଣିଜ୍ୟ ରେ ଉତ୍ତମ ଆୟ ,କର୍ମରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିବେ ।ଶନି ରବି,ମାଲି ମକଦ୍ଦମାରେ ବିଜୟ ହାସଲ କରିବେ ଏବଂ ଗୁରୁଜନଙ୍କ କୃପା ଲାଭ କରିବେ ।ବାଣିଜ୍ୟ ରେ ଉତ୍ତମ ଆୟ,କର୍ମରେ ସଫଳତା ଓ ଉଚ୍ଚ ପଦବୀ ମିଳିବ।

# ବିଷ ବଳୟରେ ଅନୁଗୋଳ ଓ ତାଳଚେର ସହର

ଅନୁଗୋଳ: ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ପ୍ରଦୂଷିତ ସହର ତାଲିକା ମଧ୍ୟରେ ରହିଛି ତାଳଚେର ଓ ଅନୁଗୋଳ ସହର । ପ୍ରଦୂଷଣରେ ଅଣିନିଶ୍ୱାସୀ ଜନସାଧାରଣ । ଜଳ,ବାୟୁ,ମୃତ୍ତିକା ସବୁକିଛି ପ୍ରଦୂଷିତ । ଅର୍ଥନୈତିକ ଅଭିବୃଦ୍ଧି ଆଳରେ ତାଳଚେର ସହ ଅନୁଗୋଳରେ ଗଢ଼ି ଉଠିଛି ବହୁ ଶିଳ୍ପାନୁଷ୍ଠାନ ଏହା ସହ ରହିଛି ଅନେକ ଖଣି ଖାଦାନ ଯୋଗୁ ପରିବେଶ ପୂରା ପ୍ରଦୂଷିତ । ଯୁଆଡେ ଦେଖିବ ଧୂଳି ରାସ୍ତାଘାଟ, ଘରଦ୍ୱାର, ଗଛ, ଜଳସ୍ତର ଉପରେ ଧୂଳି ଓ କୋଇଲା ଗୁଣ୍ଡର ଆସ୍ତରଣ ଦେଖିବାକୁ ମିଳୁଛି । ବଞ୍ଚିବାର ଅଧିକାର ଏଠାରେ କ୍ଷୁର୍ଣ୍ଣ ହେଉଥିବା ବେଳେ ବାୟୁ ପ୍ରଦୂଷଣ ଜନୀତ ରୋଗରେ ଅନେକ ଆକ୍ରାନ୍ତ ହେଉଥିବାର ଦେଖିବାକୁ ମିଳୁଛି । ଶିଳ୍ପ ସମୃଦ୍ଧ ଅନୁଗୋଳ ସହର ଓ କୋଇଲା ନଗରୀ ତାଳଚେରର ବାସ୍ତବ ଚିତ୍ର ବଦଳିବାରେ ଲାଗିଛି ।

ସମସ୍ୟାକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡିଥିବା ବେଳେ ଖୁବଶୀଘ୍ର ପ୍ରଦୂଷଣ ଜନିତ ସମସ୍ୟାର ସମାଧାନ ନିମନ୍ତେ ବାସ୍ତବବାଦୀ ପଦକ୍ଷେପ ନ ନେଲେ, ଏହି ଅଞ୍ଚଳରେ ଭବିଷ୍ୟତରେ ଜୀବନ ଧାରଣ କରିବା ଅସମ୍ଭବ ହୋଇପଡ଼ିବ । ଏ ନେଇ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧିକାରୀଙ୍କ କହିବା କଥା ସମସ୍ୟାର ସମାଧାନ ନିମନ୍ତେ ପଦ କ୍ଷେପ ନିଆଯାଉଛି । ପ୍ରଦୂଷଣରେ ଅଣିନିଶ୍ୱାସୀ ଜନସାଧାରଣ । ଜଳ,ବାୟୁ,ମୃତ୍ତିକା ସବୁକିଛି ପ୍ରଦୂଷିତ। ଅର୍ଥନୈତିକ ଅଭିବୃଦ୍ଧି ଆଳରେ ତାଳଚେର ସହ ଅନୁଗୋଳରେ ଗଢ଼ି ଉଠିଛି ବହୁ ଶିଳ୍ପାନୁଷ୍ଠାନ, ଏହା ସହ ରହିଛି ଅନେକ ଖଣି ଖାଦାନ । ଶିଳ୍ପ ସଂସ୍ଥାର ସଂଖ୍ୟାକୁ ଦୃଷ୍ଟିରେ ରଖି ଅନୁଗୋଳକୁ ଶିଳ୍ପ ସମୃଦ୍ଧ ଜିଲ୍ଲା ରୂପେ କୁହାଯାଉଥିବା ବେଳେ ଏହାର ଅନ୍ୟ ଏକ ପରିଚୟ ହେଉଛି ଦେଶ ତଥା ବିଶ୍ୱର ସର୍ବାଧିକ ପ୍ରଦୂଷିତ ଅଞ୍ଚଳ ମଧ୍ୟରୁ ଅନ୍ୟତମ ।

ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ପ୍ରଦୂଷିତ ସହର ତାଲିକା ମଧ୍ୟରେ ରହିଛି ତାଳଚେର ଓ ଅନୁଗୋଳ ସହର । ଶିଳ୍ପ ଓ ଖଣି ଖାଦାନ ଯୋଗୁଁ କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀ ପରିବହନ ନିମନ୍ତେ ଜିଲ୍ଲାରେ ବଢିଛି ଗାଡ଼ି ଚଳାଚଳ ସଂଖ୍ୟା । ଏହା ସହ ଜିଲ୍ଲା ଦେଇ ଯାଇଥିବା ରାଜପଥର ଅବସ୍ଥା ଶୋଚନୀୟ ଯୋଗୁଁ ଅନେକ ମାତ୍ରାରେ ଏହା ପ୍ରଦୂଷଣ ବଢ଼ିବାରେ ହେଉଛି ସହାୟକ । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ତରଫରୁ ୨୦୦୯-୧୦ରେ କରାଯାଇଥିବା ସର୍ଭେରେ ଅନୁଗୋଳ-ତାଳଚେର ଅଞ୍ଚଳରେ ପ୍ରଦୂଷଣର ମାତ୍ରା ସହ ସ୍ଥିତି ଜାଣିବା ପାଇଁ କମପ୍ରେହେନସିଭ ଏନଭାୟାରମେଣ୍ଟାଲ ପଲ୍ୟୁସନ ଇଂଡ଼େକ୍ସ ବ୍ୟବହାର କରାଯାଇଥିଲା । ସେତେବେଳେ ଅନୁଗୋଳ ଓ ତାଳଚେର



**ବିଶ୍ୱର ସର୍ବାଧିକ ପ୍ରଦୂଷିତ ଅଞ୍ଚଳ ମଧ୍ୟରୁ ଅନ୍ୟତମ**

**ଭାତ ହାଣ୍ଡି ଭିତରେ କୋଇଲା ଗୁଣ୍ଡର ଆସ୍ତରଣ**

**ଲାଇଫ୍ ଲାଇନ ପାଲଟିଛି ଡେଥ ଲାଇନ**

ଶିଳ୍ପାଞ୍ଚଳକୁ କ୍ରିଟିକାଲ ପଲ୍ୟୁଟେଡ଼ ଏରିଆ ତାଲିକାରେ ସ୍ଥାନ ପାଇଥିଲା । ତେଣୁ ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ କରିବା ନିମନ୍ତେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ପରାମର୍ଶ ଦେଇଥିଲେ । ପରବର୍ତ୍ତୀ ସମୟରେ ପ୍ରଦୂଷଣକୁ ନିୟନ୍ତ୍ରଣ କରିବା ନିମନ୍ତେ ସମସ୍ତ ଶିଳ୍ପସଂସ୍ଥାକୁ ସ୍ୱତନ୍ତ୍ର ଆକ୍ସନ ପ୍ଲାନ ଲାଗୁ କରିବା ନିମନ୍ତେ କୁହାଯାଇଥିଲା । ଏହି ଆକ୍ସନ ପ୍ଲାନ ଯୋଗୁଁ ପରବର୍ତ୍ତୀ ସମୟରେ ଅନୁଗୋଳ-ତାଳଚେର ଏରିଆ **Critical Polluted Area** ତାଲିକାରୁ ବାଦ ପଡ଼ିଥିଲେ ମଧ୍ୟ ସେହି ଆକ୍ସନ ପ୍ଲାନକୁ ଲାଗୁ କରି ପ୍ରଦୂଷଣର ମାତ୍ରାକୁ ନିୟନ୍ତ୍ରଣ ନିମନ୍ତେ କୁହାଯାଇଥିଲା । ମାତ୍ର ତାହା ଠିକରେ କାର୍ଯ୍ୟକାରୀ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଥିବା ବେଳେ ଏବେ ପ୍ରଦୂଷିତ ପରିବେଶରେ ଜୀବନ ହୋଇପଡିଛି ଦୁର୍ବିସହ ଧୂଳି,ଧୂଆଁ,ପାଉଁଶ,କୋଇଲା ଗୁଣ୍ଡରେ ଦୁଇ ସହରର ମାଟି,ପାଣି,ପବନ ପ୍ରଦୂଷିତ। ବିଶେଷ କରି ବାୟୁ ପ୍ରଦୂଷଣର ମାତ୍ରା ଅଧିକ ଯୋଗୁଁ ଦୁଇ ସହରର ଅନେକ ଲୋକ ଏବେ ବାୟୁ ଜନିତ ରୋଗରେ ଆକ୍ରାନ୍ତ । ଏସବୁ ପାଇଁ ଦୁଇ ସହରର ଜନସଧାରଣ ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଜିଲ୍ଲା ପ୍ରଶାସନ, ରାଜ୍ୟ ସରକାରଙ୍କୁ ଦାୟୀ କରିବା ସହ ପ୍ରଦୂଷଣ ମାତ୍ରା ବଢ଼ାଉଥିବା ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଆସୁଛନ୍ତି । ଏହା ସହ ପ୍ରଦୂଷଣର ମାତ୍ରାକୁ କମ କରିବା ପାଇଁ ବ୍ୟାପକ ବୃକ୍ଷରୋପଣ ସହ ବାୟୁ ଜନିତ ରୋଗର ଚିକିତ୍ସା ପାଇଁ ତାଳଚେର ଉପଖଣ୍ଡ ଚିକିତ୍ସାଳୟକୁ ରେଫରାଲ ହସ୍ପିଟାଲ ରୂପେ ଘୋଷଣା କରାଯାଇଛି ।ଅନ୍ୟ ପକ୍ଷରେ ପ୍ରଦୂଷଣର ମାତ୍ରା ବଢିବା ଯୋଗୁଁ ସେହି ଅନୁପାତରେ ବାୟୁ ଜନିତ ରୋଗୀଙ୍କ ସଂଖ୍ୟା ବଢିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି । ଅପରପକ୍ଷରେ ପ୍ରଦୂଷଣର ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧିକାରୀ। ଜିଲ୍ଲାରେ ଭେଇକୁଲାର ପଲ୍ୟୁସନର ମାତ୍ରା ଅଧିକ ଥିବା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଅଧିକାରୀ ସୂଚନା ଦେଇଛନ୍ତି । ପ୍ରଦୂଷଣର ମାତ୍ରା ନିୟନ୍ତ୍ରଣ ପାଇଁ ଟ୍ରାନ୍ସପୋର୍ଟ ଅଥରିଟି,ଜିଲ୍ଲା ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସହ ସେଣ୍ଟର ଫର ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ,ନୂଆଦିଲ୍ଲୀ ମିଳିତ ରୂପେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆକ୍ସନ ପ୍ଲାନ ପ୍ରସ୍ତୁତ କରି କାର୍ଯ୍ୟ କରୁଥିବା ବେଳେ ସମସ୍ୟାର ସମାଧାନ ନିମନ୍ତେ ପଦକ୍ଷେପ ନିଆଯାଉଥିବା କହିଛନ୍ତି ।

# କାମରେ ଆସୁନି କୋଟିଏ ଟଙ୍କାର ପ୍ରକଳ୍ପ

**ଭୂତକୋଠି ପାଲଟିଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର**




କାମାକ୍ଷାନଗର : (ନିପ୍ର) ଦୂରଦୂରାନ୍ତିକୁ ଯାତାୟାତ କରୁଥିବା ଯାତ୍ରୀଙ୍କ ସୁବିଧା ନିମନ୍ତେ ସରକାରଙ୍କ ପକ୍ଷରୁ ରାସ୍ତା ପାର୍ଶ୍ୱରେ ନିର୍ମାଣ ହୋଇଛି ପଥପ୍ରାନ୍ତ ସୁବିଧା କେନ୍ଦ୍ର। ନଷ୍ଟ ହେବାକୁ ବସିଲାଣି ଆସବାପତ୍ର। ମାତ୍ର ପରିଚାଳନଗତ ତ୍ରୁଟି କାରଣରୁ ଗୃହ ବନ୍ଦ ହୋଇପଡ଼ିଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନି। ଅନ୍ୟପଟେ ଦୀର୍ଘଦିନ ଧରି ବନ୍ଦପଡ଼ିଥିବା କେନ୍ଦ୍ର ଭୂତକୋଠି ପାଲଟିଛି। ମୂଲ୍ୟବାନ ଅ ।ସବାବପତ୍ର ନଷ୍ଟ ହେବାକୁ ବସିଲାଣି। କେନ୍ଦ୍ରର ଉଦ୍ୟାନ ଉଜୁଡ଼ି ଗଲାଣି। ଅନ୍ୟପଟେ ଦୂରଦୂରାନ୍ତକୁ ଯାତ୍ରା କରୁଥିବା ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। କାମାକ୍ଷାନଗର ବ୍ଲକ୍ ମହୁଲପାଳ ନିକଟରେ ରହିଥିବା ପଥପ୍ରାପ୍ତ ସୁବିଧା କେନ୍ଦ୍ରର ଏଭଳି ଅବସ୍ଥାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।ମହୁଲପାଳଠାରେ ୨୦୨୦ମସିହାରେ ପୂର୍ତ୍ତ ବିଭାଗ ତରଫରୁ ପଥସାର ସୁବିଧା କେନ୍ଦ୍ର **Way Side Amenity Centre** ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ ହୋଇଥିଲା। ୨.୧୮ ଏକର ଜାଗାରେ ନିର୍ମିତ ଏହି ସୁବିଧା କେନ୍ଦ୍ର ନିମନ୍ତେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। ଏଠାରେ ଯାତ୍ରୀଙ୍କ ବିଶ୍ରାମ ,ସ୍ନାନ, ଶୌଚାଦି,ଖାଦ୍ୟପେୟ ନିମନ୍ତେ ସମସ୍ତ ବ୍ୟବସ୍ଥା କରାଯାଇଛି। ୨୦୨୨ ମସିହାରେ ଏହା କାର୍ଯ୍ୟକ୍ଷମ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଅଧୀନରେ ସ୍ୱୟଂ ସହାୟକ ଗୋଷ୍ଠୀ ଏହାକୁ ପ ରିଚାଳନା କରୁଥିଲେ। ଯାତ୍ରୀମାନେ ଏଠାରେ ଥକ୍କା ମେଣ୍ଟାଇବା ସହ ବେଶ୍ ସୁବିଧା ପାଇ ପାରୁଥିଲେ। ପରେ ପର୍ଯ୍ୟଟନ ବିଭାଗ ଏହାକୁ ନିଜ ଅଧୀନକୁ ନେଇଥିଲା। ପରିଚାଳନାଗତ ତ୍ରୁଟି କାରଣରୁ କିଛି ମାସ ପରେ ତାହା ବନ୍ଦ ହୋଇ ଯାଇଥିଲା। ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଦୀର୍ଘଦିନ ତାଲା ଝୁଲୁଥିବା ବେଳେ ଭିତରେ ରହିଥିବା ଆସବାପତ୍ର ନଷ୍ଟ ହେବାକୁ ବସିଲାଣି। ଏହା କାର୍ଯ୍ୟକ୍ଷମ ହେଉନଥିବା ବେଳେ ରକ୍ଷଣାବେକ୍ଷଣ ମଧ୍ୟ କରାଯାଉନି। ସମ୍ମୁଖରେ ରହିଥିବା ଉଦ୍ୟାନ ଉଜୁଡ଼ି ଗଲାଣି। ପିଣ୍ଡି ଗୁଡ଼ିକ ଲଟିବୁଦା ଓ ଅରମାବଣ ମଧ୍ୟରେ ଲୁଚି ଗଲାଣି। ଅନ୍ୟପଟେ ସୁବିଧା କେନ୍ଦ୍ର ଦେଖା ଯାତ୍ରୀମାନେ ବିଶ୍ରାମ ନେବାକୁ ଗାଡ଼ି ଅଟକାଉ ଥିବା ବେଳେ ଏହା ବନ୍ଦ ପଡ଼ିଥିବା ଦେଖି ନିରାଶ ହୋଇ ଫେରୁଛନ୍ତି । କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଲୋକଙ୍କ କାମରେ ଆସିପାରୁନି। ପ୍ରଶାସନ ତୁରନ୍ତି ଏ ଦିଗରେ ଦୃଷ୍ଟି ଦେଇ ପଦକ୍ଷେପ ନେବା ସହ ତୁରନ୍ତ ଏହାକୁ କାର୍ଯ୍ୟକ୍ଷମ କରିବାକୁ ଦାବୀ ହୋଇଛି ।

# ଉତ୍କଳ ସମ୍ମିଳନୀର ଜିଲ୍ଲା ସ୍ତରୀୟ ପ୍ରତିଷ୍ଠା ଦିବସ ପାଳିତ

ମାଲକାନଗିରି : ମାଲକାନଗିରି ଜିଲ୍ଲା ସଦର ମହକୁମା ଉତ୍କଳ ସାମ୍ବାଦିକ ସଂଘ ପ୍ରକୋଷ୍ଟରେ ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ୧୨୩ ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଦିବସ ପାଳନ ଅବସରରେ ମଙ୍ଗଳବାର ସକାଳ ୮ ଘଟିକା ସମୟରେ ଜିଲ୍ଲା ସର୍କିଟ୍ ହାଉସ ପରିସରରେ ଉତ୍କଳ ସମ୍ମିଳନୀର ପ୍ରତୀଷ୍ଠାତା ତଥା ଉତ୍କଳ ଗୌରବ ମଧୁ ସୁଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ସହ ତାଙ୍କର ସ୍ମୃତିଚାରଣ କରଯାଇଥିଲା। ଏହାପରେ ପରେ ପରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘରେ ଆୟୋଜିତ ସଭାର ପ୍ରଥମ ପର୍ଯ୍ୟାୟରେ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଓ ବନ୍ଦେ ଉତ୍କଳ ଜନନୀ ଗାନ ପରିବେଷଣ କରି ସଭା କାର୍ଯ୍ୟ ଆରମ୍ଭ କରଯାଇଥିଲା। ଜିଲ୍ଲା ଶାଖା ସଭାପତି ଦୁଷ୍ମନ୍ତ କୁମାର ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ମୁଖ୍ୟବକ୍ତା ଭାବେ ଡ.ଶରୋଜ କୁମାର ଦାସ, ସମ୍ମାନୀୟ ଅତିଥି ଭାବେ ଉତ୍କଳ ସମ୍ମିଳନୀ



ଜିଲ୍ଲା ଶାଖାର ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ଅଶୋକ ମିଶ୍ର, ଶିକ୍ଷକ ତାରକ ମଣ୍ଡଳ ପ୍ରମୁଖ ମଂଚାସୀନ ଥିଲେ। ମୁଖ୍ୟ ଅତିଥିଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧନା ସହ ମଞ୍ଚାସୀନ ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ସହ ସମ୍ମାନିତ କରଯାଇଥିଲା। ସମସ୍ତ ବକ୍ତା ମଧୁବାବୁଙ୍କ ଜିବନୀ ଓଡିଶାର ଅର୍ଧ ଶତାବ୍ଦୀର ଇତିହାସ ଉପରେ ଆଲୋଚନା କରିଥିଲେ। ମଧୁବାବୁଙ୍କ ମାନସ ପୁତ୍ର ଉତ୍କଳ ସମ୍ମିଳନୀ ୧୯୦୩ରେ ଗଠିତ ହୋଇ ୩୩ ବର୍ଷ ସଂଗ୍ରାମ କରି ଓଡିଶାକୁ ଭାଷା ଭିତିକ ପ୍ରଦେଶ ଭାବେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରା ଯାଇ ପାରିଥିଲା ବୋଲି ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଅଭିହିତ କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାର ବିଭିନ୍ନ ଦୁର୍ଗମ ଓ ସୀମାବର୍ତ୍ତି ସ୍ଥାନ ମାନନଙ୍କରେ ଓଡିଆ ଭାଷାର ବହୁଳ ପ୍ରଚାର ପ୍ରସାର ସହ ଏହାର ମର୍ଯ୍ୟଦା ରକ୍ଷା କରିବା ପାଇଁ ସମସ୍ତଙ୍କୁ ଅହ୍ୱାନ ଦିଆଯାଇଥିଲା। ସେହିପରି ସଭାର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ କାର୍ଯ୍ୟକ୍ରମ କରଯାଇଥିଲା। ଏଥିରେ ରଞ୍ଜିତା ଦାସ, ଭାରତୀ ଦେବୀ, ମଧୁସ୍ମିତା ସେନାପ ତି, କନକ ଲତା ମାଝି, ସଞ୍ଜୁକ୍ତା ନାୟକ ପ୍ରମୁଖ କବିତା ପାଠ କରିଥିଲେ। ସେହିପରି ପ୍ରଶାନ୍ତ କୁମାର ପରିଡା କବିତା ସଂଯୋଜନା କରିଥିଲେ। ପରେ ପରେ ସମସ୍ତ କବିତା ପାଠ କରିଥିବା କବିୟତ୍ରୀ ଓ କବି ମାନଙ୍କୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ଏହି ସଭା କାର୍ଯ୍ୟକୁ ଶିକ୍ଷକ ସମୀର ରଥ ପରିଚାଳନା କରିଥିବା ବେଳେ, ଉପ ସଭାପତି ଗଣେଶ ଜେନା ଧନ୍ୟବାଦ ଦେଇ କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶାଖା ଉପ ସଭାପତି ଲମ୍ବୋଦୋର ତୁରୁକ, ଉପଦେଷ୍ଟା ରଞ୍ଜନ କୁମାର ସ୍ୱାଇଁ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଉପସଭାପତି ରଂଜିତ କୁମାର ନାୟକ, ଚିତରଂଜନ ସରକାର, ପ୍ରମୋଦ କୁମାର ପଣ୍ଡା, କଳ୍ପତରୁ ନାୟକ, ରାମ ପ୍ରସାଦ ପାଢୀ, ବସନ୍ତ ରାଉତ, ମନୋରଞ୍ଜନ ବେହେରା, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ, ସୁରେନ୍ଦ୍ର ମଲ୍ଲିକ, ଜୟଦେବେ ପଣ୍ଡା ପ୍ରମୁଖଙ୍କ ସହ ୮୦ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।

# କଳିଙ୍ଗ ସୋସିଆଲ ୱାର୍କସ୍ କମିଟି ପକ୍ଷରୁ ଅସହାୟ ଲୋକମାନଙ୍କୁ କମ୍ବଳ ବିତରଣ

କଟକ: ଅଧୁନା ପ୍ରବଳ ଶୀତ ଅନୁଭୂତ ହେଉଥିବା ଏବଂ ଅନେକ ଅସହାୟ ତଥା ବାସହରା ଲୋକମାନେ ହନ୍ତସନ୍ତ ହେଉଥିବା ଦେଖି କଟକ ର ଅଗ୍ରଣୀ ସାମାଜିକ ଅନୁଷ୍ଠାନ କଳିଙ୍ଗ ୱାର୍କସ୍ କମିଟି ପକ୍ଷରୁ କଟକର ମିଶନ ରୋଡ଼ ନିକଟରେ ଥିବା ଚର୍ଚ୍ଚ ସମ୍ମୁଖରେ ଅସହାୟ ଲୋକମାନଙ୍କୁ କମ୍ବଳ, ମଶାରୀ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା। କମିଟି ର ସଭାପତି ଜନାବ୍ ୱାସିମୁଲ୍ ହକ୍ ଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ରେ କମିଟି ର ବରିଷ୍ଠ ସଦସ୍ୟ ଜନାବ୍ ସେକ୍ କଲାମ୍ ଓ ଶ୍ରୀ ବିଜୟ କୁମାର ସାହୁ ଯୋଗଦେଇ ପ୍ରଥମେ କମ୍ବଳ, ମଶାରୀ ଓ ଶୁଖିଲା ଖାଦ୍ୟ ବଣ୍ଟନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ ।ଉପ-ସଭାପତି ଶ୍ରୀ ପ୍ରସନ୍ନ କୁମାର ରାଉତ ଓ ମହମ୍ମଦ ନୁରୁଲ୍ ଇସଲାମ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧ ।ନରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ମହମ୍ମଦ ନିୟାଜ ଅହମ୍ମଦ, ସହ-ସମ୍ପାଦକ ଶ୍ରୀ ଦିଲ୍ଲୀପ କୁମାର ବାରିକ, ଶ୍ରୀ ଦିଲ୍ଲୀପ ନାରାୟଣ ଗୁଡ୍ଡୁ, ଶ୍ରୀ ପ୍ରଦୀପ କୁମାର ସାହୁ, ଶ୍ରୀ ବାବିନ୍ ଖାଁ, ଶ୍ରୀ ବିଷ୍ଣୁ ମୋହନ ଦାଶ, ଶ୍ରୀ ହବିବ୍ ଖାନ୍, ଶ୍ରୀ ରବିନ୍ଦ୍ର କୁମାର ଦାସ, ଶ୍ରୀ ଅବଦୁଲ ଫୟଜ୍, ଶ୍ରୀ ଆଦିତ୍ୟ କୁମାର ଦାସ, ମହମ୍ମଦ ଅତୁରୁଲ, ମହମ୍ମଦ ମୁକ୍ତାର, ଶ୍ରୀ ଭରତ ଭୂଷଣ ମହାପାତ୍ର, ମହମ୍ମଦ ମୁସ୍ତାକିମ୍, ଶ୍ରୀ ଶିବ ନାୟକ,ମୀର୍ ଆୟୁବ୍, ମହମ୍ମଦ ୱର୍ସି ଅଂଶଗ୍ରହଣ କରିଥିଲେ। ଅ ବଶେଷରେ କାର୍ଯ୍ୟକ୍ରମ ର ସଫଳତା ଓ ସହଯୋଗ ଲାଗି କୋଷାଧକ୍ଷ ଶ୍ରୀ ଜୁନେଦ୍ ଖାନ୍ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



**ଓଷ୍ଟା ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ମାଲକାନଗିରି ଛାତ୍ରୀଙ୍କ କୃତିତ୍ୱ**

# ତର୍କ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କଲେ ବାଲିମେଳା ଛାତ୍ରୀ ଶୁଭସ୍ମିତା

ମାଲକାନଗିରି: ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଚଳିତ ବର୍ଷ ୪୨ତମ ଶିଶୁ ଉତ୍ସବ କଟକ ସହର ସ୍ଥିତ ନୟାସଡକ ଓଷ୍ଟା କାର୍ଯ୍ୟାଳୟ ଠାରେ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ଟି ସାମ୍ବିଧାନିକ ଜିଲ୍ଲା ମଧ୍ୟରୁ ଦଶ ବିଭାଗରୁ ୩୧୦ ଜଣ ଛାତ୍ରଛାତ୍ରୀ ଏଥିରେ ଭାଗ ନେଇଥିଲେ। ସେହିପରି ମାଲକାନଗିରି ଜିଲ୍ଲାରୁ ଦଶ ଜଣ ଛାତ୍ରଛାତ୍ରୀ ଦଶଟି ବିଭାଗରେ ଭାଗ ନେଇଥିଲେ। ତନ୍ମଧ୍ୟରୁ ବାଲିମେଳା ସହରର ବାଳିକା ଉଚ୍ଚ ବିଦ ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଶୁଭସ୍ମିତା ସ୍ୱାଇଁ ତର୍କ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଉଚ୍ଚ କୋଟୀର ତର୍କ ପରିବେଷଣ କରି ଅତିଥି ମାନଙ୍କୁ ଆଚମ୍ଭିତ କରିବା ସହ ରାଜ୍ୟ ସ୍ତରରେ ପ୍ରଥମ ହୋଇଥିଲେ। ଶୁଭସ୍ମିତାଙ୍କ କୃତିତ୍ୱ ସମ୍ପର୍କରେ ଖବର ମିଳିବା ପରେ ବାଲିମେଳା ସହରରେ ଖୁସିର ଲହରୀ ଖେଳିଯାଇଛି। ରାଜ୍ୟ ସ୍ତରୀୟ କୃତି ଛାତ୍ରୀ ଶୁଭସ୍ମିତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।ସେହିପରି ଏକକ ନୃତ୍ୟ ବିଭାଗରେ ଏମଭି-୭ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀର ଛାତ୍ରୀ ଖୁଶବୁ ଭକ୍ତେ ସାନ୍ତ୍ୱନା ମୂଳକ



ଭାବେ ପୁରସ୍କୃତ ହୋଇ ଉଭୟ ଛାତ୍ରୀ ଦ୍ୱୟ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ୧୯୭୯ ମସିହାରୁ ଏହି ଶିଶୁ ଉତ୍ସବ ପାଳନ କରିଆସୁଥିବା ବେଳେ ଚଳିତ ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଦୀର୍ଘ ତିନି ଦିନ ଧ ରି ଏହି ଶିଶୁ ଉତ୍ସବ ପାଳନ କରାଯାଇଥିଲା। ଓଷ୍ଟା ଶିଶୁ ଉତ୍ସବ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଯୋଗ ଦେଇଥିବା ବେଳେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅ ବସରରେ ଓଷ୍ଟା ରାଜ୍ୟ ସଭାପତି ଅକ୍ଷୟ କୁମାର ମିଶ୍ର, ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶଙ୍କ ସମେତ ମାଲକାନଗିରି ଓଷ୍ଟା ଜିଲ୍ଲା ସଭାପତି ଅ ଲେଖ ଚନ୍ଦ୍ର ପ୍ରଧାନ, ସମ୍ପାଦକ ମନୋଜ କୁମାର ମହାପାତ୍ରଙ୍କ ସହ ଦୁଇ ଜଣ ପଥପ୍ରଦର୍ଶକ ଶିକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ।

# ବିଡ଼ି ଶ୍ରମିକ ସଂଘ ନେତା ଦୁଃଖୀ ଶ୍ୟାମ ରାଉତଙ୍କ ବିୟୋଗ

କଟକ: ବିଡ଼ି ଶ୍ରମିକ ସଂଘ ନେତା, କଟକ ଜିଲ୍ଲା ବାଲିଝରୀ ଆଞ୍ଚଳିକ ବିଡ଼ି ଶ୍ରମିକ ସଂଘ ର ସଭାପତି , ତଥା ସିପିଆଇ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଦୁଃଖୀ ଶ୍ୟାମ ରାଉତ (୮୪) ଙ୍କରଭୁବନେଶ୍ୱର କିମ୍ସ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ସମୟରେ ବିୟୋଗ ହୋଇଯାଇଛି। ସେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ। କମ୍ରେଡ ରାଉତ ଦୀର୍ଘ ଦିନ ଧରି ବିଡ଼ି ଶ୍ରମିକ ମାନଙ୍କୁ ସଂଗଠିତ କରି ଶ୍ରମିକ ମାନଙ୍କର ଜୀବନ ଜୀବିକା ପାଇଁ ଦାବି ହାସଲ କରିବାରେ ସଫଳ ହୋଇଥିଲେ। ପୁରୁଷ ଓ ମହିଳା ଶ୍ରମିକ ମାନଙ୍କ ମଜୁରୀ ସମାନ କରିବା କୁ ଲଢାଇ ର ଅଗ୍ରଭାଗରେ ଥିଲେ। ରାଜ୍ୟର ଢେଙ୍କାନାଳ, ସମ୍ବଲପୁର, ଅନୁଗୋଳ କଟକ ଜିଲ୍ଲା ର ବହୁ ସ୍ଥାନକୁ ଯାଇ ବିଡ଼ି ଶ୍ରମିକ ମାନଙ୍କୁ ସଂଗଠିତ କରୁଥିଲେ ଓ ଲଢ଼େଇ କରି ସଫଳତା ପାଇଥିଲେ।



ସିପିଆଇ ଜୋନ୍ କମିଟି ର ସଦସ୍ୟ ଥିଲେ। ତାଙ୍କ ର ମୃତ୍ୟୁ ପରେ କଟକ ଜିଲ୍ଲା ବାଲିଝରି ଗ୍ରାମ କୁ ନିଆଯାଇ ଥିଲା। ସେଠାରେ ତାଙ୍କ ର ଶେଷ ଦର୍ଶନ ପାଇଁ ଶତାଧିକ ଶ୍ରମିକ, କୃଷକ, କ୍ଷେତମୂଲିଆ ଓ କମ୍ୟୁନିଷ୍ଟ ପାର୍ଟିର ବହୁ ସଭ୍ୟ ଯୋଗଦେଇ ମରଶରୀର ରେ ପୁଷ୍ପମାଲ୍ୟ ଓ ଲାଲ୍ ପତାକା ଦେଇ ସମ୍ମାନିତ କରିଥିଲେ। ସିପିଆଇ ଆଞ୍ଚଳିକ କମିଟି ସମ୍ପାଦକ ମନ୍ଦର ନାୟକ, ସୁଦର୍ଶନ ବଳିୟାର ସିଂହ, ଭୀମସେନ ନାୟକ, ରବୀନ୍ଦ୍ର ବାରିକ, ବିଚିତ୍ର ରାଉତ, ପ୍ରସନ୍ନ ବାରିକ ଙ୍କ ସମେତ ବହୁ ସାଥି ବାଲିଝରି ଗ୍ରାମ ଶମ୍ଶାନ କୁ ଶବ ଶୋଭାଯାତ୍ରାରେ ନିଆଯାଇ ଶବ ସତ୍କାର କରାଯାଇଥିଲା। ବଡ଼ପୁଅ ସୁଶାନ୍ତ ରାଉତ ମୁଖାଗ୍ନୀ ଦେଇଥିଲେ। ପରିବାର ବର୍ଗଙ୍କ ସମେତ ସାନପୁଅ ହେମନ୍ତ ରାଉତ, ବୋହୂ ନାତିନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ରେ କଟକ ଜିଲ୍ଲା ସମ୍ପାଦକ ବିନୋଦ କୁମାର ବେହେରା,ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ଶ୍ରମିକ ନେତା କିଶୋର ଜେନା, ଅମରେନ୍ଦୁ ମହାନ୍ତି, ଭ୍ରମରବର ସାହୁ, ବିପିନ ବିହାରୀ ପାଢ଼ୀ, ଅ ଶୋକ ତା ସହ ସମ୍ପାଦକ ଉଦୟ କେଶରୀ ବର୍ମା, ତ୍ରୈଲୋକ୍ୟ ନାଥ, ଗୋବିନ୍ଦ ନାୟକ, ପ୍ରମୁଖ ଶୋକ ପ୍ରକାଶ କରି ବିଡ଼ି ଶ୍ରମିକ ମାନଙ୍କ ପାଇଁ ସ୍ୱର ଉତ୍ତୋଳନ ସହ ଦୀର୍ଘ ସମୟ ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଦେଇଥିଲେବୋଲି ପ୍ରକାଶ କରିଥିଲେ। ଦ ୁଃଖୀ ଶ୍ୟାମ ରାଉତ ଅମର ରହେ। ଲାଲ ସଲାମ।

# ତାରିଣୀ ପାହାଡର ବିକାଶ ପାଇଁ ଜନସାଧାରଣଙ୍କ ଦାବି

କଣ୍ଟିଲୋ : କଣ୍ଟିଲୋ ଗ୍ରାମ ପଞ୍ଚାୟତ ପାଣି ଟାଙ୍କି ଉପରେ ଥିବା ତାରିଣୀ ପାହାଡରେ ଆଜକୁ ପ୍ରାୟ ୨୦ ବର୍ଷରୁ ଊର୍ଦ୍ଧ୍ୱ ହେବ କଣ୍ଟିଲୋ ମାଧବଚୈଧୁରୀ ପାଟଣା ସାହିର ଯୁବକ ଓ ବୟସ୍କ ପୁରୁଷ ମହିଳାଙ୍କ ସହଯୋଗ ଓ ସହାୟତା ବଳରେ ଉକ୍ତ ପାହାଡ ଉପରେ ମା ତାରିଣୀଙ୍କ ପ୍ରତିମା ପ୍ରତିଷ୍ଠା କରି ଭକ୍ତ ମାନଙ୍କ ସ୍ୱଳ୍ପ ଆର୍ଥିକ ସହାୟତା ବଳରେ ମନ୍ଦିର ନିର୍ମାଣ ଆରମ୍ଭ କରିବା ସହିତ ପାହାଡର ସୁରକ୍ଷା କରିଥିଲେ। ପରବର୍ତ୍ତୀ ସମୟରେ ମନ୍ଦିର ନିର୍ମାଣ ପାଇଁ ସରକାରଙ୍କ ତରଫରୁ କୈଣସି ଆବଶ୍ୟକୀୟ ଅର୍ଥ ଯୋଗାଡ଼ ନହୋଇପାରିବା ଫଳରେ ମନ୍ଦିରଟି ଅର୍ଦ୍ଧ ଭଗ୍ନ ଅବସ୍ଥାରେ ରହିବା ସହିତ ମୁକ୍ତାକାଶ ତଳେ ମା ତାରିଣୀ ପୂଜା ପାଉଛନ୍ତି। ବର୍ତ୍ତମାନ ର ସରକାର ମଠ ମନ୍ଦିର ଉପରେ ଗୁରୁତ୍ୱ ଦେଉଥିବାରୁ ଖଣ୍ଡପଡ଼ାର ଯୁବ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଏହି ତାରିଣୀ ପୀଠର ବିକାଶ ନିମନ୍ତେ ସରକାରୀ ଅନୁଦାନ ଯୋଗାଇ ଦେବାପାଇଁ ସମସ୍ତ ଜନସାଧାରଣ ଦାବି କରିଛନ୍ତି। ଏହି ପୀଠଟି ପର୍ଯ୍ୟଟକ ମାନଙ୍କ ପାଇଁ ପର୍ଯ୍ୟଟନ ସ୍ଥଳ ହୋଇପାରନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



# କ୍ରୀଡ଼ା ଜଗତ



# ୨୦୨୫ ସଫଳତାର ବର୍ଷ: ମୋଦି

ନୂଆଦିଲ୍ଲୀ:ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି ଯେ ୨୦୨୫ ଭାରତ ପାଇଁ ଗର୍ବର ସଫଳତାର ବର୍ଷ ହୋଇଛି। 'ଅପରେସନ୍ ସିନ୍ଦୂର' ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ଏହା ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି ଏବଂ ବିଶ୍ୱକୁ ଦେଖାଇଛି ଯେ ଦେଶ ନିଜର ସୁରକ୍ଷା ସହିତ କୌଣସି ସାଲିସ କରେ ନାହିଁ। ତାଙ୍କର ମାସିକ 'ମନ କି ବାତ୍' ଅଭିଭାଷଣରେ, ମୋଦି କହିଛନ୍ତି ଯେ ୨୦୨୬ ବର୍ଷ ଆଉ ମାତ୍ର କିଛି ଦିନ ବାକି ଅଛି,ଏବଂ ଏହି ବିଦାୟୀ ବର୍ଷ ଦେଶର ପ୍ରଭାବ ସବୁଠି ଦୃଶ୍ୟମାନ ହୋଇଥିଲା।

ଏହି 'ମନ କି ବାତ୍' କାର୍ଯ୍ୟକ୍ରମ ପ୍ରଧାନମନ୍ତ୍ରୀଙ୍କ ୨୦୨୫ର ଶେଷ ଅଭିଭାଷଣ ଥିଲା। ସେ କହିଛନ୍ତି, '୨୦୨୫ ଆମକୁ ଅନେକ ମୁହୂର୍ତ୍ତ ଦେଇଛି ଯାହା ପାଇଁ ପ୍ରତ୍ୟେକ ଭାରତୀୟ ଗର୍ବିତ। ଜାତୀୟ ସୁରକ୍ଷା ଠାରୁ ଆରମ୍ଭ କରି କ୍ରୀଡ଼ା କ୍ଷେତ୍ର, ବିଜ୍ଞାନ ପ୍ରୟୋଗଶାଳା ଠାରୁ ଆରମ୍ଭ କରି ବିଶ୍ୱର ସବୁଠାରୁ ବଡ଼ ପ୍ଲାଟଫର୍ମ ପର୍ଯ୍ୟନ୍ତ, ଭାରତ ସବୁଠି ଏକ ଦୃଢ଼ ଛାପ ଛାଡ଼ିଛି। ଏହି ବର୍ଷ, 'ଅପରେସନ୍ ସିନ୍ଦୂର' ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି। ବିଶ୍ୱ ସ୍ପଷ୍ଟ ଭାବରେ ଦେଖିଲା ଯେ ଆଜିର ଭାରତ ଏହାର ସୁରକ୍ଷା ସହିତ ସାଲିସ କରେ ନାହିଁ।' 'ଅପରେସନ୍ ସିନ୍ଦୂର' ସମୟରେ, ଦେଶର ପ୍ରତ୍ୟେକ କୋଣରୁ ଭାରତ ମାତାଙ୍କ ପ୍ରତି ପ୍ରେମ ଏବଂ ଭକ୍ତିର ପ୍ରତିଛବି ଉଭା ହୋଇଥିଲା। ଲୋକମାନେ ନିଜ ନିଜ ଭାବନାକୁ ନିଜ ନିଜ ଢଙ୍ଗରେ ପ୍ରକାଶ କରିଥିଲେ।' ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ୬ ଏବଂ ୭ ମେ ରାତିରେ 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନରେ ଆତଙ୍କବାଦୀ ଭିତ୍ତିଭୂମି ଉପରେ ସଠିକ୍ ଆକ୍ରମଣ କରିଥିଲା। ପହଲଗାମ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହୋଇଥିଲା। ୧୦ ମେରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ସାମରିକ ସଂଘର୍ଷ ସମାପ୍ତ କରିବା ପାଇଁ ଏକ ଚୁକ୍ତି ହୋଇଥିଲା। ମୋଦି କହିଥିଲେ ଯେ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂରଣ କରିବା ସମୟରେ ସମାନ ମନୋଭାବ ଦେଖାଯାଇଥିଲା। ସେ କହିଥିଲେ, 'ମୁଁ ଆପଣଙ୍କୁ 'ହ୍ୟାସଟ୍ୟାଗ୍ ବନ୍ଦେ ମାତରମ୍' ବ୍ୟବହାର କରିବାକୁ ଅନୁରୋଧ କରିଥିଲି।'

'୧୫୦' ସହିତ ଆପଣଙ୍କର ବାର୍ତ୍ତା ଏବଂ ପରାମର୍ଶ ପଠାନ୍ତୁ। ଦେଶବାସୀ ଏହି ଅଭିଯାନରେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ



୨୦୨୫ କ୍ରୀଡା ଦୃଷ୍ଟିରୁ ମଧ୍ୟ ଏକ ସ୍ମରଣୀୟ ବର୍ଷ ଥିଲା। ଆମର ପୁରୁଷ କ୍ରିକେଟ ଦଳ ଆଇସିସି (ଆନ୍ତର୍ଜାତୀୟ କ୍ରିକେଟ ପରିଷଦ) ଚାମ୍ପିଅନ୍ସ ଟ୍ରଫି ଜିତିଥିଲା ଏବଂ ମହିଳା କ୍ରିକେଟ ଦଳ ପ୍ରଥମ ଥର ପାଇଁ ବିଶ୍ୱକପ୍ ଜିତିଥିଲା। ସେ କହିଥିଲେ ଯେ ଭାରତର ଝିଅମାନେ ମହିଳା ଦୃଷ୍ଟିହୀନ ଟି-ଟୋଣ୍ଟି ବିଶ୍ୱକପ୍ ଜିତି ଇତିହାସ ରଚିଥିଲେ। ସେ କହିଥିଲେ ଯେ ଏସିଆ କପ୍ ଟି-ଟୋଣ୍ଟି ରେ ମଧ୍ୟ ତ୍ରିରଙ୍ଗା ଗର୍ବର ସହିତ ଉଡିଥିଲା। ସେ କହିଥିଲେ ଯେ ପାରା-ଆଥଲେଟମାନେ ବିଶ୍ୱ ଚାମ୍ପିଅନସିପରେ ଅନେକ ପଦକ ଜିତି ପ୍ରମାଣ କରିଛନ୍ତି ଯେ କୌଣସି ପ୍ରତିବନ୍ଧକ ସାହସକୁ ରୋକି ପାରିବ ନାହିଁ। ମୋଦୀ କହିଥିଲେ ଯେ ଭାରତ ବିଜ୍ଞାନ ଏବଂ ମହାକାଶ କ୍ଷେତ୍ରରେ ମଧ୍ୟ ବହୁତ ଆଗକୁ ବଢ଼ିଛି, ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ରରେ ପହଞ୍ଚିବା ପାଇଁ ପ୍ରଥମ ଭାରତୀୟ ହୋଇଛନ୍ତି। ସେ କହିଥିଲେ ଯେ ଆଜି ବିଶ୍ୱ ଭାରତକୁ ବଡ଼ ଆଶା ସହିତ ଦେଖୁଛି। ସେ କହିଥିଲେ ଯେ ଭାରତରେ ଆଶାର ସବୁଠାରୁ ବଡ଼ କାରଣ ହେଉଛି ଆମର ଯୁବଶକ୍ତି। ସେ କହିଥିଲେ, 'ବିଜ୍ଞାନ କ୍ଷେତ୍ରରେ ଆମର ସଫଳତା, ନୂତନ ଉଦ୍ଭାବନ ଏବଂ ପ୍ରଯୁକ୍ତିବିଦ୍ୟାର ପ୍ରସାର ବିଶ୍ୱର ଦେଶଗୁଡ଼ିକୁ ବହୁତ ପ୍ରଭାବିତ କରିଛି।' ପ୍ରଧାନମନ୍ତ୍ରୀ କହିଥିଲେ ଯେ ପରିବେଶ ସଂରକ୍ଷଣ ଏବଂ ବନ୍ୟପ୍ରାଣୀ ସୁରକ୍ଷା ସହିତ ଜଡିତ ଅନେକ ପ୍ରୟାସ ମଧ୍ୟ ୨୦୨୫ ର ପ୍ରମୁଖ ପରିଚୟ ପାଲଟିଛି। ସେ କହିଥିଲେ ଯେ ଭାରତରେ ଚିତାବାଘଙ୍କ ସଂଖ୍ୟା ଏବେ ୩୦ ରୁ ଅଧିକ ହୋଇଛି। ଏହି ବର୍ଷ ଅନୁଷ୍ଠିତ ଅନେକ କାର୍ଯ୍ୟକ୍ରମ ସମ୍ପର୍କରେ ସେ କହିଥିଲେ ଯେ ୨୦୨୫ ବିଶ୍ୱାସ, ସଂସ୍କୃତି ଏବଂ ଭାରତର ଅନନ୍ୟ ଐତିହ୍ୟକୁ ଏକାଠି ପ୍ରଦର୍ଶନ କରିଥିଲା। ସେ କହିଥିଲେ, 'ବର୍ଷ ଆରମ୍ଭରେ ପ୍ରୟାଗରାଜ ମହାକୁମ୍ଭ ସମଗ୍ର ବିଶ୍ୱକୁ ଆଶ୍ଚର୍ଯ୍ୟ କରିଥିଲା। ବର୍ଷ ଶେଷରେ ଅଯୋଧ୍ୟାର ରାମ ମନ୍ଦିରରେ ପତାକା ଉତ୍ତୋଳନ ଉତ୍ସବ ପ୍ରତ୍ୟେକ ଭାରତୀୟଙ୍କୁ ଗର୍ବରେ ଭରି ଦେଇଥିଲା।' ମୋଦୀ କହିଥିଲେ ଯେ ସ୍ୱଦେଶୀ ପ୍ରତି ଲୋକଙ୍କ ଉତ୍ସାହ ମଧ୍ୟ ସ୍ପଷ୍ଟ ଥିଲା, ଏବଂ ଲୋକମାନେ କେବଳ ସେହି ସାମଗ୍ରୀ କିଣୁଛନ୍ତି ଯାହା ଜଣେ ଭାରତୀୟଙ୍କ ଝାଳ ବହନ କରେ ଏବଂ ଭାରତୀୟ ମାଟିର ସୁଗନ୍ଧ ବହନ କରେ। ସେ କହିଥିଲେ, 'ଆଜି ଆମେ ଗର୍ବର ସହିତ କହିପାରିବା ଯେ ୨୦୨୫ ଭାରତକୁ ଅଧିକ ଆତ୍ମବିଶ୍ୱାସ ଦେଇଛି। ଏହା ମଧ୍ୟ ସତ୍ୟ ଯେ ଏହି ବର୍ଷ ଆମକୁ ଅନେକ କ୍ଷେତ୍ରରେ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଥିଲା। ଏବେ ଦେଶ ୨୦୨୬ ରେ ନୂତନ ଆଶା ଏବଂ ନୂତନ ସଂକଳ୍ପ ସହିତ ଆଗକୁ ବଢ଼ିବାକୁ ପ୍ରସ୍ତୁତ।'

ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍

ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା କ୍ଷେତ୍ର ପର୍ଯ୍ୟନ୍ତ, ବିଜ୍ଞାନ ପ୍ରୟୋଗଶାଳାଠାରୁ ଆରମ୍ଭ କରି ବିଶ୍ୱର ସବୁଠାରୁ ବଡ଼ ପ୍ଲାଟଫର୍ମ ପର୍ଯ୍ୟନ୍ତ, ଭାରତ ସବୁଠି ଏକ ଦୃଢ଼ ଛାପ ସୃଷ୍ଟି କରିଛି।

### ଖାଦ୍ୟ ଥାଳିରେ ଜଳବାୟୁ ପରିବର୍ତ୍ତନର ବିଷ

## ବାୟୁମଣ୍ଡଳରେ ବଢୁଥିବା ଅଙ୍ଗାରକାମ୍ଳ ଯୋଗୁଁ ଗୁଣବତ୍ତା ହରାଉଛି ଫସଲ

ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଏବେ ମଣିଷର ଥାଳିରେ ପହଞ୍ଚିବାକୁ ଆରମ୍ଭ କଲାଣି। ବାୟୁମଣ୍ଡଳରେ କ୍ରମାଗତ ଭାବେ ବଢୁଥିବା ଅଙ୍ଗାରକାମ୍ଳ (ଉବକ୍ସଭକ୍ଟଭ ୟସକ୍ଟଙ୍ଘସୟର) ଗ୍ୟାସ ଆମର ପ୍ରମୁଖ ଫସଲଗୁଡ଼ିକରୁ ପୋଷକ ତତ୍ତ୍ୱ ଛଡ଼ାଇ ନେଉଥିବା ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। ନେଦରଲ୍ୟାଣ୍ଡର ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଏହି ଗବେଷଣା ଅନୁଯାୟୀ, ବାୟୁରେ ଅଙ୍ଗାରକାମ୍ଳର ମାତ୍ରା ବୃଦ୍ଧି ଯୋଗୁଁ ଗହମ, ଧାନ, ଚଣା ଏବଂ ଆଳୁ ଭଳି ଖାଦ୍ୟଶସ୍ୟରେ ପୁଷ୍ଟିସାର (ଚକ୍ସକ୍ଟସ୍ପରସଭ), ଦସ୍ତା (ତସଭମ) ଏବଂ ଲୌହସାର (ଓକ୍ସକ୍ଟଭ) ଭଳି ଅତ୍ୟାବଶ୍ୟକ ଉପାଦାନ କମିବାରେ ଲାଗିଛି। ଏହାର ଅର୍ଥ ହେଉଛି ଭବିଷ୍ୟତରେ ମଣିଷ ପେଟ ଭରି ଖାଦ୍ୟ ଖାଇଲେ ମଧ୍ୟ ତାହାର ଶରୀରକୁ ଆବଶ୍ୟକ ପୋଷଣ ମିଳିବ ନାହିଁ।

ଏହି ଶୋଧରୁ ଆହୁରି ମଧ୍ୟ ଜଣାପଡ଼ିଛି ଯେ ବାୟୁ ପ୍ରଦୂଷଣ ଯୋଗୁଁ ଫସଲରେ ସୀସା (ଖରବୟ) ଭଳି ବିଷାକ୍ତ ଧାତୁର ପରିମାଣ ବଢ଼ିପାରେ, ଯାହା ଶିଶୁ ଏବଂ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପାଇଁ ଗମ୍ଭୀର ବିପଦ ସୃଷ୍ଟି କରିବ। ବିଶେଷକରି ଏସିଆ ଏବଂ ଆଫ୍ରିକା ମହାଦେଶର ଏକ ବୃହତ ଜନସଂଖ୍ୟା ଯେଉଁମାନେ ମୁଖ୍ୟତଃ ଧାନ ଓ ଗହମ ଉପରେ ନିର୍ଭର କରନ୍ତି, ସେମାନେ ଏହି ପରିବର୍ତ୍ତନ ଯୋଗୁଁ ସବୁଠାରୁ ଅଧିକ ପ୍ରଭାବିତ ହେବେ। ବୈଜ୍ଞାନିକମାନେ ସତର୍କ କରାଇ ଦେଇଛନ୍ତି ଯେ 'ଖାଦ୍ୟ ସୁରକ୍ଷା' କହିଲେ କେବଳ ଭୋକ ମେଣ୍ଟାଇବାକୁ ବୁଝାଏ ନାହିଁ, ବରଂ ଖାଦ୍ୟରେ ଶରୀରର ଆବଶ୍ୟକତା ପୂରଣ କରୁଥିବା ଗୁଣବତ୍ତା ରହିବା ମଧ୍ୟ ଜରୁରୀ। ବର୍ତ୍ତମାନ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ସ୍ତର ଏକ ବିପଜ୍ଜନକ ସୀମା ଆଡ଼କୁ ଗତି କରୁଥିବାରୁ ଏହା ସମଗ୍ର ବିଶ୍ୱ ପାଇଁ ଏକ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି।

## ଆଇପିଏଲରୁ ବାଂଲାଦେଶୀ ଖେଳାଳିଙ୍କୁ ବାହାର କର: ଦେବକୀନନ୍ଦନ ଠାକୁର

ନୂଆଦିଲ୍ଲୀ: ଇଣ୍ଡିଆନ୍ ପ୍ରିମିୟର ଲିଗ୍ ରେ ଜଣେ ବାଂଲାଦେଶୀ ଖେଳାଳିଙ୍କୁ ସାମିଲ କରିବା ନେଇ ବିବାଦ ଘନୀଭୂତ ହେଉଛି। ଏନେଇ କଥାବାଚକ ଦେବକୀନନ୍ଦନ ଠାକୁର ଏହି ପ୍ରସଙ୍ଗରେ ଏକ କଡ଼ା ବିବୃତ୍ତି ଜାରି କରି ବିସିସିଆଇକୁ ଆଇପିଏଲରେ ବାଂଲାଦେଶୀ କ୍ରିକେଟରଙ୍କୁ ସାମିଲ ନକରିବାକୁ ଅନୁରୋଧ କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଯେ କାହିଁକି ବାଂଲାଦେଶୀ କ୍ରିକେଟରଙ୍କୁ ଆଇପିଏଲରେ ସାମିଲ କରାଯାଇଛି ଏବଂ ହିନ୍ଦୁମାନଙ୍କ ଭାବନାକୁ କାହିଁକି ବାରମ୍ବାର ଅଣଦେଖା କରାଯାଉଛି।

ଦେବକୀନନ୍ଦନ ଠାକୁର ତାଙ୍କ ବିବୃତ୍ତିରେ କହିଛନ୍ତି, 'ଆମେ କହିଥିଲୁ ଯେ କୌଣସି



ବାଂଲାଦେଶୀ କ୍ରିକେଟରଙ୍କୁ ସାମିଲ କରାଯିବା ଉଚିତ୍ ନୁହେଁ। ଆମେ କେଉଁ ଆଇପିଏଲ ଦଳରେ ବାଂଲାଦେଶୀ ଅଛନ୍ତି ତାହା ଜାଣିବା ପାଇଁ ଏକ ସନ୍ଧାନ କରିଥିଲୁ। ଆମେ ପାଇଥିଲୁ ଯେ ଜଣେ ବାଂଲାଦେଶୀ କ୍ରିକେଟର ଅଛନ୍ତି, କେବଳ ଜଣଙ୍କୁ, ଆଇପିଏଲରେ କିଣାଯାଇଛି।'

ଦେବକୀନନ୍ଦନ ଠାକୁର, କୋଲକାତା ନାଇଟ୍ ରାଇଡର୍ସର ସିଧାସଳଖ ଉଲ୍ଲେଖ କରି କହିଛନ୍ତି, 'ଆମେ ସେମାନଙ୍କୁ ଏହା କହିବାକୁ ଚାହୁଁଛୁ: ଯଦି ଆପଣ ହିନ୍ଦୁମାନଙ୍କୁ ଭଲ ପାଆନ୍ତି, ଯଦି ଆପଣ ଭାରତକୁ ଭଲ ପାଆନ୍ତି, ଏବଂ ଯଦି ଆପଣ ହିନ୍ଦୁମାନଙ୍କ ମୃତ୍ୟୁ ପାଇଁ ଦୁଃଖିତ ... ତେବେ କେକେଆର, ସେହି ବାଂଲାଦେଶୀ ଖେଳାଳିଙ୍କୁ ଆପଣଙ୍କ ଦଳରୁ ବାହାର କରନ୍ତୁ, ତାଙ୍କୁ ତୁରନ୍ତ ବାହାର କରନ୍ତୁ।' ସେ ଏହା ମଧ୍ୟ କହିଛନ୍ତି ଯେ ଯଦି ଏହା କରା ନ ଯାଏ, ତେବେ ସେମାନେ କେକେଆରକୁ ବୟକଟ୍ କରିବାକୁ ବାଧ୍ୟ ହେବେ।

ତାଙ୍କ ବିବୃତ୍ତିରେ, ଦ୍ୱେକୀନନ୍ଦନ କହିଥିଲେ, 'ସେହି ବାଂଲାଦେଶୀ ଖେଳାଳିଙ୍କୁ ୯.୨ କୋଟି ଟଙ୍କାରେ କିଣାଯାଇଥିଲା ଏବଂ ସେହି ଟଙ୍କା କେଉଁଠିକି ଯିବ? ଏହା କ'ଣ ପାଇଁ ବ୍ୟବହାର କରାଯିବ? ଅନେକ ହିନ୍ଦୁଙ୍କୁ ହତ୍ୟା କରାଯିବ।' ଦେବକୀନନ୍ଦନ ଠାକୁର କହିଥିଲେ, 'କେକେଆର କର୍ତ୍ତୃପକ୍ଷ ଏହା ଭୁଲନ୍ତୁ ନାହିଁ, ଭାରତୀୟମାନେ ଆପଣଙ୍କୁ ହିରୋ କରିଥିଲେ, ଏବଂ ଯିଏ ଆପଣଙ୍କୁ ହିରୋ କରିପାରେ ସେ ଆପଣଙ୍କୁ ଶୂନ୍ୟ ମଧ୍ୟ କରିପାରେ।' ସେ ଚେତାବନୀ ଦେଇଥିଲେ ଯେ ଏବେ ସୁଧୁରିବାର ସମୟ, ନଚେତ୍ ସମୟ ବିପରୀତ ଦିଗରେ ପ୍ରବାହିତ ହେବା ଆରମ୍ଭ କରିବ ଏବଂ ତା'ପରେ କେହି ତୁମକୁ ରକ୍ଷା କରିପାରିବେ ନାହିଁ।

## ପୁଟିନଙ୍କ ବାସଭବନ ଉପରେ ଡ୍ରୋନ୍ ଆକ୍ରମଣ, ଗଭୀର ଚିନ୍ତା ପ୍ରକଟ କଲେ ମୋଦୀ

ମସ୍କୋ: ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ବାସଭବନ ଉପରେ ଡ୍ରୋନ୍ ଆକ୍ରମଣ ହୋଇଛି। ଏହି ଆକ୍ରମଣ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ଏକ୍ସରେ ଏକ ପୋଷ୍ଟ୍ କରି ମୋଦୀ କହିଛନ୍ତି, 'ରୁଷ୍ ରାଷ୍ଟ୍ରପତିଙ୍କ ବାସଭବନକୁ ଟାର୍ଗେଟ୍ କରାଯିବା ସଂକ୍ରାନ୍ତ ଖବରରେ ମୁଁ ଗଭୀର ଭାବେ ଚିନ୍ତିତ। ହିଂସା ଶେଷ କରି ଶାନ୍ତି ହାସଲ ଦିଗରେ ଆଗକୁ ବଢ଼ିବାପାଇଁ ଆମେ ସମସ୍ତ ପକ୍ଷଙ୍କୁ ଅନୁରୋଧ କରୁଛୁ ବୋଲି ସେ କହିଛନ୍ତି।

ରୁଷ୍‌ର ନାବ୍‌ଗୋରଦ ଅଞ୍ଚଳରେ ଡ୍ରୋନ୍ ଆକ୍ରମଣ ହୋଇଥିବା ନେଇ ଖବର ପ୍ରଘଟ ହେବାପରେ ମୋଦୀ ଏନେଇ ଚିନ୍ତା ପ୍ରକଟ କରିଛନ୍ତି। ଅନ୍ୟପକ୍ଷେ ରୁଷ୍ ଦାବି କରିଛି ଯେ ମସ୍କୋର ଉତ୍ତରରେ ନାବ୍‌ଗୋରଦ ଓବ୍ଲାଷ୍ଟରେ ରାଷ୍ଟ୍ରପତି ପୁଟିନଙ୍କ ବାସଭବନକୁ ଦୂରଗାମୀ ୟୁକ୍ରେନୀୟ ଡ୍ରୋନ୍ ନିକ୍ଷେପ କରିବାପାଇଁ ଉଦ୍ୟମ କରିଥିଲା। ରୁଷ ବିଦେଶ ମନ୍ତ୍ରୀ ସେର୍ଗି ଲାଭ୍‌ରୋଭ କହିଛନ୍ତି, ସମସ୍ତ ଡ୍ରୋନ୍ ରୁଷ୍ ଖସାଇ ଦେଇଛି ଏବଂ କାହାର କିଛି କ୍ଷୟକ୍ଷତି ହୋଇନାହିଁ। ତେବେ ରୁଷ୍ ବିଦେଶ ମନ୍ତ୍ରୀ ଚେତାବନୀ ଦେଇ କହିଛନ୍ତି ଯେ ସଠିକ୍ ସମୟରେ ରୁଷ୍ ଏହାର ଜବାବ ଦେବ। ଲାଭ୍‌ରୋଭ କହିଛନ୍ତି, ଏହି ଡ୍ରୋନ୍ ଆକ୍ରମଣ ଶାନ୍ତି ଉଦ୍ୟମକୁ ଭଣ୍ଡୁର କରିବାପାଇଁ ଏକ ଉଦ୍ୟମ। ସେ କହିଛନ୍ତି, ରୁଷ୍ ସେନା ଏହାର ପାଲଟା ଜବାବ ଦେବାପାଇଁ ନିର୍ଦ୍ଦିଷ୍ଟ ଟାର୍ଗେଟ୍ ସ୍ଥିର କରି ସାରିଛି। ଇତିମଧ୍ୟରେ ୟୁକ୍ରେନ ରୁଷ୍‌ର ଏହି ଅଭିଯୋଗକୁ ଖଣ୍ଡନ କରିଛି। ୟୁକ୍ରେନ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କି ଆକ୍ରମଣ ଖବର ସମ୍ପୂର୍ଣ୍ଣ ମନଗଢ଼ା ବୋଲି କହିଛନ୍ତି । ଟ୍ରମ୍ପ ଟିମ୍ ସହ ଆମର ସମସ୍ତ କୂଟନୈତିକ ଉଦ୍ୟମକୁ ଅସମ୍ମାନିତ କରିବାପାଇଁ ରୁଷ୍ ଏଭଳି ବିପଜ୍ଜନକ ବିବୃତି ବ୍ୟବହାର କରୁଥିବା ୟୁକ୍ରେନ କହିଛି।

## ମୂଷା ଖାଇଦେଲେ ୨୦୦ କେଜି ଗଞ୍ଜେଇ

ରାଞ୍ଚି: ହାଇପ୍ରୋଫାଇଲ ନିଶାଦ୍ରବ୍ୟ ଚୋରାଚାଲାଣ ମାମଲାରେ ରାଞ୍ଚିର ଏକ କୋର୍ଟ ମୁଖ୍ୟ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ଦୋଷମୁକ୍ତ କରିଛନ୍ତି। ଏହି ମାମଲାରେ ପୁଲିସର ଯୁକ୍ତିରେ କୋର୍ଟ ତାଜୁବ୍ ହୋଇଯାଇଛନ୍ତି। ପୁଲିସ ଜବତ କରି ନିଜ ହେପାଜତରେ ରଖିଥିବା ପାଖାପାଖି ୨୦୦ କେଜି ଓଜନର ଗଞ୍ଜେଇ (ମାରିଜୁଆନା) ଯାହାର ବଜାର ମୂଲ୍ୟ ପ୍ରାୟ ୧ କୋଟି ଟଙ୍କା ହେବ ତାକୁ ମୂଷା ନଷ୍ଟ କରିଦେଇଥିବା କୋର୍ଟରେ ତଥ୍ୟ ରଖାଯାଇଥିଲା। ଏହିସବୁ ମାରିଜୁଆନାକୁ ଜାନୁଆରି ୨୦୨୨ରେ ଓରମାଞ୍ଜି ପୁଲିସ ଦ୍ୱାରା ଜବତ କରାଯାଇଥିଲା।

ପୁଲିସ ଏକ ଗୁପ୍ତ ସୂଚନା ଆଧାରରେ ରାଞ୍ଚିରୁ ରାମଗଡ଼କୁ ଏକ ବୋଲେରେରେ ମାରିଜୁଆନା ଚାଲାଣ ହେଉଥିବାବେଳେ ଚଢଉ କରି ଇନ୍ଦ୍ରଜିତ ରାୟ ଓରଫ ଅନୁରଜିତ୍ ରାୟ (୨୬)ଙ୍କୁ ଗିରଫ କରିଥିଲା। ଗାଡ଼ିରେ ବସିଥିବା ଅନ୍ୟ ଦୁଇ ଜଣ ବ୍ୟକ୍ତି ଫେରାର ହେବାରେ ସକ୍ଷମ ହୋଇଥିଲେ। ଉକ୍ତ ଗାଡ଼ିରେ ପାଖାପାଖି ୨୦୦ କେଜି ଗଞ୍ଜେଇ ଚାଲାଣ ହେଉଥିଲା। ପୁଲିସ ଇନ୍ଦ୍ରଜିତକୁ ଗିରଫ କରି ଜେଲ ପଠାଇଥିଲା। ପରେ ଏନ୍‌ଡିପିଏସ୍ ଆଇନ ବଳରେ ଅଭିଯୋଗପତ୍ର ଦାଖଲ କରିଥିଲା। କିନ୍ତୁ ବିଚାର ପ୍ରକ୍ରିୟାରେ ଅଗ୍ରଗତି ଅନୁଯାୟୀ ଅଭିଯୁକ୍ତ ବିରୋଧରେ ପୁଲିସ କୌଣସି ପ୍ରମାଣ ଉପସ୍ଥାପନ କରିପାରିନଥିଲା। ଏପରିକି କୌଣସି ପ୍ରତ୍ୟକ୍ଷଦର୍ଶୀ ଅଭିଯୁକ୍ତକୁ କିଏ ଅଟକ ରଖିଥିଲା ତାହା ମଧ୍ୟ କୋର୍ଟ ଆଗରେ କହିପାରିନଥିଲେ। ଜବତ ଗାଡ଼ି କେଉଁଠି ଧରାପଡ଼ିଥିଲା, କେତେ ସମୟରେ ତଲାସୀ ଅଭିଯାନ ଚାଲିଥିଲା ସେ ନେଇ ମଧ୍ୟ ପୁଲିସ ତଥ୍ୟ ରଖିପାରି ନଥିଲା। ଶେଷରେ ପ୍ରମାଣ ଭାବେ ଓରମାଞ୍ଜି ପୁଲିସ ଷ୍ଟେସନରେ ଥିବା ଜବତ ଗଞ୍ଜେଇକୁ ମୂଷା ନଷ୍ଟ କରିଦେଇଥିଲା।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅନୁଶାସିତ ଦିନଚର୍ଯ୍ୟା ଜରୁରୀ: ହାର୍ଭାର୍ଡ ବିଶେଷଜ୍ଞଙ୍କ ବୈଜ୍ଞାନିକ ପରାମର୍ଶ

ନୂଆଦିଲ୍ଲୀ: ସୁସ୍ଥ ରହିବା କେବଳ ଗୋଟିଏ ଦିନର ପ୍ରୟାସ ନୁହେଁ, ବରଂ ଏକ ନିୟମିତ ଏବଂ ଅନୁଶାସିତ ଦିନଚର୍ଯ୍ୟାର ଫଳାଫଳ ବୋଲି ହାର୍ଭାର୍ଡ ମେଡିକାଲ କଲେଜ ସହିତ ଜଡ଼ିତ ଡାକ୍ତର ତୃଷା ପସ୍ରିଚା ବିଭିନ୍ନ ବୈଜ୍ଞାନିକ ଅଧ୍ୟୟନ ଆଧାରରେ ମତ ପ୍ରକାଶ କରିଛନ୍ତି। ତାଙ୍କ ଅନୁଯାୟୀ, ଦିନର ପ୍ରାରମ୍ଭିକ ସମୟ ଆମ ସ୍ୱାସ୍ଥ୍ୟ ଓ କାର୍ଯ୍ୟଦକ୍ଷତା ଉପରେ ସବୁଠାରୁ ଅଧିକ ପ୍ରଭାବ ପକାଇଥାଏ, ତେଣୁ ସକାଳ ସମୟରେ ପ୍ରାକୃତିକ ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ସହ ଶାରୀରିକ ଭାବେ ସକ୍ରିୟ ରହିବା ଏବଂ ପ୍ରୋଟିନ୍ ଓ ଫାଇବର ଯୁକ୍ତ ଖାଦ୍ୟ ଖାଇବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକ୍ଷେତ୍ରରେ ଏକାଗ୍ରତା ବୃଦ୍ଧି ପାଇଁ ସକାଳ ସମୟକୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବ୍ୟବହାର କରିବା ସହ ପ୍ରତି ୫୦ ମିନିଟ୍ କାମ ପରେ ୧୦ ମିନିଟର ବିରତି ନେବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଛନ୍ତି। ମଧ୍ୟାହ୍ନ ଭୋଜନ ପରେ ଶରୀରରେ ଆସୁଥିବା ଆଳସ୍ୟ ଦୂର କରିବାକୁ କିଛି ସମୟ ଚାଲିବା ଏବଂ ଅପରାହ୍ନରେ କ୍ୟାଫେନ୍ ଯୁକ୍ତ ପାନୀୟରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ହିତକର। ସେହିପରି ଉତ୍ତମ ପାଚନ ପ୍ରକ୍ରିୟା ପାଇଁ ସନ୍ଧ୍ୟା ସମୟରେ ଶୀଘ୍ର ଭୋଜନ କରିବା ଏବଂ ଦିନର ୮ ରୁ ୧୦ ଘଣ୍ଟା ମଧ୍ୟରେ ହିଁ ଖାଦ୍ୟ ଗ୍ରହଣ କରିବା ଉଚିତ। ଶୋଇବା ପୂର୍ବରୁ ମଦ୍ୟପାନ ବା ଧୂମପାନ ନକରି ମାତ୍ର ୫ ମିନିଟର ଧ୍ୟାନ କରିବା ଦ୍ୱାରା ମନ ଶାନ୍ତ ରହିବା ସହ ଗଭୀର ନିଦ୍ରା ହୋଇଥାଏ ବୋଲି ଅଧ୍ୟୟନରୁ ଜଣାପଡ଼ିଛି। ମୋଟାମୋଟି ଭାବେ, ସକାଳର ସକ୍ରିୟତା ଏବଂ ରାତିର ଶାନ୍ତ ଦିନଚର୍ଯ୍ୟା ହିଁ ଜଣେ ବ୍ୟକ୍ତିକୁ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ।

## ଅନୁପ୍ରବେଶ ପ୍ରସଙ୍ଗ, ଶାହ-ମମତା ମୁହାଁମୁହିଁ

ନୂଆଦିଲ୍ଲୀ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ପଶ୍ଚିମବଙ୍ଗରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିଲେ ରାଜ୍ୟରୁ ଅନୁପ୍ରବେଶକାରୀଙ୍କୁ ହଟାଇବ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାରକୁ ଚ୍ୟାଲେଂଜ କରିବା ସହ ଏ ବାବଦରେ କଡ଼ା ପ୍ରତିଶ୍ରୁତି ଦେଇ ଶାହ କହିଛନ୍ତି, ନାଗରିକତା ସଂଶୋଧନ ଆଇନ(ସିଏଏ) ଲାଗୁ କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବ ଏବଂ ସେମାନଙ୍କୁ ରାଜ୍ୟରୁ ବାହାର କରାଯିବ। ଶାହଙ୍କ ଏହି ଘୋଷଣା ବିଜେପିର ନିର୍ବାଚନୀ ରଣନୀତିର ଏକ ମୁଖ୍ୟ ଦିଗ ବୋଲି କୁହାଯାଉଥିବା ବେଳେ ଏହି ପ୍ରସଙ୍ଗରେ ରାଜ୍ୟ ରାଜନୀତି ସରଗରମ ହୋଇଉଠିଛି।

ମମତା ବାନାର୍ଜୀଙ୍କୁ କଡ଼ା ସମାଲୋଚନା କରି ଶାହ କହିଛନ୍ତି, ତୃଣମୂଳ କଂଗ୍ରେସ ସରକାର ଅନୁପ୍ରବେଶକାରୀଙ୍କୁ ପ୍ରଶ୍ରୟ ଦେଉଛି ଏବଂ ସେମାନଙ୍କ ଭୋଟ୍ ପାଇଁ ରାଜ୍ୟକୁ ବିପଦଗ୍ରସ୍ତ କରିଛି। ସେ କହିଛନ୍ତି ଯେ ବିଜେପି କ୍ଷମତାକୁ ଆସିଲେ ସିଏଏ ପୂରା ଲାଗୁ କରାଯିବ ଏବଂ ଯୋଗ୍ୟ ହିନ୍ଦୁ, ଶିଖ, ବୌଦ୍ଧ ଓ ଅନ୍ୟ ଧର୍ମାବଲମ୍ବୀଙ୍କୁ ନାଗରିକତା ଦିଆଯିବ। ତେବେ ଅନୁପ୍ରବେଶକାରୀଙ୍କୁ କୌଣସି ସୁବିଧା ଦିଆଯିବ ନାହିଁ ଏବଂ ସୀମା ସିଲ୍ କରାଯିବ।

ଶାହ ଆହୁରି କହିଛନ୍ତି ଯେ ମମତା ସରକାର ରାଜ୍ୟରେ ଅନୁପ୍ରବେଶକାରୀଙ୍କୁ ଭୋଟର କାର୍ଡ ଓ ଆଧାର କାର୍ଡ ଦେଇ ସେମାନଙ୍କୁ



ସୁରକ୍ଷା ଦେଉଛି। ଏହା ଦେଶର ସୁରକ୍ଷା ପାଇଁ ବିପଦ ବୋଲି ସେ କହିଛନ୍ତି। ଏହା ସହ ଶାହ ରାଜ୍ୟରେ ତୃଣମୂଳ କଂଗ୍ରେସର ଦୁର୍ନୀତି ଓ ହିଂସାକୁ ମଧ୍ୟ ସମାଲୋଚନା କରିଛନ୍ତି। ଟିଏମ୍‌ସିର ୧୫ ବର୍ଷର କୁଶାସନର ପରିସମାପ୍ତି ଘଟାଇବା ପାଇଁ ବିଜେପି ବଦ୍ଧପରିକର ବୋଲି ଶାହ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟ ବିଧାନସଭା ନିର୍ବାଚନ ଆଗାମୀ ଏପ୍ରିଲରେ ହେବାକୁ ଥିବା ବେଳେ ଶାହ ହିନ୍ଦୁ ଭୋଟରଙ୍କୁ ଏକଜୁଟ କରିବାର ରଣନୀତି ଆପଣାଇଛନ୍ତି।

## ପିଲାଙ୍କୁ ପାଠ ପଢ଼ାଇବା ସହ ରାସ୍ତାରେ କୁକୁର ଗଣିବେ ଶିକ୍ଷକ

ନୂଆଦିଲ୍ଲୀ : ସରକାରୀ ଏବଂ ବେସରକାରୀ ସ୍କୁଲର ଶିକ୍ଷକମାନେ ଏବେ ଶ୍ରେଣୀ ଗୃହରେ ପାଠପଢ଼ା ସହିତ ରାସ୍ତାରେ ବୁଲା କୁକୁର ଗଣନା କରିବେ । ଏ ନେଇ ଦିଲ୍ଲୀ ସରକାରଙ୍କ ଶିକ୍ଷା ନିର୍ଦ୍ଦେଶାଳୟ ଏକ ନିର୍ଦ୍ଦେଶ ଜାରି କରିଛି । ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଅନୁଯାୟୀ, ଏହି କାର୍ଯ୍ୟ ଜନସାଧାରଣଙ୍କ ସୁରକ୍ଷା ପାଇଁ ଏବଂ ସୁପ୍ରିମକୋର୍ଟଙ୍କ ନଭେମ୍ବର ୭ ତାରିଖରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ପାଳନ କରିବା ପାଇଁ କରାଯାଉଛି। କୋର୍ଟ ନିର୍ଦ୍ଦିଷ୍ଟ କରିଥିଲେ ଯେ ଶିକ୍ଷାନୁଷ୍ଠାନ, ହସ୍ପିଟାଲ ଏବଂ ସାର୍ବଜନୀନ ସ୍ଥାନରୁ ବୁଲା କୁକୁର ମାନଙ୍କୁ ବାହାର କରି ନିର୍ଦ୍ଦିଷ୍ଟ ଆଶ୍ରୟ ସ୍ଥଳକୁ ପଠାଯିବା ଉଚିତ ସ୍ଥାନାନ୍ତର ପୂର୍ବରୁ ଏହି କୁକୁର ମାନଙ୍କର ବନ୍ଧ୍ୟାକରଣ ଏବଂ ଟୀକାକରଣ ନିଶ୍ଚିତ କରିବା ମଧ୍ୟ ବାଧ୍ୟତାମୂଳକ । ନିର୍ଦ୍ଦେଶାଳୟ ଏହି କାର୍ଯ୍ୟକୁ "ସର୍ବାଧିକ ପ୍ରାଥମିକତା" ଭାବରେ ବର୍ଣ୍ଣନା କରିଛି । କେବଳ ଉତ୍ତର-ପଶ୍ଚିମ ଜିଲ୍ଲାରୁ ପ୍ରାୟ ୧୧୮ ଜଣ ସରକାରୀ ଶିକ୍ଷକଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି । ତେବେ ଏହି ନିର୍ଦ୍ଦେଶ ଆସିବା ମାତ୍ରେ ଶିକ୍ଷକ ସଂଗଠନ ଗୁଡ଼ିକ ସରକାରଙ୍କ ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିଛନ୍ତି । ସରକାରୀ ସ୍କୁଲ ଶିକ୍ଷକ ସଂଘ ଯୁକ୍ତି ରଖିଛି ଯେ ଶିକ୍ଷକ ମାନଙ୍କୁ ଏପରି କାର୍ଯ୍ୟରେ ନିୟୋଜିତ କରିବା ସେମାନଙ୍କ ମର୍ଯ୍ୟାଦା ବିରୋଧୀ । ସୂଚନାଯୋଗ୍ୟ ଯେ କେବଳ ଦିଲ୍ଲୀ ଏକମାତ୍ର ରାଜ୍ୟ ନୁହେଁ ବରଂ ଏହା ପୂର୍ବରୁ ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଛତିଶଗଡ଼ ଏବଂ ଜମ୍ମୁ ଏବଂ କାଶ୍ମୀରରେ ବୁଲା କୁକୁର ଗଣନା ଏବଂ ପରିଚାଳନା ପାଇଁ ସମାନ ନିର୍ଦ୍ଦେଶ ଜାରି କରାଯାଇଛି। ବର୍ତ୍ତମାନ ଶିକ୍ଷକ ସଂଘଗୁଡ଼ିକ ଏହି ପ୍ରସଙ୍ଗରେ ଶିକ୍ଷା ମନ୍ତ୍ରୀଙ୍କୁ ଚିଠି ଲେଖି ଏହି ନିର୍ଦ୍ଦେଶ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି ।

## ଘନ କୁହୁଡ଼ି ଯୋଗୁ ଦିଲ୍ଲୀରେ ୧୫୦ରୁ ଅଧିକ ବିମାନ ବିଳମ୍ବିତ

ନୂଆଦିଲ୍ଲୀ: ଘନ କୁହୁଡ଼ି ଯୋଗୁ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ମଙ୍ଗଳବାର ୧୫୦ରୁ ଅଧିକ ବିମାନ ବିଳମ୍ବିତ ହୋଇଛି। କମ୍ ଦୃଶ୍ୟମାନତା ଯୋଗୁଁ ବିମାନବନ୍ଦରରେ ଜରୁରୀ ମାନକ ପ୍ରକ୍ରିୟା ଲାଗୁ ହୋଇଛି ଏବଂ ଯାତ୍ରୀମାନଙ୍କୁ ବିମାନ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ ଦିଆଯାଇଛି।

କୁହୁଡ଼ି ଓ ଧୂଆଁର ମିଶ୍ରଣ ଯୋଗୁଁ ରାଜଧାନୀର ବାୟୁ ଗୁଣବତ୍ତା 'ଅତି ଖରାପ' ବର୍ଗରେ ରହିଛି। ସାମଗ୍ରିକ ଏକ୍ୟୁଆଇ ପ୍ରାୟ ୩୭୦ ରହିଛି ଏବଂ ଅନେକ ଅଞ୍ଚଳରେ ୪୦୦ ଅତିକ୍ରମ କରି 'ଗମ୍ଭୀର' ସ୍ତରରେ ପହଞ୍ଚିଛି। ଆନନ୍ଦ ବିହାର, ପାଞ୍ଜାବୀ ବାଗ୍ ଓ ଆଁକେପୁରମ୍ ଭଳି ଅଞ୍ଚଳରେ ଏକ୍ୟୁଆଇ ସର୍ବାଧିକ ଖରାପ ରହିଛି। ବିମାନବନ୍ଦର ଅଧିକାରୀ କହିଛନ୍ତି ଯେ ଦୃଶ୍ୟମାନତା ୫୦ ମିଟରରୁ କମ୍ ରହିଛି ଏବଂ ଏହା ଯୋଗୁଁ ଅନେକ ବିମାନ ଡାଇଭର୍ଟ ହୋଇଛି ବା ବିଳମ୍ବିତ ହୋଇଛି। ରେଳ ସେବା ମଧ୍ୟ ଗଭୀର ପ୍ରଭାବିତ ହୋଇଛି ଏବଂ ଉତ୍ତର ଭାରତରେ ଅନେକ ଟ୍ରେନ୍ ଘଣ୍ଟା ଘଣ୍ଟା ବିଳମ୍ବିତ ହେଉଛି। ରାଜଧାନୀର ରାସ୍ତାଘାଟରେ ଯାନବାହନ ଧୀର ଗତିରେ ଚାଲୁଛି ଏବଂ ଦୁର୍ଘଟଣାର ଆଶଙ୍କା ବଢ଼ିଛି। ଦିଲ୍ଲୀରେ ଗ୍ରେଡେଡ୍ ରେସପନ୍ସ ଆକ୍ସନ ପ୍ଲାନ୍ (ଗ୍ରାପ୍)ର ଷ୍ଟେଜ୍ ତିନି ଜାରି ରହିଛି। ଏହାଅନୁଯାୟୀ ନିର୍ମାଣ କାର୍ଯ୍ୟ, ଶିଳ୍ପ ନିର୍ଗମନ ଓ ଯାନବାହନ ଉପରେ କଟକଣା ଲାଗିଛି। 'ପିୟୁସି ନଥିଲେ ଇନ୍ଧନ ନାହିଁ' ନିୟମ କଡ଼ାକଡ଼ି କରାଯାଇଛି। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଶିଶୁ, ବୃଦ୍ଧ ଓ ଶ୍ୱାସକ୍ରିୟା ରୋଗୀଙ୍କୁ ବାହାରକୁ ନଯିବାକୁ ଏବଂ ଏନ୍୯୫ ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications ,Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 8280000007,
Printed at Om printers,Mancheswar Industrial Estate,Bhubaneswar - 751010

**Chief Editor: Sirdhartha Roy**
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

**Editor - Monalisa Das**
ସମ୍ପାଦିକା: ମୋନାଲିସା ଦାସ